


# ଅତୁଟ ସମ୍ପର୍କ

ପୁଷ୍ପଲତା ମିଶ୍ର




କଲେଜର କୃଷ୍ଣଚୂଡ଼ା ଗଛ ମୂଳରେ ବସିଥାଏ ମାନସୀ। ଘର ପାଖରୁ କଲେଜ ଦୂର ଥିବାରୁ ସରକାରୀ ବସ ରେ ସକାଳ ସାତଟାରେ ଆସି କଲେଜ ପାଖରେ ପହଁଚି ପରୀକ୍ଷା ପାଇଁ ଅପେକ୍ଷା କରି ଥାଏ ମାନସୀ। ଏକା ଏକା ଲାଗିଲେ ବି ତା ସହିତ ବହିକୁ ସାଥୀ କରି ପୃଷ୍ଠା ଲେଉଟାଇ ଆଖି ପକାଉଥାଏ। ସମୟ ଜୀବନର ସବୁଠାରୁ ମୂଲ୍ୟବାନ ଉପହାର ,ଏହି ସମୟ ହଜିଗଲେ ଆଉ ଫେରି ପାଇ ହୁଏ ନାହିଁ। ଦିନ ଦଶଟା ରେ ପରୀକ୍ଷା ଆରମ୍ଭ ଏହି ଦୁଇ ଘଣ୍ଟା ତାର କେତେ ଯେ ମୂଲ୍ୟବାନ ତେଣୁ ସେ ତଳକୁ ମୁହଁ କରି ପଢ଼ି ଚାଲିଛି। ଅନେକ ସମୟ ରୁ ମନୋଜ ଆସି ଠିଆ ହେଇଛି। ମନୋଜକୁ ପାଖରେ ଦେଖି ଚମକି ପଡ଼ିଲା ମାନସୀ ଆଉ କହିଲା ତୁମେ କେତେ ବେଳୁ ଆସିଲଣି ମୁଁ ଜାଣି ପାରିଲିନି। ଠିକ୍ ଅଛି ତୁମେ ପରୀକ୍ଷା ସାରି ଆସ ତୁମ ସହ ଜରୁରୀ କଥା ଅଛି। ଫୁଲ ଫୁଟିବା ପଛରେ ଈଶ୍ୱରଙ୍କ ର କିଛି ସ୍ୱାର୍ଥ ନାହିଁ ,ଏହା ତାଙ୍କର ଖେଳଘର ,ସତ୍ୟ ନିର୍ବିକଳ୍ପ ,ସତ୍ୟ ଓ ପବିତ୍ର। ମାନସୀ ଓ ମନୋଜଙ୍କର ପ୍ରେମ ଅସୀମ। ଯେଉଁଠି ଭଲ ପାଇବା ଥାଏ ସେଠାରେ ଅଭିମାନର ଅନୁପ୍ରବେଶ ହୋଇଥାଏ ତେଣୁ ମନୋଜ କହିଲା ମାନସୀ ତୁ ଘରେ କହି କି ନ କହ ମୋ ପରୀକ୍ଷା ପରେ ଆମର ବିବାହ ସୁନିଶ୍ଚିନ୍ତ। ନାଇଁ ମନୋଜ ଭାଇ ବାପା କଣ କହିବେ ମତେ ଡର ଲାଗୁଛି ସେଥି ପାଇଁ ତୋର ଚିନ୍ତା କରିବା ଦରକାର ନାହିଁ ଯାହା କରିବି ମୁଁ କରିବି ମାନସୀ। ଜୀବନ ସର୍ବଦା ସଂଘର୍ଷମୟ ,ସଂଘର୍ଷ ଦ୍ୱାରା ନିଜ ମଧରେ ଶକ୍ତି ଓ ସାମର୍ଥ୍ୟର ନିର୍ମାଣ ହୋଇଥାଏ। ମାନସୀ ର ବାପା ତ୍ରିଲୋଚନ ବାବୁ ଏଭଳି ପ୍ରସ୍ତାବକୁ ବିମୁଖ ହୋଇ ବିବାହ ପାଇଁ ମନା କରିଦେଇଥିଲେ। ନଛୋଡବନ୍ଧା ମନୋଜ କଲେଜ ଯିବା ବାଟରୁ ମାନସୀକୁ ନେଇ ପଳାଇଥିଲେ ସୁଦୂର ବାଙ୍ଗାଲୋରକୁ.......

ସ୍ୱାମୀ ସ୍ତ୍ରୀର ସମ୍ପର୍କ ଭିତରେ ବାନ୍ଧି ହୋଇ ରହିଥିଲା ମାନସୀ। କିନ୍ତୁ ମନରେ ନ ଥିଲା ସରାଗ ସବୁବେଳେ ନିଜ ଗାଁ ମାଟି ବାପାଙ୍କର ଅମାପ ସ୍ନେହକୁ ଭୁଲି ପାରୁ ନ ଥିଲା ମାନସୀ। ମନେ ମନେ ଗୁଣି ହେଉଥିଲା ତାର ବାପାଙ୍କୁ .... ଦୁଇ ବର୍ଷର ହେଇଥିଲା ମାନସୀ ତାର ମାଆ ଆର ପାରିକୁ ଚାଲି ଯାଇଥିଲା। ବଡ଼ ଭାଇକୁ ହେଇଥିଲା ପାଞ୍ଚ ବର୍ଷ। ଏହି ଦୁଇ ପିଲାଙ୍କ ମୁହଁକୁ ଚାହିଁ ସେ ଆଉ ଦିତୀୟ ବିବାହ କରି ନଥିଲେ , କାଳେ ସାବତ ମାଆ ଆସିଲେ ପୁଅ, ଝିଅକୁ ହଇରାଣ କରିବ। ଦୁଃଖେ ସୁଖେ ବଡେଇ ଥିବା ବାପାଙ୍କ ମୁହଁରେ ଚୂନ କାଳି ବୋଳି ମନୋଜ ସହ ପଳେଇ ଆସିଲି କିନ୍ତୁ ମୋ ବାପା କେମିତି ଅଛନ୍ତି ସେଇ କଥା ଭାବି ଭାବି ମନ ମାରି ରହେ ମାନସୀ। ମନୋଜ କେଉଁଥିରେ ଅଭାବ କରି ନାହାନ୍ତି ସବ ମନର ଯନ୍ତ୍ରଣା କୁ ସାହିବ ମାନସୀ ପକ୍ଷେ ସମ୍ଭବ ହୋଇପାରୁନି। ପୁଅ ଦୁଇ ଝିଅଙ୍କ ବାଲ୍ୟ ଚପଳତା ବାତ୍ସଲ୍ୟ ମମତା ନେଇ ପିଲାଙ୍କ ଜଞ୍ଜାଳରେ ବାନ୍ଧି ହୋଇ ଦୀର୍ଘ ପନ୍ଦର ବର୍ଷ ହେଲାଣି ତାର ବାପାଙ୍କୁ ସେ ଦେଖି ନାହିଁ କେମିତି ଅଛନ୍ତି ତାର ବାପା। ବେଳକୁ ବେଳ ମାନସୀ ଅସୁସ୍ଥ ହୋଇ ପଡୁଛି ପିଲା ମାନଙ୍କର ଯତ୍ନ ଠିକ୍ ରେ ନେଇ ପାରୁନି ମାନସୀ।ବହୁତ ଡାକ୍ତର ଦେଖେଇଲେଣି ମନୋଜ କିଛି ସୁଫଳ ମିଳୁନାହିଁ।ବଡ଼ ଚିନ୍ତାରେ ପଡିଛନ୍ତି ମନୋଜ।! କଣ କରିବେ ଠିକ୍ କରି ପାରୁନାହାନ୍ତି।

ମନୋଜ ର ମନେ ପଡ଼ିଲା ତା ପିଲା ବେଳର ସାଙ୍ଗ ପୀୟୁଷ ପଟ୍ଟନାୟକ କଥା ସେ ଲଣ୍ଡନ ରୁ ଡାକ୍ତରୀ ପଢ଼ି ଆସି ବାଙ୍ଗାଲୋରରେ ଅଛି। ମାନସୀ କୁ ନେଇ ପୀୟୁଷ ପାଖକୁ ଗଲା ମନୋଜ, ମାନସୀ କୁ ଦେଖି ଡାକ୍ତର ପୀୟୁଷ କହିଲା ମାନସିକ ରୋଗ ପାଇଁ ଔଷଧ ନାହିଁ।ମନୋଜ କୁ ବାଧ କଲା ପୀୟୁଷ ତୁ ମାନସୀ କୁ ନେଇ ତା ବାପାଙ୍କ ପାଖକୁ ଯାଆ ସେଠି କିଛି ଦିନ ରହି ଆସିଲେ ଦେଖିବୁ ମାନସୀ ଠିକ୍ ହେଇଯିବ।ଅଫିସରୁ ଛୁଟି ନେଇ ମାନସୀକୁ ସାଙ୍ଗରେ ଧରି ମନୋଜ ଚାଲିଲେ ମାନସୀର ବାପାଙ୍କ ଘରକୁ .... ବାଟରେ ଗଲାବେଳେ ଅଶୁଭ ଲକ୍ଷଣ୍ ମାନ ଦେଖା ଯାଉଥାଏ। ସେ ପ୍ରତି ଭ୍ରୁକ୍ଷେପ ନ କରି ମନୋଜର ଗାଡ଼ି ଆଗେଇ ଚାଲୁଥାଏ। ଗ୍ରାମର ପାଖା ପାଖି ହେଇଗଲାରୁ କିଛି ଲୋକ ମାନସୀକୁ ଦେଖି କହିଲେ ମା ରେ ଡେରି କରିଦେଲୁ ଆସିବା। ହଉ ଆସିଛୁ ତ ଯା ଘରକୁ ଯା ...... କିଛି ବୁଝି ପାରିଲାନି ମନୋଜ !! ଏମାନେ ଏମିତି କଣ କହୁଛନ୍ତି ,ଯାହା କହୁଛନ୍ତି କୁହନ୍ତୁ ଭୁଲ ତ କରି ଦେଇଛୁ। ମାନସୀର ଘର ପାଖରେ ଗାଡ଼ି ଅଟକିଲା ,ମାନସୀ ଦେଖିଲା ତାଙ୍କ ଘର ଭିତରେ ବହୁତ ଲୋକ।କଣ ହେଇଛି ବୋଲି ଜାଣି ନ ପାରି ବାପା ...ବାପା .... ଡାକି ଘର ଭିତରକୁ ପଶିଗଲା ଓ କହିଲା ବାପା ମୋର ଭୁଲ ହେଇଯାଇଛି ବାପା ମତେ କ୍ଷେମା କରି ଦିଅ। ବାପା ତ୍ରିଲୋଚନ ବାବୁ ନିଶ୍ଚଳ ହୋଇ ଶୋଇଥାଆନ୍ତି। ବାପା ଙ୍କୁ ହଲେଇ ଦେଇ କହିଲା ବାପା ଉଠ ମୁଁ ପରା ତୁମ ମାନୁ .. ଦେଖ। ବାପା ମୁଁ ଆସିଛି କହି କହି ମାନସୀ ବାପାଙ୍କ ଛାତି ଉପରେ ପଡ଼ିରହିଲା। କିଛି ସମୟ ପରେ ମନୋଜ ମାନସୀ ର ହାତ ଧରି ଉଠାଇ ଅଣିଲାରୁ ମାନସୀ ତା ବାପାଙ୍କ ଛାତି ଉପରେ ଢଳି ପଡ଼ିଲା। ମନୋଜ ଦେଖେ ତ ମାନସୀ ଆଉ ନାହିଁ। ବାପା ଝିଅଙ୍କର ଏଭଳି ସମ୍ପର୍କ ସତରେ ଅତୁଟ ସମ୍ପର୍କ। ମନେ ମନେ ଗୁଣି ହେଉଥିଲେ ମନୋଜ ମୁଁ ଭୁଲ କରିଦେଲି ମାନସୀ ତୁମ ବାପା ଝିଅ ଙ୍କ ର ଅତୁଟ ସମ୍ପର୍କ ଭିତରେ ମୋର ମଥା ନଇଁ ଯାଉଛି।ମତେ ତୁମେ କ୍ଷମା କରିଦେବ। ଏକା ସାଙ୍ଗରେ ବାପା ଝିଅର ଯୁଇ ଜଳି ଉଠିଲା।

ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭



# ଦୋଷ

ସତ୍ୟନାରାୟଣ ପ୍ରଧାନ

ବୁଢ଼ା ବାପା ଜଣଙ୍କ ମାସ ଶେଷକୁ ଚାହିଁ ରହିଥିଲେ କେବେ ତାକୁ ଭତ୍ତା ଟଙ୍କା ମିଳିବା ସବୁ ମାସରେ ଏପରି ଅନେଇ ଶେଷରେ ତାଙ୍କୁ ହତାଶ ହେବାକୁ ପଡିଥିଲା। ସେ ପାଖରେ ଥିବା ସବୁ ପରିଚୟ ପତ୍ରର ନକଲ ଦୀର୍ଘ ମାସ ଆଗରୁ ଯାଞ୍ଚ କରୁଥିବା ଅଫିସର ନିକଟରେ ପୈଠ କରି ସାରିଥିଲେ। ତଥାପି ଆଉ କି ଅସୁବିଧା ଅଛି ସେ ମୋଟେ ବୁଝି ପାରୁ ନ ଥିଲେ। ରୋଜଗାର କରିବା ପାଇଁ ଦେହରେ ଆଉ ବଳ ନ ଥିବାରୁ ପୁଅ ବୋହୁଙ୍କ ଲାଗି ଅଲୋଡ଼ା ଅଖୋଜା ପାଲଟି ଯାଇଥିଲେ।

ସେ ଯେଉଁ ହାତରେ ବହୁ ବର୍ଷ ତଳୁ ପୁଅକୁ ସ୍କୁଲ ଗଲାବେଳେ ଖର୍ଚ୍ଚ କରିବା ଲାଗି ଦୁଇ ଚାରି ଟଙ୍କା ଧରାଇ ଦେଉଥିଲେ। ଆଜି ପୁଣି ସେଇ ହାତକୁ ପୁଅବୋହୂ ଚାହା ଖର୍ଚ୍ଚ ଧରାଇବାକୁ କୁଣ୍ଠାବୋଧ ପ୍ରକାଶ କରୁଥିଲେ। କେଉଁ କାରଣ ପାଇଁ ଭତ୍ତାରୁ ବଞ୍ଚିତ ହୋଇଥିଲା ତାହା ଜାଣିବାକୁ ଅଫିସର ପାଖରେ ପହଞ୍ଚିଲା। ଅଫିସର ଜଣଙ୍କ ତାର ଜନ୍ମ ତାରିଖ ଏକା ନ ଥାଇ ଦେଇଥିବା କାଗଜରେ ଏପଟ ସେପଟ ଲେଖା ଅଛି। ନିହାତି ସଂଶୋଧନ କରିବା ଦରକାର ନ ହେଲେ ଭତ୍ତା ମିଳିବାକୁ ଆହୁରି ସମୟ ଲାଗିପାରେ ବୋଲି କହିଲେ।

ବୁଢ଼ା ବାପା ମୂର୍ଖ ମୁଣ୍ଡରେ ବୁଝି ସାରିଥିଲା ସେ ଜନ୍ମ ହୋଇଥିବା ଦିନ ହେଉଛି ଗୋଟିଏ ହେଲେ ଦେଇଥିବା କାଗଜରେ ବୋଧେ ଭୁଲ ଅଛି। ହେଲେ ତାକୁ କିଏ ସାହାଯ୍ୟ କରିବ ପୁଅମାନେ ତ ନିଜ ସଂସାରରେ ବ୍ୟସ୍ତ ଏଇ ବୁଢ଼ାଟା ପାଇଁ କାହା ପାଖରେ ସମୟ ଅଛି। ଶୋଷରେ ତଣ୍ଟି ଶୁଖିଗଲେ ପାଣି ମୁନ୍ଦେ ପିଇବାକୁ ପରଘରେ ବାଟଗଲା ଲୋକଙ୍କ ଭଳି ଅପେକ୍ଷା କରିବାକୁ ପଡୁଥିଲା। ମାଛ ମାଉଁସ ହେଲେ ଆଉ ପଛରେ ଖାଇବାକୁ ମାଗିବାର ଅଧିକାର ନ ଥିଲା। ବୟସର ଅପରାହ୍ନରେ ଯାହା ମିଳୁ ପଛେ ତାକୁ ଖାଇ ବଞ୍ଚିବାର ଆଶା ମାଟିରେ ମିଶି ଯାଇଥିଲା। ପୁଅମାନେ ନିଜର ବାପା ନ ଭାବିଲେ ନାହିଁ ଘର ଜଗୁଥିବା ବାହାର ଲୋକଟିଏ ପରି ଭଲମନ୍ଦରେ ଆଉ ଆଖିରେ ଅନାଇ ବାକୁ ସେମାନଙ୍କ ମନ କହୁ ନ ଥିଲା। ଶେଷ ସମୟରେ କେହି ପଚାରୁ ନ ଥିବାରୁ ତାର ଦୋଷ କାହାକୁ ଦେବ ନିଜ ଭାଗ୍ୟକୁ କି ଜନ୍ମ କରିଥିବା ପୁଅକୁ ନା ବୟସ ଅନୁସାରେ ଯୋଗ୍ୟ ପାଲଟିବା ପରେ ସବୁ ଜାଣି ମଧ କିଛି ସାହାଯ୍ୟ କରି ପାରୁ ନ ଥିବା ସେଇ ଅଫିସର ଜଣଙ୍କୁ ଯାହା କିଛି ଭାବିବା ତା ପାଖରେ ସମ୍ଭବ ନ ଥିଲା।।

ଅଣ୍ଟିଆ, ଜିଲ୍ଲା-ଯାଜପୁର
ମୋବାଇଲ୍: ୯୧୭୮୩୧୩୬୪

# ସୁଖ ଓ ଦୁଃଖ ପାଇବାରେ ନିର୍ଭର ନୁହେଁ

ଡକ୍ଟର ଲକ୍ଷ୍ମଣ ସାହୁ



ଏହା କେଉଁ ପ୍ରକାର ଅଦ୍ଭୁତ ପରିସ୍ଥିତି ଯେ ଧନସମ୍ପତ୍ତି ଓ ସମସ୍ତ ପ୍ରକାରର ସୁଖ ସମୃଦ୍ଧି ସତ୍ତ୍ୱେ, କାହାର ମନ ହତାଶାର ଗଭୀର ଅନ୍ଧକାରରେ ବୁଡ଼ି ରହିଛି, ତ ଆଉ କେଉଁଠି, ସମସ୍ତ ପ୍ରକାରର ଅଭାବ ସତ୍ତ୍ୱେ, କାହାକୁ ସୁଖର ସମୁଦ୍ରରେ ଭାସୁଥିବାର ଦେଖାଯାଉଛି। ଏସବୁ ଏକ ପ୍ରକାର ସମ୍ବଳ ଉପରେ ନିର୍ଭର କରିବା ପରିବର୍ତ୍ତେ ମନର ଅସ୍ଥିରତା ଦୁଃଖ ପରିତ୍ୟାଗ କରିବାରୁ ସୁଖ ଜନ୍ମ ହୁଏ। ଏହା ମାନବ ସ୍ୱଭାବ ଯେ ପ୍ରତ୍ୟେକ ସଫଳତା ସହିତ, ଜଣେ ବଡ଼ ସଫଳତା ହାସଲ କରିବା ପାଇଁ ଦୌଡ଼ରେ ସାମିଲ ହୁଏ। ପିଲାଦିନରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଜାରି ରହେ। ସମୟର ଚଳନ୍ତା ନନ୍ଦିଘୋଷ ରଥରେ ଚଞ୍ଚଳ ମନର ଅବାଧ ପ୍ରକୃତି କେବେବି ଜଣେ ବ୍ୟକ୍ତିକୁ ଶାନ୍ତିରେ ବସିବାକୁ ଦିଏ ନାହିଁ।

ଥରେ ହୁଏତ ପିଲାଦିନର ଇଚ୍ଛା ସହଜରେ ପୂରଣ ହୋଇଥାଇପାରେ, କିନ୍ତୁ ଧୀରେ ଧୀରେ ଏହି ଇଚ୍ଛା ଏତେ ପରିମାଣରେ ବିସ୍ତାରିତ ହୁଏ ଯେ ଜଣେ ବ୍ୟକ୍ତି ଏଥିରେ ଏକ ପ୍ରକାରେ ଫସିଯାଏ। ଆଜିକାଲି ଜଣେ ବ୍ୟକ୍ତିଠାରୁ ମନର ଶାନ୍ତି ଦୂରେଇ ଯାଉଛି। ଯେତେ ଦିନ ପର୍ଯ୍ୟନ୍ତ ଜୀବନ ରହିଥାଏ ସେତେ ଦିନ ପର୍ଯ୍ୟନ୍ତ ବଞ୍ଚିବା ଯୋଗ୍ୟ ହୁଏ। ସମଗ୍ର ବିଶ୍ୱ ଜାଣେ ଯେ ଏହା କେଉଁ ଠାରେ କିଭଳି ଅବସ୍ଥାରେ ଯାଇ ପହଞ୍ଚିଥାଏ। ଦେଖିବାକୁ ଗଲେ ବୟସ ପାଖେଇ ଆସିବା ସତ୍ତ୍ୱେ, ଜଣେ ବ୍ୟକ୍ତି ଇଚ୍ଛାର ନିଆଁରେ ଜଳି ଚାଲିଥାଏ। ଇଚ୍ଛାର ଅନେକ ରୂପ ଅଛି। କ୍ରମାଗତ ଭାବରେ ବୃଦ୍ଧି ପାଉଥିବା ଧନ ଓ ସମ୍ପତ୍ତି ସହିତ ସମ୍ମାନ ଓ କର୍ତ୍ତୃତ୍ୱର ଇଚ୍ଛାର ମଧ ସେଭଳି କୌଣସି ସୀମା ନାହିଁ।

ସାଧାରଣତଃ ସମାଜରେ "ନକଲ" ଭାବନା ଏତେ ପ୍ରଚଳିତ ଯେ ଯଦି ସେମାନଙ୍କ ପାଖରେ ଏତେ ଅଛି, ତେବେ ଆମ ପାଖରେ ମଧ ତାହା ରହିବା ଉଚିତ୍। କିନ୍ତୁ ଏପରି ଚିନ୍ତାଧାରା ମଧରେ ବୁଡ଼ି ରହି, ଆମେ ଭୁଲିଯାଉ ଯେ ଆମର ପରିସ୍ଥିତି ସେମାନଙ୍କର ଆବଶ୍ୟକତା ମଧରେ ଏକ ବିରାଟ ପାର୍ଥକ୍ୟ ହୋଇପାରେ। ତଥାପି ଯଦି କାହା ପାଖରେ ସବୁକିଛି ଅଛି, ତେବେ ଏହା ଜରୁରୀ ନୁହେଁ ଯେ ସେମାନେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ। ପ୍ରକୃତରେ ଇଚ୍ଛାର ଚକ୍ର ଅବିରତ ଭାବରେ ଜାରି ରହେ। ଯଦି ସେମାନଙ୍କ ପାଖରେ ଆଜି ଏହା ଅଛି, ତେବେ ସେମାନଙ୍କ ପାଖରେ କାଲି ତାହା ରହିବା ଉଚିତ୍। ଯଦି ସେମାନଙ୍କ ପାଖରେ ତାହା ଅଛି, ତେବେ ସେମାନଙ୍କର ଆହୁରି କିଛି ରହିବା ଉଚିତ୍, ଏହି ଭାବନା ବିଡ଼ମ୍ବନା। ଏହି ସମୟର ଚକ୍ର ଅନନ୍ତ ଓ ଜୀବନର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କେବେ ବି ବନ୍ଦ ହୁଏ ନାହିଁ।

ଏପରି ପରିସ୍ଥିତିରେ ଏପରି ଦୌଡ଼ କେବଳ ଦୁଃଖ ବୃଦ୍ଧି କରେ। ତେଣୁ ମନର ଶାନ୍ତି ପାଇବା ପାଇଁ ଆଧାତ୍ମିକ ଦିଗଦର୍ଶନ ପାଇଁ ପ୍ରୟାସ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼େ। ଏଥିରେ ମନର ଶାନ୍ତି ନିହିତ। ନଚେତ୍, ଆମେ ନୈତିକରୁ ଅନୈତିକ ଆଡ଼କୁ ଫେରିପାରିବା ଓ ଜୀବନର ପ୍ରକୃତ ସୁଖରୁ ବଞ୍ଚିତ ହେବା। ଏହା ନୁହେଁ ଯେ ଆମର ପ୍ରଗତି ପଥରେ ଆଗକୁ ବଢ଼ିବାର ଇଚ୍ଛା ନାହିଁ। ନିଶ୍ଚିତ ଭାବରେ ଆମକୁ ପ୍ରଗତି ପାଇଁ ଦୌଡ଼ରେ ଅଂଶଗ୍ରହଣ କରିବା ଉଚିତ୍। କିନ୍ତୁ ଯଦି ଆମେ ଏପରି ଅଂଶଗ୍ରହଣକୁ ଦାନଶୀଳତା ସହିତ ମିଶାଇ ପାରିବା, ତେବେ ଏହି ଲୋକ ଓ ପରଲୋକ ଉଭୟର ଉନ୍ନତି ହୋଇପାରିବ।

ପ୍ରକୃତରେ ସୂକ୍ଷ୍ମ ଦୃଷ୍ଟିରେ ଦେଖିଲେ ଭାରତୀୟ ଧାର୍ମିକ ସଂସ୍କୃତିରେ ପରାର୍ଥପରତାର ଭାବନାକୁ ଗ୍ରହଣ କରିବା ଓ ଏହାକୁ ଅଭ୍ୟାସ କରିବା ଆତ୍ମ-କଲ୍ୟାଣର ପ୍ରକୃତ ପଥ ଭାବରେ ବିବେଚନା କରାଯାଏ। ପ୍ରକୃତରେ ଏହା ମନର ଶାନ୍ତି ମନକୁ ନିୟନ୍ତ୍ରଣରେ ରଖିବାରେ ନିହିତ। ନିଶ୍ଚିତ ଭାବରେ ଯେତେବେଳେ ଆମେ ଆମର ଆବଶ୍ୟକତା ପୂରଣ କରୁ ସେତେବେଳେ ଯେଉଁ ସୁଖ ବା ଖୁସି ଆସେ ତାହା ବାସ୍ତବ। କିଛି ପ୍ରଶଂସା ଯଦି ଆସେ ତାହା ଆଗକୁ ଚାଲିବାକୁ ମାର୍ଗ ଦର୍ଶାଇଦିଏ। ନିନ୍ଦା ସାହସିକତା ବୃଦ୍ଧି ପାଇଁ ଖୋରାକ ଯୋଗାଇ ଦିଏ।

ଥରେ କେହି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଉପରେ ଦୃଷ୍ଟି ନିକ୍ଷେପ କରିବା ପରେ ଯଦି ସେ ଦୁଃଖିତ କିମ୍ବା ଚିନ୍ତିତ ହୋଇନଥାଇ ପାରନ୍ତି। ଏହି ଅବସ୍ଥା ତାଙ୍କର ସୃଜନଶୀଳତାକୁ ଦ୍ରୁତ ଗତିରେ ବୃଦ୍ଧି କରେ। ଯେତେବେଳେ ସେ କେବଳ ସାଂସାରିକ ବିଷୟାମୋହରୁ, ପାର୍ଥିବ ଜିନିଷଗୁଡ଼ିକରୁ ବିଚ୍ଛିନ୍ନ ହୋଇଯାଆନ୍ତି, ପ୍ରକୃତରେ ସେତେବେଳେ ତାଙ୍କର ନୂତନ ଜୀବନ ରୂପ ନେବା ଆରମ୍ଭ କରେ। ପ୍ରାୟତଃ ଅନେକ ସମୟରେ,ଆମେ ପ୍ରାୟତଃ ଏହି କଥା ପଢ଼ିବା ଓ ଶୁଣିବା ଯେ ଆମ ପାଖରେ ଯାହା ଅଛି ତାହା ଯଥେଷ୍ଟ। ଆମ ପାଖରେ ଯାହା ଅଛି ତାହା କେବଳ ଗ୍ରହଣ କରିବା ଦ୍ୱାରା ଧର୍ମ ଓ ସଂସ୍କୃତିର ମୌଳିକ ନୀତିଗୁଡ଼ିକୁ ଅନୁସରଣ କରିବା ପାଇଁ ସ୍ୱୟଂଚାଳିତ ଭାବରେ ପଥ ପ୍ରଶସ୍ତ ହୁଏ। ଆମେ ମନର ଶାନ୍ତି ଅନୁଭବ କରିବା ଆରମ୍ଭ କରୁ।

କିନ୍ତୁ ବେଳେ ବେଳେ ମିଥ୍ୟା ଓ ସତ୍ୟ ପ୍ରଶଂସା ମଧରେ ବାନ୍ଧି ହୋଇଯାଉ। ପ୍ରଶଂସା ଉତ୍ସାହକୁ ବୃଦ୍ଧି କରେ ଓ ଆହୁରି ପ୍ରଗତି ପାଇଁ ପ୍ରେରଣା ଦିଏ। ଶ୍ରେଣୀରେ ଉତ୍କର୍ଷତା ହାସଲ କରିବା କିମ୍ବା ଅନ୍ୟ କୌଣସି କ୍ଷେତ୍ରରେ ପୁରସ୍କାର ପାଇବା ପାଇଁ ଆପଣଙ୍କ ପିଲାର ପ୍ରଶଂସା କରିବା ସେମାନଙ୍କର ଉତ୍ସାହକୁ ବୃଦ୍ଧି କରିବ ଓ ସେମାନଙ୍କୁ ଆହୁରି ଭଲ କରିବାକୁ ପ୍ରେରଣା ଦେବ। ତଥାପି ପ୍ରଶଂସା ଏପରି ଭଲ କାମ ପାଇଁ ହେବା ଉଚିତ୍ ଯାହା ଗୁଣ ବିକାଶ କରିବାରେ ସାହାଯ୍ୟ କରେ।




କେଉଁ ବ୍ୟକ୍ତି ପ୍ରଶଂସାରେ ଖୁସି ହୁଅନ୍ତି ନାହିଁ। ଯଦିଓ ସେମାନେ ଉପରମୁହାଁ ଭାବରେ କୁହନ୍ତି, "ଏହା ତୁମର ଦୟା, ନଚେତ୍ ଏହି ବ୍ୟକ୍ତି କ'ଣ କରିପାରିବ ? " ଯେଉଁମାନେ ପ୍ରଶଂସା କରିବାର କଳାରେ ପାରଙ୍ଗମ, ସେମାନେ ନିଜର କାମ କରିବାରେ ପାରଙ୍ଗମ। ଠିକ୍ ସମୟରେ ଠିକ୍ ପ୍ରଶଂସାର ନିଜସ୍ୱ ଗୁରୁତ୍ୱ ଅଛି। ଏହା ଏପରି ନୁହେଁ ଯେ ଆପଣ ଦୁଃଖ ସମୟରେ କାହାର ଶାଢ଼ି କିମ୍ବା ଅଳଙ୍କାରର ଅତ୍ୟାଧିକ ପ୍ରଶଂସା କରିବା ଆରମ୍ଭ କରନ୍ତି। କିନ୍ତୁ ଯଦି ଏହା କୌଣସି ପାର୍ଟି କିମ୍ବା ବିବାହରେ ଦିଆଯାଏ, ତେବେ ଏହା ସମୟୋଚିତ। ପ୍ରଶଂସା କରିବା ସମୟରେ ଏହାକୁ ଅଧିକ ନ କରିବାକୁ ସତର୍କ ରହିବା ଆବଶ୍ୟକ ରହିଛି। ନଚେତ୍ ଅନ୍ୟ ବ୍ୟକ୍ତି ଖୁବ୍ ଶୀଘ୍ର ଅନୁଭବ କରିବେ ଯେ ଆପଣ ସେମାନଙ୍କୁ ବୋକା ବନାଉଛନ୍ତି। କାହାକୁ ଦାରା ସିଂହର ଉପାଧି ଦେବା କିମ୍ବା ତାଜମହଲ ସହିତ ଏକ ଧ୍ୱଂସାବଶେଷର ତୁଳନା କରିବା ଅତିରଞ୍ଜିତ ହେବ।

ପ୍ରଶଂସା ଉତ୍ସାହ ବୃଦ୍ଧି କରେ ଓ ଭବିଷ୍ୟତରେ ଆହୁରି ଭଲ କରିବା ପାଇଁ ପ୍ରେରଣା ଦିଏ। ହୁଏତ କେହି କେହି ଶ୍ରେଣୀରେ ପାଠପଢ଼ାରେ ଭଲ କରିବା ପାଇଁ କିମ୍ବା ଅନ୍ୟ କୌଣସି କ୍ଷେତ୍ରରେ ପୁରସ୍କାର ପାଇବା ପାଇଁ କୌଣସି ପିଲାକୁ ପ୍ରଶଂସା କରନ୍ତି, ତେବେ ଏହି ପ୍ରଶଂସା ତାଙ୍କର ଉତ୍ସାହ ବୃଦ୍ଧି କରିବ। ଭବିଷ୍ୟତରେ ଆହୁରି ଭଲ କରିବା ପାଇଁ ତାଙ୍କୁ ପ୍ରେରଣା ଦେବ। କିନ୍ତୁ ପ୍ରଶଂସା କେବଳ ଭଲ କାମ ପାଇଁ ହେବା ଉଚିତ୍, ଯାହା ଭଲ ଗୁଣ ବିକାଶରେ ସାହାଯ୍ୟ କରେ। ଯେତେବେଳେ କେହି ଆପଣଙ୍କୁ କୌଣସି ଜିନିଷ ପାଇଁ ପ୍ରଶଂସା କରନ୍ତି, ତେବେ ଏହାକୁ ଆପଣଙ୍କ ବିବେକର ତରାଜୁରେ ଓଜନ କରନ୍ତୁ ଓ ଦେଖନ୍ତୁ ଏହି ପ୍ରଶଂସା କେତେ ସତ୍ୟ କି ନକଲି। କିନ୍ତୁ ଏହାର ଅର୍ଥ ଏହା ନୁହେଁ ଯେ ଆପଣ ପ୍ରତ୍ୟେକ ପ୍ରଶଂସାକାରୀଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିବା ଉଚିତ୍।

ଯେଉଁମାନେ ନିଜ ପ୍ରଶଂସାରେ କୌଣସି ସତ୍ୟତା ବିନା ଅନ୍ୟର ପ୍ରଶଂସା କରନ୍ତି ସେମାନଙ୍କୁ ଚାଟୁକାର ବୋଲି ବିବେଚନା କରାଯାଏ। ବାସ୍ତବରେ ସମାଜରେ ଏପରି ଲୋକଙ୍କୁ ବହୁତ ସମ୍ମାନ କରାଯାଏ ନାହିଁ। ସେମାନଙ୍କୁ ସ୍ୱାର୍ଥପର ଏପରିକି ଭଡ଼ାଟିଆ ଚାଟୁକାର ବୋଲି ବିବେଚନା କରାଯାଏ। କିନ୍ତୁ ଯଦି ଆପଣ ଆପଣଙ୍କ ପ୍ରଶଂସାରେ କଞ୍ଜୁସ ହୁଅନ୍ତି, ତେବେ ଆପଣଙ୍କୁ ଅହଂକାରୀ ମଧ ବିବେଚନା କରାଯାଇପାରେ। ସଂସ୍କୃତ ଭାଷାରେ କୁହାଯାଇଛି, "ବଚନେ କିମ୍ ଦାରିଦ୍ରତା," ଅର୍ଥାତ୍, ମିଥ୍ୟା କଥା କହିବାରେ କଞ୍ଜୁସ କାହିଁକି ହେବା। ବିଶେଷ କରି କବିତାରେ କବିମାନେ ସେମାନଙ୍କର ନାୟକ ଓ ନାୟିକାଙ୍କୁ ଅତିରଞ୍ଜିତ କରନ୍ତି, କିନ୍ତୁ ଏହି ପ୍ରଶଂସା ସେମାନଙ୍କର ଆଲଙ୍କାରିକ ଭାଷା ଓ ପ୍ରକାଶନ ଯୋଗୁଁ ପାଠକଙ୍କ ପାଇଁ ଆନନ୍ଦ ଆଣିଦିଏ। ଜଣେ କବି ଏଥିରେ ଯେତେ ଅଧିକ ପାରଙ୍ଗମ, ସେମାନଙ୍କୁ ସେତେ ଅଧିକ ବିବେଚନା କରାଯାଏ।

ଯେଉଁମାନେ ନିଜକୁ ପ୍ରଶଂସା କରନ୍ତି, ସେମାନଙ୍କୁ ପ୍ରାୟତଃ ଉପହାସ କରାଯାଏ। "ମିଆଁ ମିଆଁ ମିଠୁ" (ପ୍ରିୟଲୋକ) ବୋଲି କୁହାଯାଏ। ତେଣୁ ପ୍ରଶଂସା କରିବାର ଗୁରୁତ୍ୱପୂର୍ଣ୍ଣ କାମ ଅନ୍ୟ ଉପରେ ଛାଡ଼। ଯଦି ଆପଣ ଏକ ଭଲ କାମ କରିଛନ୍ତି, ତେବେ ଆପଣଙ୍କୁ ନିଶ୍ଚିତ ଭାବରେ ପ୍ରଶଂସା କରାଯିବ।

ସେବା ଓ ଦାନ କରି ଅହଂକାର ପରିତ୍ୟାଗ ନକଲେ ତାହା ବାସ୍ତବରେ ମଣିଷର ମାନସିକତା ଉପରେ ଦ୍ୱନ୍ଦ ସୃଷ୍ଟି କରେ। ପ୍ରଶଂସା ପାଇଁ ବ୍ୟାକୁଳତା ଥିବା ମନ ଜିଜ୍ଞାସାରେ ଅଧିକ ଅଧିର ହୋଇ ଉଠେ। ଥରେ ଗୁଜୁରାଟର ଏକ ରାଜକୀୟ ରାଜ୍ୟର ରାଣୀ ମାତା ମିଳନ ଦେବୀ ପ୍ରଭୁ ସୋମନାଥଙ୍କ ପୂଜାର୍ଚ୍ଚନା କରିଥିଲେ। ସେ ଏକ ସୁନା ତରାଜୁ ଦାନ କରି ସୋମନାଥଙ୍କୁ ଅର୍ପଣ କରିଥିଲେ। ତାଙ୍କର ଗର୍ବ ତାଙ୍କ ହୃଦୟକୁ ପୂର୍ଣ୍ଣ କରିଥିଲା। ସେ ଭାବିବାକୁ ଲାଗିଲେ ଯେ କେହି କେବେ ଏହିପରି ଭାବରେ ଭଗବାନଙ୍କୁ ସୁନା ତରାଜୁ ଦାନ କରି ନାହାଁନ୍ତି। ସେହି ରାତିରେ, ସେ ପ୍ରଭୁ ସୋମନାଥଙ୍କ ଦର୍ଶନ ପାଇଲେ। ପ୍ରଭୁ ତାଙ୍କୁ କହିଲେ, "ମୋ ମନ୍ଦିରରେ ଜଣେ ଗରିବ ମହିଳା..."

ସେ ଦେଖା କରିବାକୁ ଆସିଛନ୍ତ। ତାଙ୍କର ସଞ୍ଚିତ ଗୁଣ ଅସୀମ। ତୁମେ ସେହି ଗରିବ ମହିଳାଙ୍କୁ କିଛି ସୁନାମୁଦ୍ରା ଦେଇ ତାଙ୍କ ଠାରୁ ପୁଣ୍ୟ କିଣିପାରିବ। ସେହି ପୁଣ୍ୟ ତମର ପରଲୋକରେ ଉପଯୋଗୀ ହେବ। ରାଣୀ ମାତା ଉଠିବା ମାତ୍ରେ, ସେ ଅସ୍ଥିର ହୋଇଗଲେ। ସେ ତାଙ୍କ ଦାସୀମାନଙ୍କୁ ମନ୍ଦିରରୁ ସେହି ମହିଳାଙ୍କୁ ରାଜପ୍ରାସାଦକୁ ଆଣିବାକୁ ନିର୍ଦ୍ଦେଶ ଦେଲେ। ସେବକମାନେ ମନ୍ଦିରରେ ପହଞ୍ଚି ସେହି ମହିଳାଙ୍କୁ ଫେରାଇ ଆଣିଲେ। ଗରିବ ମହିଳା ଥରି ଉଠିଥିଲେ। ରାଣୀ ମାତା ତାଙ୍କୁ କହିଲେ, "ତୁମର ସଞ୍ଚିତ ପୁଣ୍ୟ ମୋତେ ଦିଅ, ପ୍ରତି ବଦଳରେ ମୁଁ ତୁମକୁ ଦଶଟି ସ୍ୱର୍ଣ୍ଣମୁଦ୍ରା ଦେବି।" ରାଣୀ ମାତାଙ୍କ କଥା ଶୁଣି ସେ ମହିଳା କହିଲେ, "ମହାରାଣୀ, ମୋ ପରି ଜଣେ ଦୀନ ଗରିବ ମହିଳା କିପରି ଏପରି ପୁଣ୍ୟ କାର୍ଯ୍ୟ କରିପାରିବ ? ମୁଁ ନିଜେ ଦ୍ୱାର ଦ୍ୱାର ବୁଲିଥାଏ।"

ମୁଁ ଭିକ୍ଷା କରୁଛି। ମୁଁ ଦାନ ସ୍ୱରୂପ ପାଇଥିବା ଚଣା ଚୋବାଇ ତୀର୍ଥ ଯାତ୍ରାରେ ବାହାରିଥିଲି। ଗତକାଲି ମନ୍ଦିର ଦର୍ଶନ କରିବା ପୂର୍ବରୁ କେହି ଜଣେ ମୋତେ ସାମାନ୍ୟ ମୁଠାଏ ଭଜା ଲିଆ ଖଇ ଦେଇଥିଲେ। ମୁଁ ଏହାର ଅଧା ଭଗବାନ ସୋମେଶ୍ୱରଙ୍କୁ ଓ ବାକି ମୁଠାକ ଭୋକିଲା ଭିକାରୀଙ୍କୁ ଅର୍ପଣ କରିଥିଲି। ଯେତେବେଳେ ମୁଁ ଭଗବାନଙ୍କୁ ପ୍ରସାଦ ଠିକ୍ ଭାବରେ ଅର୍ପଣ କରିପାରୁନାହିଁ, ମୁଁ କିପରି ପୁଣ୍ୟ ଅର୍ଜନ କରିପାରିବି ? ଗରିବ ମହିଳାଙ୍କ କଥା ଶୁଣି ରାଣୀ ମାତାଙ୍କ ଗର୍ବ ଉଭାନ ହୋଇଗଲା। ପ୍ରଜାମାନଙ୍କ ଠାରୁ ଦାନ ସୂତ୍ରରେ ପାଇବାକୁ ପ୍ରଶଂସା ମଳିନ ପଡ଼ିଗଲା। ଅତଏବ ଗରିବ ମହିଳାଙ୍କ ପରି ଲୁହ ପୋଛି ହସିବାରେ ସବୁଠାରୁ ବେଶି ବୋଧେ ଖୁସି ଲାଗେ , ଜୀବନକୁ ଭଲ ପାଇ ଜିଇବାରେ ବୋଧେ ଖୁସି ବେଶି ଲାଗେ।

ଉପସଂହାରର ପୁନର୍ବାର ସୂଚେଇ ଦିଏ ସମାଜରେ "ନକଲ" ଭାବନା ଏତେ ପ୍ରଚଳିତ ଯେ ଯଦି ସେମାନଙ୍କ ପାଖରେ ଏତେ ଅଛି, ତେବେ ଆମ ପାଖରେ ମଧ ତାହା ରହିବା ଉଚିତ୍। କିନ୍ତୁ ଏପରି ଚିନ୍ତାଧାରା ମଧରେ ବୁଡ଼ି ରହି, ଆମେ ଭୁଲିଯାଉ ଯେ ଆମର ପରିସ୍ଥିତି ଓ ସେମାନଙ୍କର ଆବଶ୍ୟକତା ମଧରେ ଏକ ବିରାଟ ପାର୍ଥକ୍ୟ ରହିଛି ବୋଲି। ସୁଖ-ଦୁଃଖ ପାଇବା ଉପରେ ନିର୍ଭର ନୁହେଁ। ପ୍ରକୃତରେ ଇଚ୍ଛାର ଚକ୍ର ଅବିରତ ଭାବରେ ଜାରି ରହେ। ଯଦି ସେମାନଙ୍କ ପାଖରେ ଆଜି ଏହା ଅଛି, ତେବେ ସେମାନଙ୍କ ପାଖରେ କାଲି ତାହା ରହିବା ଉଚିତ୍। ଏଭଳି ଭାବନା କେବଳ ବିଡ଼ମ୍ବନାର ସୂଚକ। ବରଂ ହୃଦୟଙ୍ଗମ କରିବା ଆବଶ୍ୟକ ସମୟର ଛାୟା ଚିତ୍ର ଅନନ୍ତ ଓ ଜୀବନର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କେବେ ବି ତାହା ବନ୍ଦ ହୁଏ ନାହିଁ...!!!

**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪**
**ମୋବାଇଲ୍: ୯୦୪୦ ୧୫୧୪୭୫**

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ସୋମବାର ୫ ଜାନୁଆରୀ ୨୦୨୬, ଭୁବନେଶ୍ୱର

Monday 5 January 2026, Bhubaneswar

# ପ୍ରଦୂଷଣର ଭୟାବହ ରୂପ



ଓଡ଼ିଶା, ଯାହାକୁ ପ୍ରକୃତିର ସୁନ୍ଦର ରାଜ୍ୟ ଭାବରେ ଜଣାଯାଏ, ଆଜି ପ୍ରଦୂଷଣର ଏକ ଗମ୍ଭୀର ସଙ୍କଟର ସମ୍ମୁଖୀନ ହେଉଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ସାମ୍ପ୍ରତିକ ତଥ୍ୟ ଅନୁସାରେ, ଓଡ଼ିଶାର ଅନେକ ସହରର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୦୦ରୁ ଅଧିକ ହୋଇ ଦିଲ୍ଲୀକୁ ମଧ ପଛରେ ପକାଇଛି। ତାଳଚେର, ଅନୁଗୁଳ, ବାଲେଶ୍ୱର, ବାରିପଦା, ଭୁବନେଶ୍ୱର, କଟକ ଏବଂ କେନ୍ଦୁଝର ଭଳି ସହରଗୁଡ଼ିକରେ ପ୍ରଦୂଷଣର ମାତ୍ରା ଅତ୍ୟନ୍ତ ବିପଦଜନକ ହୋଇଉଠିଛି। ଏହି ସ୍ଥିତି ନାଗରିକମାନଙ୍କର ଜୀବନକୁ ସିଧାସଳଖ ବିପଦରେ ପକାଇଛି। ପ୍ରଦୂଷଣର ମୁଖ୍ୟ କାରଣ ହେଉଛି ଶିଳ୍ପ କାରଖାନାଗୁଡ଼ିକ। ତାଳଚେର ଏବଂ ଅନୁଗୁଳ ଭଳି ଅଞ୍ଚଳରେ କୋଇଲା ଖଣି, ତାପଜ ବିଦ୍ୟୁତ୍ କେନ୍ଦ୍ର, ଆଲୁମିନିୟମ୍ ସ୍ମେଲ୍ଟର ଏବଂ ଅନ୍ୟାନ୍ୟ ଭାରୀ ଶିଳ୍ପଗୁଡ଼ିକରୁ ନିର୍ଗତ ଧୂଆଁ ଏବଂ ଧୂଳି ବାୟୁକୁ ବିଷାକ୍ତ କରିଛି। ଏହା ସହିତ ଭୁବନେଶ୍ୱର ଏବଂ କଟକ ଭଳି ସହରାଞ୍ଚଳରେ ଯାନବାହନର ଧୂଆଁ, ନିର୍ମାଣ କାର୍ଯ୍ୟରୁ ଉତ୍ପନ୍ନ ଧୂଳି ଏବଂ ଆବର୍ଜନା ଜାଳିବା ପ୍ରଦୂଷଣକୁ ବଢ଼ାଇଛି। ଶୀତ ଋତୁରେ ବାୟୁର ଅଭାବ ଏବଂ ନିମ୍ନ ତାପମାତ୍ରା ଯୋଗୁଁ ଏହି ବିଷାକ୍ତ କଣିକାଗୁଡ଼ିକ ନିମ୍ନ ସ୍ତରରେ ରହି ସ୍ୱାସ୍ଥ୍ୟ ଉପରେ ଅଧିକ ପ୍ରଭାବ ପକାଇଛି। ସିପିସିବିର ତଥ୍ୟ ଅନୁଯାୟୀ, ତାଳଚେରର ଏକ୍ୟୁଆଇ କେତେକ ଦିନ ୩୮୦ ପର୍ଯ୍ୟନ୍ତ ପହଞ୍ଚିଛି, ଯାହା 'ବିପଦଜନକ' ବର୍ଗରେ ପଡ଼ୁଛି।

ଏହି ପ୍ରଦୂଷଣର ସବୁଠାରୁ ଭୟଙ୍କର ପ୍ରଭାବ ହେଉଛି ସ୍ୱାସ୍ଥ୍ୟ ଉପରେ। ପିଏମ-୨.୫ ଭଳି ସୂକ୍ଷ୍ମ କଣିକାଗୁଡ଼ିକ ଫୁସଫୁସରେ ପ୍ରବେଶ କରି ହୃଦ୍ରୋଗ, ଷ୍ଟ୍ରୋକ୍, ଫୁସଫୁସ କର୍କଟ ଏବଂ ଆସ୍ଥମା ଭଳି ରୋଗ ସୃଷ୍ଟି କରୁଛି। ବାଳକ, ବୃଦ୍ଧ ଏବଂ ପୂର୍ବରୁ ରୋଗ ଥିବା ବ୍ୟକ୍ତିମାନେ ଅଧିକ ବିପଦରେ ଅଛନ୍ତି। ଓଡ଼ିଶାରେ ବାୟୁ ପ୍ରଦୂଷଣ ଦ୍ୱିତୀୟ ବୃହତ୍ତମ ମୃତ୍ୟୁ କାରଣ ହୋଇଉଠିଛି। ଏହା ସହିତ ନଦୀ ଏବଂ ଜଳାଶୟରେ ଶିଳ୍ପ ଆବର୍ଜନା ଏବଂ ଅପରିଷ୍କାର ଜଳ ନିଷ୍କାସନ ଯୋଗୁଁ ମହାନଦୀ, ବ୍ରାହ୍ମଣୀ ଭଳି ନଦୀଗୁଡ଼ିକ ଦୂଷିତ ହୋଇଛି, ଯାହା ପାନୀୟ ଜଳ ଏବଂ କୃଷିକୁ ପ୍ରଭାବିତ କରୁଛି। ଏହି ସଙ୍କଟର ସମାଧାନ ପାଇଁ ସରକାରୀ ଏବଂ ସାମାଜିକ ସ୍ତରରେ ତୁରନ୍ତ ପଦକ୍ଷେପ ଆବଶ୍ୟକ। ଶିଳ୍ପଗୁଡ଼ିକରେ କଡ଼ା ପ୍ରଦୂଷଣ ନିୟନ୍ତ୍ରଣ ନିୟମ ଲାଗୁ କରିବା, ସବୁଜ ଇନ୍ଧନକୁ ପ୍ରୋତ୍ସାହିତ କରିବା, ଯାନବାହନ ନିର୍ଗମନ ନିୟନ୍ତ୍ରଣ ଏବଂ ନିର୍ମାଣ ସ୍ଥଳରେ ଧୂଳି ନିୟନ୍ତ୍ରଣ ଆବଶ୍ୟକ। ଜନସାଧାରଣ ମଧ ମାସ୍କ ପିନ୍ଧିବା, ଆବର୍ଜନା ଜାଳିବା ବନ୍ଦ କରିବା ଏବଂ ସଚେତନତା ବଢ଼ାଇବା ଦ୍ୱାରା ସହଯୋଗ କରିପାରିବେ। ରାଷ୍ଟ୍ରୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନସିଏପି) ଅଧୀନରେ ଓଡ଼ିଶାର ଅନେକ ସହର ପାଇଁ ଯୋଜନା ରହିଛି, କିନ୍ତୁ ତାହାର କଡ଼ା କାର୍ଯ୍ୟାନୁଷ୍ଠାନ ଆବଶ୍ୟକ।

ଯଦି ଏବେ ନପଦକ୍ଷେପ ନିଆଯାଏ, ତେବେ ଓଡ଼ିଶାର ଏହି ସୁନ୍ଦର ସହରଗୁଡ଼ିକ ଆଉ ବାସୋପଯୋଗୀ ହୋଇ ରହିବ ନାହିଁ। ପ୍ରକୃତି ଏବଂ ଜୀବନ ରକ୍ଷା ପାଇଁ ସମସ୍ତେ ମିଶି ଲଢ଼ିବା ଆବଶ୍ୟକ। ସ୍ୱଚ୍ଛ ବାୟୁ ଆମର ଅଧିକାର, ଏବଂ ତାହା ରକ୍ଷା କରିବା ଆମର ଦାୟିତ୍ୱ।

# ବିଦାୟ ପରିବର୍ତ୍ତନ, ବିରୋଧର ବର୍ଷ ୨୦୨୫



ଗୋପାଳ ମହାପାତ୍ର



ସମୟ ଗଡ଼ିଚାଲିଛି, ସମୟ ସହ ତାଳ ମିଳାଇ ୨୦୨୫ ମଧ ବିଦାୟ ନେଉଛି। ୨୦୨୫ ମଧ ପୁର୍ବ ବର୍ଷ ମାନଙ୍କ ଭଳି ତାର ପାଦ ଚିହ୍ନ ଛାଡ଼ିଯାଉଛି। ଆଉ ଫେରିବନି। ନିଜର ସବୁ ଭଲ ମନ୍ଦ, ଖୁସି କାନ୍ଦ ସବୁକୁ ୨୦୨୬ ପାଇଁ ଛାଡିଦେଇ କାଳଗର୍ଭରେ ହଜି ଯାଉଛି କିନ୍ତୁ ଯାହା କିଛି କରିଛି, ଯାହା କିଛି ସହିଛି ସେ ସବୁ ଇତିହାସରେ ଲିପିବଦ୍ଧ ହୋଇଯାଉଛି। ୨୦୨୫ କେବଳ ଏକ ସାଧାରଣ କ୍ୟାଲେଣ୍ଡରର ବର୍ଷ ନଥିଲା ବରଂ ଏମିତି ସବୁ ଘଟଣା କ୍ରମର ସାକ୍ଷୀ ହୋଇଥିଲା ଯାହାର ପ୍ରଭାବ ରାଜନୀତି, ଅର୍ଥବ୍ୟବସ୍ଥା, ସମାଜ ଏବଂ ଜନମାନସକୁ ଅନେକ ସମୟ ଆଚ୍ଛାଦିତ କରି ରଖିବ। ଆନ୍ତର୍ଯାତୀୟ ମଞ୍ଚଠାରୁ ଦେଶର ଗ୍ରାମାଞ୍ଚଳ ପର୍ଯ୍ୟନ୍ତ, ବାଦ-ବିବାଦ, ସମ୍ବାଦ, ନିର୍ଣ୍ଣୟ, ଟଣାଓଟରା, ସୌହାର୍ଦ୍ଦ୍ୟ, ଉପଲବ୍ଧି ଏବଂ ପ୍ରୟୋଗ ସବୁରେ ଅନେକ ଖୁସି ସହ କେବେ ବି ଭୁଲି ନହେବା ଭଳି ଦାଗ ଛାଡି ଯାଇଛି ୨୦୨୫।

ଅନ୍ତର୍ଜାତୀୟ ଘଟଣାକ୍ରମ ଉପରେ ନଜର ପକାଇଲେ ତ ଋଷ-ୟୁକ୍ରେନ ଯୁଦ୍ଧ, ଇସ୍ରାଏଲ- ହମାସ ଲଢେଇ ଜାରି ରହିଛି, ଥମିବାର ନାଁ ଧରୁନାହିଁ। ନେପାଳରେ ଜେନ ଜି ଆନ୍ଦୋଳନ ଓଲି ସରକାରଙ୍କ ପତନ ଘଟାଇଥିଲା ଓ ଶୁଶୀଲା ଯୋଶୀଙ୍କୁ ଗାଦିରେ ବସାଇଥିଲା। ସେହିପରି ବଙ୍ଗଳାଦେଶରେ ମଧ ଶେଖ ହସିନାଙ୍କୁ ସେଠାକାର ଅଦାଲତ ଫାସି ଦଣ୍ଡ ଶୁଣାଇଥିଲେ। ଅପରେସନ ସିନ୍ଦୁର ପାକିସ୍ଥାନ ପାଇଁ ଝଟକାଥିଲା କିନ୍ତୁ ତାହା ସତ୍ୱେ ଅସୀମ ମୁନୀରଙ୍କ ଫୁଟାଣି ଭାଙ୍ଗୁନାହିଁ। ଅନ୍ୟପକ୍ଷରେ ଏବେ ବି ପାକିସ୍ଥାନର ଜନତା ଇମ୍ରାନଖାନଙ୍କୁ ପସନ୍ଦ କରୁଛନ୍ତି ଓ ଶାହାବାଦ ଶରିଫ ଏକ କାଠକଣ୍ଢେଇ ପ୍ରଧାନମନ୍ତ୍ରୀ ଭଳି ସରକାର ଚଳାଉଛନ୍ତି। ଏସବୁ ଘଟଣାକ୍ରମରୁ ଟିକିଏ ଅଲଗା ୨୦୨୫ରେ ଟ୍ରମ୍ପଙ୍କ "ଟାରିଫ ଟେରର" ସାରା ବିଶ୍ୱକୁ ଦୋହଲାଇ ଦେଇଥିଲା। ବ୍ରାଜିଲ, ଚୀନ, ଏବଂ ଭାରତ ଉପରେ ସର୍ବାଧିକ ୫୦ ପ୍ରତିଶତ ଟାରିଫ ଲଗାଇଥିଲେ ଟ୍ରମ୍ପ। ଏହା ସତ୍ୱେ ଭାରତୀୟ ଜିଡ଼ିପି ଆଶାତୀତ ଭାବେ ବଢ଼ିଥିଲା। ଆତଙ୍କ ବାଦ ବୃଦ୍ଧି ଏବଂ ଏହା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ମଧ ଜାରି ରହିଥିଲା ଯାହା ପହଲଗାମ ଆକ୍ରମଣ ପରେ ଭାରତ ଅପରେସନ ସିନ୍ଦୁର କାର୍ଯ୍ୟକାରୀ କରିଥିଠଲା। ଆଫଗାନିସ୍ଥାନ ଏବଂ ପାକିସ୍ଥାନ ମଧରେ ବିବାଦ ମଧ ଅଧିକ ହୋଇଥିଲା। ଟ୍ରମ୍ପଙ୍କ ଟାରିଫ ବୃଦ୍ଧି କାରଣରୁ ବୈଶ୍ୱିକ ବ୍ୟାପାର ପ୍ରଭାବିତ ହୋଇଥିଲା। ଏହାଫଳରେ ଭାରତ ସମେତ ଅନେକ ବିକାଶଶୀଳ ଦେଶର ଅର୍ଥବ୍ୟବସ୍ଥା ଉପରେ ଚାପ ପଡ଼ିଥିଲା। ରପ୍ତାନୀ ଏବଂ ମୁଦ୍ରା ବଜାର ମଧ ପ୍ରଭାବଗ୍ରସ୍ତ ହୋଇଥିଲା। ଏହି ୨୦୨୫ରେ ଲୋହିତ ସାଗର ଏବଂ ଅନ୍ୟ କେତେକ ସାମୁଦ୍ରିକ ଅଞ୍ଚଳରେ ସମୁଦ୍ର ମାର୍ଗରେ ଅସ୍ଥିରତା କାରଣରୁ ଅନେକ ଦେଶ ସେମାନଙ୍କର ସାମୁଦ୍ରିକ ବ୍ୟବସାୟ ପାଇଁ ରାସ୍ତା ବଦଳାଇଦେଇଥିଲେ। ଅଶୋଧିତ ତୈଳର ମୂଲ୍ୟରେ ଅସ୍ଥିରତା ଦେଖାଯାଇଥିଲା। ଆର୍ଥୀକ ଦୃଷ୍ଟିରେ ବିଶ୍ୱର ତୃତୀୟ ଅର୍ଥବ୍ୟବସ୍ଥା ଆଡ଼କୁ ଅଗ୍ରସର ହେଉଥିବା ଭାରତର ରାଷ୍ଟ୍ରୀୟ ପରିଦୃଷ୍ୟରେ ମଧ ୨୦୨୫ ଘଟଣା ବହୁଳ ବର୍ଷ ଥିଲା। ଅନେକ ଯୋଜନାର ପୁନର୍ଗଠନ ଏବଂ ରାଜନୈତିକ ସଙ୍କେତ ଦେଶ ଭିତରେ ୨୦୨୫ରେ ସର୍ବାଧିକ ଚର୍ଚ୍ଚାର ବିଶୟଥିଲା। ମନରେଗା ର ପୁନର୍ଗଠନ କରାଯାଇ ତାକୁ ବିକଶିତ ଭାରତ ଜି-ରାମ-ଜି ଋପରେ ପ୍ରସ୍ତୁତ କରାଯାଇଥିଲା। ବିରୋଧିଙ୍କ ପ୍ରବଳ ବିରୋଧ ସତ୍ୱେ ସରକାର ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ କାଟିଦେଇଥିଲେ। ବିରୋଧିଦଳ ଏହି ଯୋଜନାକୁ "ନୂଆ ବୋତଲରେ ପୁରୁଣା ମଦ"ର ଆଖ୍ୟା ଦେଇଥିଲେ। ସଂସଦର ଶୀତକାଳୀନ ଅଧିବେଶନରେ ଏହି ନାମ ପରିବର୍ତ୍ତନକୁ ନେଇ ପ୍ରବଳ ହୋହାଲ୍ଲା ହୋଇଥିଲା। ଗ୍ରାମାଞ୍ଚଳରେ ରୋଜଗାର, ବଜେଟ ଆବଣ୍ଟନ ଏବଂ ରାଜ୍ୟ ମାନଙ୍କର ଭୂମିକା ପ୍ରସଙ୍ଗ ୨୦୨୫ର ବିମର୍ଷର ବିଶୟ ଥିଲା। ଏହି ବର୍ଷ ନିର୍ବାଚନ ସୁଧାର, ଏକ ଦେଶ-ଏକ ନିର୍ବାଚନ ଏବଂ ପ୍ରଶାସନିକ ପାରଦର୍ଶିତା ଭଳି ପ୍ରସଙ୍ଗକୁ ନେଇ ଶାସକ ବିରୋଧି ଆମନା ସାମନା ହୋଇଥିଲେ। ବିଶେଷ ଗହନ ପୁନଃ ନୀରିକ୍ଷଣ (ଏସ୍ ଆଇ ଆର) ମଧ ଚର୍ଚ୍ଚାରେ ଥିଲା। ବିହାରରେ ୬୫ଲକ୍ଷ ଲୋକ ଭୋଟର ତାଲିକାରୁ ବାଦ ପଡ଼ିଥିଲେ। ମମତା ବାନାର୍ଜୀଙ୍କ ବିରୋଧକୁ ୨୦୨୫ର ଏକ ଗୁରୁତ୍ୱପୁର୍ଣ୍ଣ ଘଟଣାଭାବେ ବିବେଚନା କରାଯାଇଥିଲା। ୨୦୨୫ରେ ନିର୍ବାଚନ ଆୟୋଗ ବିରୋଧିଙ୍କ ଟାର୍ଗେଟରେ ଥିଲେ।

ଆର୍ଥୀକ ଘଟଣାକ୍ରମରେ ଦରଦାମ ବୃଦ୍ଧି, ଡିଜିଟାଲ ଅର୍ଥବ୍ୟବସ୍ଥା ଏବଂ ଚାପ ଚର୍ଚ୍ଚାରେ ଥିଲା। ଦରଦାମ ନିୟନ୍ତ୍ରଣ ସରକାରଙ୍କ ପାଇଁ ଚାଲେଞ୍ଜ ସୃଷ୍ଟି କରିଥିଲା। ବୈଶ୍ୱିକ ଅସ୍ଥିରତାର ପ୍ରଭାବ ସିଧାସଳଖ ଭାବେ ଖାଦ୍ୟ ପଦାର୍ଥ ଓ ଇନ୍ଧନ ଉପରେ ପଡ଼ିଥିଲା। ସୁନା ଋପରେ ମୂଲ୍ୟ ରେକର୍ଡ ପରିମାଣରେ ବୃଦ୍ଧି ପାଇଥିଲା। ସେହିପରି ଡିଜିଟାଲ ନେଣ ଦେଣ ପ୍ରଣାଳୀ ମଧ ରେକର୍ଡ ସୃଷ୍ଟି କରିଥିଲା। ଷ୍ଟାର୍ଟଅପ ଏବଂ ଗ୍ରୀନ ଏନର୍ଜୀ କ୍ଷେତ୍ରରେ ପୁଞ୍ଜିନିବେଶ ବଢ଼ିଥିଲା। ଜିଏସ୍ଟି ବ୍ୟବସ୍ଥାକୁ ସୁଧାରାଜିବା ପରେ ବ୍ୟବସାୟ ଏବଂ ପୁଞ୍ଜିନିବେଶକୁ ଫାଇଦା ମିଳିଥିଲା। ୨୦୨୫ରେ ଭାରତ ବିଶ୍ୱର ସବୁଠାରୁ ବୃହତ୍ ଡିଜିଟାଲ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଥିଲା। କିନ୍ତୁ ଦେଶର ମଧମ ବର୍ଗଙ୍କ ଅବସ୍ଥା, ଗ୍ରାମାଞ୍ଚଳର ଅର୍ଥବ୍ୟବସ୍ଥା ସୁଧୁରି ପାରିନଥିଲା। ୨୦୨୫ରେ ବେରୋଜଗାରୀକୁ ନେଇ ଚିନ୍ତା ବଢ଼ିଥିଲା। ଡିଜିଟାଲ ଯୁଗରେ ନିଜସ୍ୱ ତଥ୍ୟ (ଡ଼ାଟା)ର ସୁରକ୍ଷା ଓ ମହିଳାଙ୍କ ସୁରକ୍ଷା ଏପରିକି କାର୍ଯ୍ୟାଳୟରେ ସମାନତା, ଶିକ୍ଷା ତଥା ପ୍ରତିଯୋଗୀ ପରୀକ୍ଷାକୁ ନେଇ ବିବାଦ, ଅନଲାଇନ୍ ଠକେଇ ବୃଦ୍ଧି ଲୋକଙ୍କ ପାଇଁ ସମସ୍ୟା ପାଲଟିଥିଲା। ଖେଳ ମୋର୍ଚ୍ଚାରେ ୨୦୨୫ ଭାରତ ପାଇଁ ଉତ୍ସାହଜନକ ଥିଲା। ଭାରତ ଏସୀଆ କପ୍ କ୍ରିକେଟ ଜିତିଥିଲା। ଯୁବ ଖେଳାଳୀ ମାନଙ୍କ ପ୍ରଦର୍ଶନ ଉତ୍ତମଥିଲା।

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**

# ଆନ୍ତର୍ଜାତିକ ମହାକାଶ ବଜାରରେ ଇସ୍ରୋର ଗୁରୁତ୍ୱ

ବିଜନ କୁମାର ମହାପାତ୍ର



ଦେଶର ଅନ୍ତରୀକ୍ଷ ଗବେଷଣା ଇତିହାସରେ ଗୋଟିଏ ପରେ ଗୋଟିଏ ସ୍ୱର୍ଣ୍ଣିମ ଅଧ୍ୟାୟ ଲେଖି ଚାଲିଛି ଭାରତୀୟ ମହାକାଶ ଗବେଷଣା ସଂସ୍ଥା –ଇସ୍ରୋ। ନିକଟରେ ଇସ୍ରୋ ହାସଲ କରିଛି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ଭାରତ ମାଟିରୁ ସବୁଠାରୁ ଓଜନିଆ ଉପଗ୍ରହ ମହାକାଶକୁ ପ୍ରେରଣ କରିଛି ଇସ୍ରୋ। ଆନ୍ଧ୍ର ପ୍ରଦେଶର ଶ୍ରୀହରିକୋଟାରୁ ଏକ ଆମେରିକୀୟ କମ୍ପାନୀର ଓଜନିଆ ସଂଚାର ଉପଗ୍ରହ ବ୍ଲୁ ବାର୍ଡ ବ୍ଲକ୍ -୨କୁ ନିଜର ବାହୁବଳୀ ରକେଟ ଏଲଭିଏମ-୩ ଜରିଆରେ ମହାକାଶକୁ ସଫଳତାର ସହ ଉତକ୍ଷେପଣ କରି ପୃଥିବୀର ନିମ୍ନ କକ୍ଷରେ ସ୍ଥାପିତ କରିଛି। ୬ ହଜାର ୧୦୦ କିଲୋଗ୍ରାମ ଓଜନ ବିଶିଷ୍ଟ ଏହି ବିଦେଶୀ ଉପଗ୍ରହକୁ ସଫଳତାର ସହ ଉତକ୍ଷେପଣ କରି ନିଜର 'ହ୍ୟୁମାନ ରେଟେଡ୍' ଲଂଚର୍ ଇତିହାସରେ ଏକ ଗୌରବମୟ ଅଧ୍ୟାୟ ଯୋଡିଛି ଇସ୍ରୋ। ଏଲଭିଏଏମ୍ -୩ର ଏହା ହେଉଛି ଲଗାତର ନବମ ସଫଳତା। ଇସ୍ରୋର ଏହି ମହତ୍ୱପୂର୍ଣ୍ଣ ସଫଳତା ଭାରତର ଆଗାମୀ ମାନବଯୁକ୍ତ ଗଗନଯାନ ମିଶନ ପାଇଁ ମନୋବଳ ବୃଦ୍ଧି କରିବାରେ ସହାୟକ ହେବ। ଏଲଭିଏମ-୩ର ସଦ୍ୟତମ ମିଶନରୁ ସ୍ପଷ୍ଟ ସଙ୍କେତ ମିଳିଛି ଯେ, ଭାରତ ବୈଶ୍ୱିକ 'ଏଲଇଓ (ଲୋ ଆର୍ଥ ଅର୍ବିଟ)କମ୍ୟୁନିକେସନ'ବଜାରରେ ପ୍ରମୁଖ ଦେଶ ଭାବେ ନିଜର ସ୍ଥିତି ଧୀରେ ଧୀରେ ମଜବୁତ କରିବାରେ ଲାଗିଛି।

ସୂଚନାଯୋଗ୍ୟ ଯେ, ଏଲଇଓ ପୃଥିବୀ ପୃଷ୍ଠରୁ ପ୍ରାୟ ୧୬୦ରୁ ୨ ହଜାର କିଲୋମିଟର ଉଚ୍ଚତାରେ ଅବସ୍ଥିତ। ଏହା ହେଉଛି ସେହି କ୍ଷେତ୍ର, ଯେଉଁଠି ଆନ୍ତର୍ଜାତିକ ମହାକାଶ କେନ୍ଦ୍ର ସ୍ଥାପନ ହୋଇଛି ଓ ଜିପିଏସ ଓ ସଂଚାର ଉପଗ୍ରହ ଆଦି ପରିକ୍ରମା କରନ୍ତି। କାରଣ ଏଠାରେ କମ୍ ଶକ୍ତି ଓ କମ୍ ବିଳମ୍ବିତ ସିଗନାଲ୍ ସହ ( ଲେଟେଂସୀ) ରେ ଯୋଗାଯୋଗ ସମ୍ଭବ। ଏହା ଇମର୍ଜିଂ ଓ ବ୍ରଡବ୍ୟାଣ୍ଡ କନେକ୍ଟିଭିଟି ପାଇଁ ବେଶ୍ ଉପଯୋଗୀ ହୋଇଥାଏ।

ଆମେରିକାର ବ୍ଲୁ ବାର୍ଡ ବ୍ଲକ୍-୨ ସଂଚାର ଉପଗ୍ରହର ଉତକ୍ଷେପଣ ଥିଲା ଇସ୍ରୋର ଏକ ବ୍ୟବସାୟିକ ମିଶନ। ଏହି ଉପଗ୍ରହ ଭାରତ ମାଟିରୁ ଲଂଚ୍ ହୋଇଥିବା ସବୁଠାରୁ ଭାରୀ ପେ ଲୋଡ୍ ଥିଲା। ପୂର୍ବରୁ ୨୦୨୫ ନଭେମ୍ବରର ନିଜର ବାହୁବଳୀ ରକେଟ ଦ୍ୱାରା ଭାରତର ସବୁଠୁ ଓଜନିଆ ସାଟେଲାଇଟ ସିଏମଏସ-୦୩ ମହାକାଶକୁ ଛାଡିଥିଲା ଇସ୍ରୋ, ଯାହାର ଓଜନ ଥିଲା ୪ ହଜାର ୪୦୦ କିଲୋଗ୍ରାମ। ମାତ୍ର ୫୨ ଦିନ ମଧରେ ଦୁଇ ଦୁଇଟି ଓଜନିଆ ସାଟେଲାଇଟ୍ ମହାକାଶକୁ ସଫଳତାର ପଠାଇ ନିଜର ଦକ୍ଷତା ପ୍ରମାଣିତ କରିଛି ଭାରତର ମହାକାଶ ସଂସ୍ଥା।




ବାହୁବଳୀ ରକେଟ ଏଲଭିଏମ-୩ର ଲଗାତର ନବମ ସଫଳ ଉତକ୍ଷେପଣ ମହତ୍ତ୍ୱାକାଂକ୍ଷୀ ଗଗନଯାନ ମିଶନ ପାଇଁ ଯେ, ଇସ୍ରୋର ମନୋବଳ ବଢାଇବ, ଏଥିରେ ସନ୍ଦେହ ନାହିଁ। ସୂଚନାଯୋଗ୍ୟ ଯେ, ଭାରତର ଗଗନଯାନ ମିଶନ ପାଇଁ ଏଲଭିଏମ୍-ଥ୍ରୀ ରକେଟରେ ୯ ହଜାର ୫୦୦ କିଲୋଗ୍ରାମ ପେ ଲୋଡ୍ କ୍ଷମତା ରହିବା ଜରୁରୀ। ବର୍ତ୍ତମାନ ଏହି ରକେଟର ପେ ଲୋଡ୍ କ୍ଷମତା ୮ ହଜାର କିଲୋଗ୍ରାମ ରେଞ୍ଜ୍‌ରେ ପହଂଚିଛି। ଧୀରେ ଧୀରେ ଇସ୍ରୋ ୯ ହଜାର ୫ ଶହ ପେ ଲୋଡ୍ କ୍ଷମତା ଆଡକୁ ଅଗ୍ରସର ହେଉଛି।

ଇସ୍ରୋ ବିଭିନ୍ନ ଦେଶ ବା କମ୍ପାନି ପାଇଁ ସଫଳ ଓ ସୁଲଭ ଉତକ୍ଷେପଣ ମଂଚ ହୋଇଛି। କିନ୍ତୁ ସାଧାରଣତଃ ଛୋଟ ଓ ହାଲୁକା ଉପଗ୍ରହ ଉତକ୍ଷେପଣରେ ହିଁ ଇସ୍ରୋର ବିଶେଷତ୍ୱ ରହିଛି। କିନ୍ତୁ ଏବେ ବଦଳିବାରେ ଲାଗିଛି ସ୍ଥିତି। ୫୨ ଦିନ ମଧରେ ଦୁଇ ଦୁଇଟି ଓଜନିଆ ଉପଗ୍ରହ ଉତକ୍ଷେପଣ କରି ନିଜ ଦକ୍ଷତା ପ୍ରମାଣିତ କରିଛି ଇସ୍ରୋ। ଏଥି ସହିତ ଆନ୍ତର୍ଜାତିକ ବ୍ୟବସାୟିକ ମହାକାଶ ବଜାରରେ ନିଜକୁ ସାବ୍ୟସ୍ତ କରିବାରେ ଲାଗିଛି। ବ୍ଲୁବାର୍ଡ ବ୍ଲକ୍-୨ ପରି ଭାରୀ ସଂଚାର ଉପଗ୍ରହର ଉତ୍କ୍ଷେପଣ ସୁବିଧା ଆମେରିକୀୟ ଶିଳ୍ପପତି ଏଲନ ମସ୍କଙ୍କ କମ୍ପାନି ସ୍ପେସଏକ୍ସ ମଧ ପ୍ରଦାନ କରିଥାଏ। କିନ୍ତୁ ବ୍ଲୁ ବାର୍ଡ ବ୍ଲକ୍-୨ ଉପଗ୍ରହର ଉତକ୍ଷେପଣ ପାଇଁ ଆମେରିକୀୟ କମ୍ପାନି ସ୍ପେସମୋବାଇଲ ଆଇଏନସି ଇସ୍ରୋକୁ ହିଁ ବାଛିଥିଲା। ଏଥିରୁ ସ୍ପଷ୍ଟ ଯେ, ଆମେରିକାର କଂପାନିମାନେ ବି ନାସା ଓ ସ୍ପେସଏକ୍ସର ବିକଳ୍ପ ଖୋଜୁଛନ୍ତି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ, ଆମେରିକୀୟ କମ୍ପାନିମାନେ ସର୍ବଦା ଫାଇଦା ଦେଖନ୍ତି। ଆଉ ଏ ଦୃଷ୍ଟିରୁ ସ୍ପେସଏକ୍ସ ଭଳି ଏକ ମହଙ୍ଗା ଉତକ୍ଷେପଣ ମଂଚ ଅପେକ୍ଷା ସୁଲଭ ସେବା ଯୋଗାଉଥିବା ଇସ୍ରୋ ଭଲ ବିକଳ୍ପ ଭାବେ ଉଭା ହୋଇଛି। କେବଳ ଆମେରିକୀୟ କମ୍ପାନି ନୁହଁନ୍ତି, ବିଶ୍ୱର ଅନେକ ଦେଶ ଇସ୍ରୋର ସୁଲଭ ଓ ଭଲ ଉତକ୍ଷେପଣ ବିକଳ୍ପର ଫାଇଦା ନେବାକୁ ଚାହାନ୍ତି। ଏଥିପାଇଁ ନିଜ ଭିତ୍ତିଭୂମିର ଦ୍ରୁତ ବିକାଶ ଇସ୍ରୋ ପକ୍ଷେ ଅପରିହାର୍ଯ୍ୟ ହୋଇପଡ଼ିଛି।

ଏଲଭିଏମ –ଥ୍ରୀ ରକେଟ୍ ଜରିଆରେ ୬ ହଜାର କିଲୋଗ୍ରାମ ଓଜନ ବିଶିଷ୍ଟ ବ୍ଲୁ ବାର୍ଡ ବ୍ଲକ୍ -୨ ସଂଚାର ଉପଗ୍ରହ ସଫଳତାର ସହ ଉତକ୍ଷେପଣ ଇସ୍ରୋ ପାଇଁ ନିଶ୍ଚିତ ଭାବେ ଏକ ଶ୍ରେଷ୍ଠ ପ୍ରଦର୍ଶନ। ହେଲେ ଆମକୁ ମନେ ରଖିବାକୁ ହେବ ଯେ, ଏ କ୍ଷେତ୍ରରେ ଭାରତକୁ ଆହୁରି ଅନେକ କିଛି କରିବାକୁ ପଡ଼ିବ। କାରଣ ଆମେରିକା, ଋଷିଆ ଓ ଚୀନ୍ ନିକଟରେ ଅଧିକ ଓଜନର ପେ ଲୋଡ୍ ଲଂଚ୍ କରିବାର ଶକ୍ତିଶାଳୀ ରକେଟ୍ ରହିଛି। ଏହାଛଡା ଭାରତ ତୁଳନାରେ ଏସବୁ ଦେଶ ଅଧିକ ଓଜନର ଉପଗ୍ରହ ମହାକାଶକୁ ପଠାଇ ସାରିଛନ୍ତି। ତେଣୁ ବ୍ୟବସାୟିକ ଦୃଷ୍ଟିରୁ କିପରି ଅଗ୍ରସର ହେବାକୁ ପଡ଼ିବ, ସେ ନେଇ ଇସ୍ରୋ ଓ ସରକାରଙ୍କୁ ଚିନ୍ତା କରିବାକୁ ହେବ। ଇସ୍ରୋର ମହାକାଶ ସେବା ଅପେକ୍ଷାକୃତ ଶସ୍ତା। ତେଣୁ ବିକଶିତ ଦେଶଗୁଡ଼ିକ ମଧ ଇସ୍ରୋ ଆଡେ ମୁହାଁଇଥାଆନ୍ତି। ତେବେ ଆନ୍ତର୍ଜାତିକ ପ୍ରତିଦ୍ୱନ୍ଦିତାରେ ତିଷ୍ଠି ରହିବା ପାଇଁ ଇସ୍ରୋକୁ ବୈଷୟିକ ନୈପୁଣ୍ୟତା ସହ ଅଗ୍ରସର ହେବାକୁ ପଡ଼ିବ। ଏଥିପାଇଁ ମହାକାଶ ଗବେଷଣା କ୍ଷେତ୍ରରେ ଅଧିକ ପୁଞ୍ଜି ଖଟାଇବା ଜରୁରୀ ମନେହେଉଛି।

**ଉମା ନଗର, ଚତୁର୍ଥ ଗଳି, ଲାଞ୍ଜିପଲ୍ଲୀ, ବ୍ରହ୍ମପୁର -୮**
**ମୋବାଇଲ୍: ୮୮୪୭୮୪୨୪୨୪**

# ଓଡ଼ିଶାରେ ସୂର୍ଯ୍ୟପୂଜା, ଶାମ୍ବ ଦଶମୀ ଓ ସୂର୍ଯ୍ୟ ରଥଯାତ୍ରା

ରାଜରଶ୍ମୀ ଦାସ



ପବିତ୍ର ଦେବଭୂମି ତଥା ବାରମାସରେ ତେର ପର୍ବର ଯାତ୍ରାକୁ ନେଇ ଓଡ଼ିଆଙ୍କ ଘରେ ଘରେ ଅନେକ ପୂଜା, ମହୋତ୍ସବ, ସଂକ୍ରାନ୍ତି, ପାର୍ବଣ ପୂଜିତ ହୋଇଥାଏ। ତେବେ ସୂର୍ଯ୍ୟ ପୂଜା ଓ ଶାମ୍ବ ଦଶମୀର ସ୍ଥାନ ଏ କ୍ଷେତ୍ରରେ କିଛିଟା ସ୍ୱତନ୍ତ୍ରତା ରଖିଛି। ଭଗବାନ ସୂର୍ଯ୍ୟ ବିଭିନ୍ନ ନାମରେ ନାମିତ। ତାଙ୍କର ବିଭିନ୍ନ ନାମ ହେଉଛି ଭାସ୍କର, ଆଦିତ୍ୟ, ପ୍ରଭାକର, ଦିବାକର, ସହସ୍ରାଂଶୁ, ତ୍ରିଲୋକ-ଲୋଚନ, ଦେବଦେବେଶ ଛାୟାରମଣ, ଦିନକର, ଦ୍ୱାଦଶାତ୍ମକ, ତ୍ରିବିକ୍ରମ। ପୁରାଣକାରମାନେ ସୂର୍ଯ୍ୟ ପୂଜା, ଏହାର ତାତ୍ପର୍ଯ୍ୟତା ଓ ପ୍ରାସଙ୍ଗିକତାକୁ ନେଇ ଲେଖିଛନ୍ତି-'ରବିବାର ଦିନ ସୂର୍ଯ୍ୟପୂଜା ମନାସିଣ, ବ୍ରତ କଲେ ଲକ୍ଷ୍ମୀଦେବୀ ହରଷ ହୋଇଣ। ସେହିଦିନୁ ପୁତ୍ରକାମ୍ୟ ପତିବ୍ରତା ନାରୀ, ରବିବାର ଦିନ ବ୍ରତ କରନ୍ତି ବିଚାରି। ମନର କାମନା ସର୍ବ ହୁଅଇ ପୂରଣ, ସ୍ନାନ ଯେ କରେ ସେହି ମାଘ ସପ୍ତମୀ ଦିନ।

ସୂର୍ଯ୍ୟ ରଥଯାତ୍ରା କୋଣାର୍କରେ ପାଳିତ ହେଉଥିବା ଏକ ବହୁ ପୁରାତନ ରଥଯାତ୍ରା। ଶାମ୍ବ ଦଶମୀ ତିଥିରେ ସୂର୍ଯ୍ୟ ଦେବତାଙ୍କର ଚଳନ୍ତି ପ୍ରତିମା ମିତ୍ରାଦିତ୍ୟ, ସୂର୍ଯ୍ୟ ରଥରେ ରଥାରୂଢ଼ ହୋଇ ଚନ୍ଦ୍ରଭାଗା ଅଭିମୁଖେ ଯାତ୍ରା କରି ମାଘ ମାସର ଶୁକ୍ଳ ସପ୍ତମୀ ତିଥିରେ ପ୍ରତ୍ୟାବର୍ତ୍ତନ କରନ୍ତି। ଶାମ୍ବ ଦଶମୀ ତିଥିରେ ପ୍ରାତଃ ସ୍ନାନ କରି ମିତ୍ରାଦିତ୍ୟଙ୍କୁ ରଥରେ ଦର୍ଶନ କଲେ ରୋଗ, ଶୋକ ଓ ଭୟରୁ ମୁକ୍ତି ମିଳିବା ସହିତ ପୁନର୍ଜନ୍ମ ହୋଇନଥାଏ ବୋଲି କପିଳ ସଂହିତାରେ ଉଲ୍ଲେଖ ଅଛି। କୋଣାର୍କର ଅର୍କତୀର୍ଥ ମୈତ୍ରାୟାଖ୍ୟ ବନ, ପଦ୍ମକ୍ଷେତ୍ର ଓ କାଶ୍ୟପ ମୁନିଙ୍କ ପୁତ୍ର ମିତ୍ରାଦିତ୍ୟଙ୍କ ଜନ୍ମଭୂମି ଦ୍ୱାପର ଯୁଗରେ ମୈତ୍ରେୟ ମୁନିଙ୍କ ଆଶ୍ରମ ଥିଲା। ମୈତ୍ରେୟ ମୁନି କୃଷ୍ଣଙ୍କର ଜଣେ ଶୁଭେଚ୍ଛୁ ଥିବା ଭାଗବତ କୁହେ। କୃଷ୍ଣ ନିଜର ପୁତ୍ର ଶାମ୍ବଙ୍କୁ କୁଷ୍ଠରୋଗରୁ ମୁକ୍ତି କରିବା ପାଇଁ ମୈତ୍ରେୟଙ୍କ ଆଶ୍ରମକୁ ପଠାଇଥିଲେ। ଶାମ୍ବ ସୂର୍ଯ୍ୟଙ୍କୁ ଆରାଧନା କରିବା ପାଇଁ ଚନ୍ଦ୍ରଭାଗା ତୀର୍ଥରେ ସ୍ନାନ ସମୟରେ ମିତ୍ରାଦିତ୍ୟଙ୍କର ଏକ ସୁନ୍ଦର ମୂର୍ତ୍ତି ପାଇଥିଲେ। ଏହି ମୂର୍ତ୍ତିକୁ ବିଶ୍ୱକର୍ମା ତିଆରି କରିଥିଲେ ଏବଂ ଏହାକୁ ଦେବତା, ଦାନବ, ମାନବମାନେ ମିତ୍ରତା ସୂତ୍ରରେ ଆବଦ୍ଧ ହୋଇ ପୂଜା କରୁଥିଲେ। ଶାମ୍ବ ଏହି ମୂର୍ତ୍ତିକୁ କୋଣାର୍କରେ ପୂଜା କରିବା ସହିତ ସୂର୍ଯ୍ୟ ରଥଯାତ୍ରା ପ୍ରଚଳିତ କରିଥିବା ଜଣାଯାଏ।

ସମୟାନୁକ୍ରମେ ଓଡ଼ିଶାର ରାଜା ପୁରନ୍ଦର କେଶରୀ ଓ ଲାଙ୍ଗୁଳା ନରସିଂହ ଦେବ ଏହି ପରମ୍ପରାକୁ ବଜାୟ ରଖିଥିଲେ। ପରବର୍ତ୍ତୀ ଅବସ୍ଥାରେ ସୂର୍ଯ୍ୟ ମନ୍ଦିର ଭାଙ୍ଗି ଯିବାରୁ ପୂଜାର୍ଚ୍ଚନା ବନ୍ଦ ହେବା ସହିତ ସୂର୍ଯ୍ୟ ରଥଯାତ୍ରା ମଧ ବନ୍ଦ ହୋଇଯାଇଥିବା ମାଦଳା ପାଞ୍ଜିରୁ ସୂଚନା ମିଳେ। ପୁନର୍ବାର ୧୯୯୮ ମସିହାରେ ଅନନ୍ତ ଅବଧୂତ ମଠର ଦିବଂଗତ ମହନ୍ତ ଆର୍ତ୍ତତ୍ରାଣ ଦାସ ଏହି ରଥଯାତ୍ରାକୁ ପ୍ରଚଳନ କରିଥିଲେ। ୧୯୯୮ ମସିହାରୁ ପ୍ରତିବର୍ଷ ଶାମ୍ବ ଦଶମୀରେ ସୌର ବ୍ରାହ୍ମଣ ପରିଷଦ, ଗାୟତ୍ରୀ ପରିବାର ଓ ଅବଧୂତ ମଠ ମହନ୍ତଙ୍କ ଦ୍ୱାରା ଏହି ସୂର୍ଯ୍ୟ ରଥଯାତ୍ରା ପାଳିତ ହୋଇ ଆସୁଛି। ପରମ୍ପରା ଅନୁଯାୟୀ ମୈତ୍ରେୟ ଋଷିଙ୍କ ଆଶ୍ରମ ତଥା ଶାମ୍ବଙ୍କ ସାଧନା ପୀଠ ଅନନ୍ତ ଅବଧୂତ ମଠରେ ବିଶ୍ୱଶାନ୍ତି ଗ୍ରହଯଜ୍ଞ ଅନୁଷ୍ଠିତ ହୋଇ ଶାମ୍ବ ଦଶମୀ ପୂର୍ବଦିନ ସୂର୍ଯ୍ୟାସ୍ତ ପୂର୍ବରୁ ପୂର୍ଣ୍ଣାହୁତି ଦିଆଯାଇଥାଏ। ସକାଳ ୬ ଟାରୁ ଉଦୟକାଳୀନ ସୂର୍ଯ୍ୟଙ୍କୁ କାକରାଭୋଗ, ଅର୍କବଟ ପୂଜାର୍ଚ୍ଚନା, କୋଣାର୍କ ମନ୍ଦିର ପୂଜାବିଧାନ ଅନୁଯାୟୀ ୧୦୮ ରଥର ପାର୍ଶ୍ୱଦେବୀ ଓ ସପ୍ତାଶ୍ୱଙ୍କୁ ପୂଜା ପରେ ଅନନ୍ତ ଅବଧୂତ ମଠରୁ ସୂର୍ଯ୍ୟଦେବଙ୍କୁ ରଥାରୁଢ଼ କରାଯାଇଥାଏ। ପ୍ରତ୍ୟୁଷରୁ ମଠ ମହନ୍ତ ରଥ ଉପରେ ଛେରାପହଁରା କରିବା ପରେ ଉପସ୍ଥିତ ସାଧୁସନ୍ଥ, ଶ୍ରଦ୍ଧାଳୁମାନେ ଚନ୍ଦ୍ରଭାଗା ଅଭିମୁଖେ ରଥ ଟାଣିନିଅନ୍ତି। ସୂର୍ଯ୍ୟରଥ ବାହାରି ସେହିଦିନ ଚନ୍ଦ୍ରଭାଗା ତୀର୍ଥ ନିକଟରେ ପହଞ୍ଚିବା ପରେ ତୀର୍ଥ ପୁଷ୍କରିଣୀରେ ସ୍ନାନ କରନ୍ତି। ସ୍ନାନାନ୍ତେ ସେଠାରେ ଥିବା ଛୋଟାରାମ ବାବାଙ୍କ ଆଶ୍ରମରେ ୨୭ଦିନ ଧରି ନକ୍ଷତ୍ରରେ ସୂର୍ଯ୍ୟଙ୍କର ଚଳନ୍ତି ପ୍ରତିମା ମିତ୍ରାଦିତ୍ୟଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା ମାଘ ସପ୍ତମୀ ପର୍ଯ୍ୟନ୍ତ ଜାରି ରହେ। ମାଘ ସପ୍ତମୀ ତିଥିରେ ଜନ୍ମଭୂମି ଅନନ୍ତ ଅବଧୂତ ମଠକୁ ବାହୁଡ଼ି ଆସିଥାଆନ୍ତି।

ସୂର୍ଯ୍ୟ ମଣ୍ଡଳରେ ତାର ହୁଏ ଶେଷ ଘର, ଦେବତାଏ ପୁଜୁଥାନ୍ତି ତାହାର ପୟର।' ସୂର୍ଯ୍ୟ ପୁରାଣ ପାଠ ଦ୍ୱାରା ଜଣଙ୍କୁ ଶହେ ଅଶ୍ୱମେଧ ଯଜ୍ଞର ଫଳପ୍ରାପ୍ତି ହୋଇଥାଏ। କେବଳ ସେତିକି ନୁହେଁ ଅପୁତ୍ରିକ ଦୋଷ ଓ ଯମ ଭୟରୁ ମଧ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ପୌଷ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ଏହି ଶାମ୍ବ ଦଶମୀ ଅନୁଷ୍ଠିତ ହୋଇଥାଏ। ସକଳ ଶକ୍ତି ଓ ସକଳ ଆଶୀର୍ବାଦର ପ୍ରତୀକ ଭଗବାନ ସୂର୍ଯ୍ୟଦେବଙ୍କ କୃପା ପାଇବା ପାଇଁ ଏହି ଦିନରେ ବେଶ୍ ଭକ୍ତି ଆଡ଼ମ୍ବରର ସହିତ ପୂଜା ପାଠ ସମାପିତ ହୋଇଥାଏ। ଓଡ଼ିଆଣୀମାନେ ଏହି ଦିନରେ ନୂଆ ନୂଆ ପ୍ରକାରର ପିଠା, ପଣା ଓ ସୁସ୍ୱାଦୁ ପ୍ରସ୍ତୁତ କରି ଘରେ ସମସ୍ତଙ୍କୁ ନୈବେଦ୍ୟ ପରେ ଆପ୍ୟାୟିତ କରିଥାଏ। ଯଦିଓ ଆଜିର ସୂଚନା ପ୍ରଯୁକ୍ତିର ଯୁଗରେ ତଥାକଥିତ ହାଇଟେକ୍ ଚିନ୍ତା ଲୋକମାନଙ୍କୁ କିଛି ପର୍ବ ପର୍ବାଣୀ ପ୍ରତି ବିମୁଖତା ସୃଷ୍ଟି କରିଛି ତଥାପି ଶାମ୍ବ ଦଶମୀରେ ସୂର୍ଯ୍ୟପୂଜାର ସ୍ୱତନ୍ତ୍ରତା ଯୁଗେ ଯୁଗେ ରହି ଆସିଛି। ତେବେ ଯାହାହେଉନା କାହିଁକି ପ୍ରତିଟି ଓଡ଼ିଆଙ୍କ ଜନଜୀବନରେ ଚିର ଦିନ ପାଇଁ ଶାମ୍ବ ଦଶମୀ ସେମାନଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ରହିଥିବ। ପ୍ରତି ଓଡ଼ିଆଙ୍କ ଚିନ୍ତା ଓ ଚେତନାରେ ଏହାର ସ୍ଥାନ ଯୁଗେ ଯୁଗେ ଭକ୍ତିଭାବ ସୃଷ୍ଟି ସହ ଭଗବାନ ସୂର୍ଯ୍ୟଦେବଙ୍କ ପ୍ରତି ନିଜ ସମର୍ପିତ ଚିନ୍ତନକୁ ଆହୁରି ଜାଜ୍ୱଲ୍ୟମାନ କରି ତୋଳିବ।

'ସତ୍ୟାଳୟ' ପ୍ଲଟ ନଂ-୧୦୮୭/ଡ଼ି, ସେକ୍ଟର-୬, କଟକ



# ନିଆଁ ସହ ଖେଳୁଛି ଆମେରିକା: ଜାତିସଂଘ



ନ୍ୟୁୟର୍କ,୪।୧ଃ ଆମେରିକାର ଭେନେଜୁଏଲା ଆକ୍ରମଣ ଉପରେ ଜାତିସଂଘର ସେକ୍ରେଟାରୀ ଜେନେରାଲ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି ଯେ, ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ଏବଂ ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ହଟାଇବା ପାଇଁ କାର୍ଯ୍ୟ ଏକ ବିପଜ୍ଜନକ ଉଦାହରଣ ସୃଷ୍ଟି କରିଛି। ଆମେରିକା ନିଆଁ ସହ ଖେଳୁଛି, ଯାହା ଆଦୌ ଶୁଭଙ୍କର ନୁହେଁ। ରିପୋର୍ଟ ଅନୁଯାୟୀ, ରୁଷ ଏବଂ ଚୀନ୍ ସମର୍ଥନରେ କଲମ୍ବିଆ ଜାତିସଂଘ ସୁରକ୍ଷା ପରିଷଦର ବୈଠକ ଦାବି କରିଛି। ଆମେରିକା ଏବଂ ଭେନେଜୁଏଲା ମଧ୍ୟରେ ବଢୁଥିବା ଉତ୍ତେଜନାକୁ ସମାଧାନ କରିବା ପାଇଁ ସୁରକ୍ଷା ପରିଷଦ ପୂର୍ବରୁ ଅକ୍ଟୋବର ଏବଂ ଡିସେମ୍ବରରେ ଦୁଇଥର ବୈଠକ କରିଥିଲା। ଭେନେଜୁଏଲାରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଏବେ ପୁଣି ଥରେ ବୈଠକ ଅନୁଷ୍ଠିତ ହେଉଛି। ଭେନେଜୁଏଲାର ଜାତିସଂଘ ପ୍ରତିନିଧି ସାମୁଏଲ୍ ମୋନକାଡା ଆମେରିକା ବିରୋଧରେ ଏକ କଠୋର ବିବୃତି ଜାରି କରି ଏହାକୁ ଭେନେଜୁଏଲାର ଗଣତନ୍ତ୍ର ସରକାରଙ୍କୁ ଏକ କଠୋର ସରକାର ସ୍ଥାପନ କରିବା ପାଇଁ ଏକ ଉପନିବେଶିକ ଯୁଦ୍ଧ ବୋଲି ଅଭିହିତ କରିଛନ୍ତି। ଆମେରିକା ପ୍ରକୃତରେ ନିଜ ସ୍ୱାର୍ଥ ପାଇଁ ଭେନେଜୁଏଲାର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ନଷ୍ଟ କରିବାକୁ ଚେଷ୍ଟା କରୁଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

ମୋନକାଡା ପ୍ରଶ୍ନ କରିଛନ୍ତି, ଆମେରିକା ଜାତିସଂଘ ଚାର୍ଟର ଉଲ୍ଲଂଘନ କରିଛି। ଚାର୍ଟର ଅନୁଯାୟୀ କୌଣସି ଦେଶ ଅନ୍ୟ ଦେଶର ଆଞ୍ଚଳିକ ଅଖଣ୍ଡତା ଏବଂ ରାଜନୈତିକ ସ୍ୱାଧୀନତା ବିରୋଧରେ ନିଜର ଶକ୍ତି ବ୍ୟବହାର କରିପାରିବ ନାହିଁ। ଏବେ ଆମେରିକା ଭେନେଜୁଏଲା ବିରୋଧରେ ଅନେକ କଟକଣା ଲାଗୁ କରିଛି ଏବଂ ସମ୍ପ୍ରତି ସନ୍ଦେହଜନକ ନିଶାଦ୍ରବ୍ୟ ଚୋରା ଚାଲାଣ କରୁଥିବା ଡଙ୍ଗାକୁ ଟାର୍ଗେଟ କରିଛି।

## ୪୦ରୁ ଊର୍ଦ୍ଧ୍ୱ ମୃତ, ଚୀନ, ରୁଷର ତୀବ୍ର ନିନ୍ଦା

ନ୍ୟୁୟର୍କ, ୪।୧ଃ ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ପରେ ଏବେ ସାରା ବିଶ୍ୱ ସ୍ତବ୍ଧ। ଆମେରିକାର ଏୟାରଷ୍ଟ୍ରାଇକରେ ୪୦ରୁ ଅଧିକ ପ୍ରାଣ ହରାଇଛନ୍ତି। ଆମେରିକାର ଏପରି ଆକ୍ରମଣକୁ ଲାଟିନ ଆମେରିକା ସମେତ ଚାଇନା, ୟୁରୋପ, ରୁଷ ଆଦି ନିନ୍ଦା କରିଛନ୍ତି। ଉତ୍ତେଜନା କମାଇବାକୁ ସମସ୍ତ ଦେଶ ଅପିଲ କରିଛନ୍ତି। ତେବେ ଲଗାତାର ଭେନେଜୁଏଲା ଉପକୂଳରେ ଏୟାରଷ୍ଟ୍ରାଇକ୍ ଏବଂ ବନ୍ଦରକୁ ଟାର୍ଗେଟ୍ କରିବା ପରେ ଏବେ ସେଠାକାର ରାଷ୍ଟ୍ରପତିଙ୍କୁ ୟୁଏସ ନେଇ ଆସିଛି।

## ଟ୍ରମ୍ପଙ୍କୁ କମଳା ହାରିସଙ୍କ ଖୋଲା ଚ୍ୟାଲେଞ୍ଜ

### କେବଳ ତେଲ ପାଇଁ ଏଭଳି ଯୁଦ୍ଧ କାହିଁକି



ୱାଶିଂଟନ, ୪।୧ : ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣକୁ କଡ଼ା ନିନ୍ଦାକରିବା ସହ ଟ୍ରମ୍ପଙ୍କୁ ସମାଲୋଚନା କରିଛନ୍ତି କମଳା ହାରିସ୍। କେବଳ ତେଲ ପାଇଁ ଏଭଳି ଯୁଦ୍ଧ ଠିକନୁହେଁ। ନିଜକୁ ଜଣେ ଶକ୍ତିଶାଳୀ ନେତା ଭାବେ ଦେଖାଇହେବା ଲାଗି ଟ୍ରମ୍ପଙ୍କ ଏହା ଏକ ଜିଦ୍ ବୋଲି କହିଛନ୍ତି କମଳା। ଏହା ଆମେରିକା ପାଇଁ ବିପଜ୍ଜନକ। ମାଦୁରୋଙ୍କ ବିରୋଧରେ ଟ୍ରମ୍ପଙ୍କ କାର୍ଯ୍ୟାନୁଷ୍ଠାନକୁ ସେ ଦୃଢ଼ ବିରୋଧ କରିଛନ୍ତି। କମଳା ହାରିସ୍ କହିଛନ୍ତି, ମାଦୁରୋ ଜଣେ ବେଆଇନ ଶାସକ ହୋଇଥାଇପାରନ୍ତି। କିନ୍ତୁ ଟ୍ରମ୍ପଙ୍କର ଏହି ପଦକ୍ଷେପ ଆଇନସମ୍ମତ ନୁହେଁ।

ଏଭଳି ଘଟଣା ପୂର୍ବରୁ ଦେଖିଛୁ। ତେଲ କିମ୍ବା ଶାସନ ପରିବର୍ତ୍ତନ ପାଇଁ ଯୁଦ୍ଧଗୁଡିକୁ 'ଶକ୍ତି ପ୍ରଦର୍ଶନ' କୁହାଯାଏ। ଶେଷରେ ଅରାଜକତା ସୃଷ୍ଟି କରେ। ସାଧାରଣ ଆମେରିକୀୟ ପରିବାର ଏହାର ମୂଲ୍ୟ ଦିଅନ୍ତି। ଟ୍ରମ୍ପ ଆମେରିକା ସୈନ୍ୟଙ୍କ ଜୀବନକୁ ବିପଦରେ ପକାଉଛନ୍ତି। ବିନା କୌଣସି ଆଇନଗତ ଅନୁମତିରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିରେ ଆମେରିକାର କୌଣସି ଲାଭ ହେବନି। ଆମେରିକାକୁ ଜଣେ ଏପରି ନେତୃତ୍ୱ ଦରକାର ଯିଏ ଲୋକଙ୍କ ଖର୍ଚ୍ଚ କମାଇବ। ଆଇନ ଶାସନ ବଜାୟ ରଖିବା ସହ ଆମେରିକା ଜନତାଙ୍କୁ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱ ଦେବ ବୋଲି କହିଛନ୍ତି କମଳା।

# ଭେନେଜୁଏଲାର ଅନ୍ତରୀଣ ରାଷ୍ଟ୍ରପତି ହେଲେ ଡେଲସୀ



ନୂଆଦିଲ୍ଲୀ, ୪।୧ : ଭେନେଜୁଏଲାରେ ଶେଷ ହୋଇଛି ମାଦୁରୋ ଯୁଗ। ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କ ଜାଗା ନେଇଛନ୍ତି ଡେଲସି ରୋଡ୍ରିଗୁଏଜ। ସୁପ୍ରିମ କୋର୍ଟ ଅଫ୍ ଭେନେଜୁଏଲାର ସାମ୍ବିଧାନିକ ଚ୍ୟାମ୍ବର ଉପ ରାଷ୍ଟ୍ରପତି ଡେଲସି ରୋଡ୍ରିଗୁଏଜଙ୍କୁ କାର୍ଯ୍ୟକାରୀ ରାଷ୍ଟ୍ରପତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ପ୍ରଶାସନିକ ଅଚଳାବସ୍ଥାକୁ ଦୂର ହୋଇଛି। ୫୬ ବର୍ଷୀୟ ରୋଡ୍ରିଗୁଏଜ ବାମପନ୍ଥୀ ଗରିଲା ଯୋଦ୍ଧା ଜର୍ଜ ରୋଡ୍ରିଗୁଏଜଙ୍କ ଝିଅ। ଜର୍ଜ ଭେନେଜୁଏଲାରେ ଲିଗା ସୋସିଆଲିଷ୍ଟ ପାର୍ଟି ଗଠନ କରିଥିଲେ। ଅର୍ଥ ଏବଂ ତୈଳମନ୍ତ୍ରୀ ଥିବାବେଳେ ଡେଲସି ଦେଶର ଅର୍ଥବ୍ୟବସ୍ଥାକୁ ସୁଧାରିବା ପାଇଁ ସେ ଅନେକ ପଦକ୍ଷେପ ନେଇଥିଲେ। ଉପ ରାଷ୍ଟ୍ରପତି ପଦ ସହ ଏହି ଦୁଇ ବିଭାଗ ତାଙ୍କୁ ମିଳିଥିଲା। ୨୦୧୭ରେ ମାଦୁରୋ କ୍ଷମତାକୁ ଆସିବା ପରେ ଡେଲସୀ ସାମ୍ବିଧାନିକ ସଭାର ମୁଖ୍ୟ ଭାବେ ରାଜନୈତିକ କ୍ୟାରିଅର ଆରମ୍ଭ କରିଥିଲେ। ୨୦୧୮ରେ ତାଙ୍କ ନାଁ ଉପରାଷ୍ଟ୍ରପତି ପଦ ପାଇଁ ପ୍ରଥମେ ଚର୍ଚ୍ଚାକୁ ଆସିଥିଲା। ଯେଉଁଥିରେ ମାଦୁରୋ ସମ୍ମତି ପ୍ରକାଶ କରି ତାଙ୍କୁ ବଡ଼ ଦାୟିତ୍ୱ ଦେଇଥିଲେ।

## ଭାରତ ଚିନ୍ତିତ, ତୁରନ୍ତ ସମାଧାନ ହେଉ

ନୂଆଦିଲ୍ଲୀ,୪।୧ଃ ଭେନେଜୁଏଲା ଉପରେ ଆମେରିକାର କାର୍ଯ୍ୟାନୁଷ୍ଠାନ ନେଇ ଭାରତ ସରକାରଙ୍କ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଘଟଣାକୁ ନେଇ ଗଭୀର ଚିନ୍ତା ବ୍ୟକ୍ତ କରିବା ସହିତ ଏହା ଉପରେ ନଜର ରଖାଯାଇଛି ବୋଲି ରବିବାର ଭାରତ ସରକାରଙ୍କ ପକ୍ଷରୁ ପ୍ରେସ ବିଜ୍ଞପ୍ତି ଜାରି କରାଯାଇଛି। ଭେନେଜୁଏଲାରେ ସାମ୍ପ୍ରତିକ ଘଟଣାବଳୀ ଗଭୀର ଚିନ୍ତାର ବିଷୟ। ଆମେ ପରିସ୍ଥିତି ଉପରେ ନଜର ରଖିଛୁ। ତେବେ ଉଭୟ ପକ୍ଷରୁ ଆଲୋଚନା ଓ କୂଟନୀତି ମାଧ୍ୟମରେ ସମାଧାନ କରିବାକୁ ଭାରତ ପରାମର୍ଶ ଦେଇଛି। ଭେନେଜୁଏଲାରେ ଥିବା ଭାରତୀୟଙ୍କୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି ସରକାର। ସେ କହିଛନ୍ତି ଯେ, କାରାକାସରେ ଥିବା ଭାରତୀୟ ଦୂତାବାସ ଭାରତୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହିତ ଯୋଗାଯୋଗରେ ଅଛି ଏବଂ ସମସ୍ତ ପ୍ରକାରର ସହାୟତା ଯୋଗାଇବା ଜାରି ରହିବ। ଭାରତ ସରକାରଙ୍କ ପକ୍ଷରୁ ଦେଶର ନାଗରିକଙ୍କ ପାଇଁ ସତର୍କ ସୂଚନା ଜାରି କରାଯାଇଥିଲା। ଅତି ଜରୁରୀ କାମ ନଥିଲେ ଭେନେଜୁଏଲା ଯାତ୍ରା ନ କରିବାକୁ ପରାମର୍ଶ ଦେବା ସହିତ ବର୍ତ୍ତମାନ ଭେନେଜୁଏଲାରେ ଥିବା ଭାରତୀୟମାନଙ୍କୁ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିବାକୁ ବୈଦେଶିକ ମନ୍ତ୍ରଣାଳୟ କହିଛି। ସେମାନଙ୍କର ଗତିବିଧିକୁ ସୀମିତ କରିବାକୁ ଏବଂ କାରାକାସରେ ଥିବା ଭାରତୀୟ ଦୂତାବାସ ସହିତ ସମ୍ପର୍କରେ ରହିବାକୁ ଅନୁରୋଧ କରାଯାଇଥିଲା।

### ଆମେରିକାକୁ ଉତ୍ତର କୋରିଆର ଚେତାବନୀ

# ତୁରନ୍ତ ମୋ ବନ୍ଧୁଙ୍କୁ ମୁକ୍ତକର



**ପ୍ୟୋଙ୍ଗୟୋଙ୍ଗ ୪।୧ଃ** ଆମେରିକା ଦ୍ୱାରା ଭେନେଜୁଏଲା ରାଷ୍ଟ୍ରପତି ନିକୋଲସ ମାଡୁରୋ ଓ ତାଙ୍କ ପତ୍ନୀ ସିଲିୟା ଫ୍ଲୋର୍ସଙ୍କୁ ଗିରଫ କରାଯିବା ସାରା ବିଶ୍ୱରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଯୁକ୍ତରାଷ୍ଟ୍ରର ଏହି କାର୍ଯ୍ୟାନୁଷ୍ଠାନ ନା କେବଳ ଲାଟିନ ଆମେରିକାକୁ ପ୍ରଭାବିତ କରିଛି ବରଂ ଉତ୍ତରକୋରିଆ ଓ ଋଷିଆ ଭଳି ଦେଶଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ଆମେରିକୀୟ ଅଧିକାରୀମାନେ ମାଡୁରୋଙ୍କ ବିରୋଧରେ ନାର୍କୋ ଟେରରିଜିମ ଓ ଡ୍ରଗ ତସ୍କରୀର ଗୁରୁତର ଅଭିଯୋଗ ଆଣିଛନ୍ତି। ଏହା ପରେ ବିଭିନ୍ନ ଦେଶ ବିଶ୍ୱ ଯୁଦ୍ଧ ଆଶଙ୍କା କରୁଛନ୍ତି। ଏଥିରେ ଉତ୍ତର କୋରିଆ ରାଷ୍ଟ୍ରପତି କିମ୍ ଜୋଙ୍ଗ-ଉନ୍ ଆମେରିକାକୁ ସିଧା ଚେତାବନୀ ଦେଇଛନ୍ତି। ଉନ କହିଛନ୍ତି ଯେ, ଏହି ପଦକ୍ଷେପ ବିଶ୍ୱକୁ ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ନେଇଯାଇପାରେ। ଉନ ମାଡୁରୋଙ୍କୁ ତାଙ୍କ ବ୍ୟକ୍ତିଗତ ବନ୍ଧୁ ବୋଲି କହିଛନ୍ତି। ଏଣୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ପ୍ରଶାସନକୁ ତୁରନ୍ତ ମାଡୁରୋ ଦମ୍ପତିଙ୍କୁ ବିନାସର୍ତ୍ତରେ ମୁକ୍ତି କରିବାକୁ ଦାବି କରିଛନ୍ତି।

### ଉତ୍ତର ନାଇଜେରିଆରେ ରକ୍ତାକ୍ତ ଆକ୍ରମଣ

# ଗୁଳିମାଡ଼ରେ ୩୦ ମୃତ



ଅପହରଣ କରିବା ପରେ ଘର ପୋଡ଼ିଦେଲେ

ନୂଆଦିଲ୍ଲୀ,୪।୧ଃ ଉତ୍ତର ନାଇଜେରିଆରେ ଆଉ ଏକ ରକ୍ତାକ୍ତ ଆକ୍ରମଣ ହୋଇଛି। ନାଇଜର ରାଜ୍ୟର ଏକ ଗାଁରେ ସଶସ୍ତ୍ର ଲୋକମାନେ ୩୦ ଜଣଙ୍କୁ ହତ୍ୟା କରିଛନ୍ତି ଏବଂ ଅନେକ ଗ୍ରାମବାସୀଙ୍କୁ ଅପହରଣ କରି ନେଇଛନ୍ତି। ଏହି ଅଞ୍ଚଳରେ ପୂର୍ବରୁ ହିଂସା ଜାରି ରହିଛି। ପୁଲିସ ଅନୁସାରେ, ନାଇଜର ରାଜ୍ୟର ବୋରଗୁ ଅଞ୍ଚଳରେ ଥିବା କାସୁୱାନ-ଦାଜି ଗାଁରେ ଶନିବାର ସନ୍ଧ୍ୟାରେ ଏହି ଆକ୍ରମଣ ଘଟିଥିଲା। ସଶସ୍ତ୍ର ଆକ୍ରମଣକାରୀମାନେ ହଠାତ୍ ଗାଁରେ ପ୍ରବେଶ କରି ଲୋକଙ୍କ ଉପରେ ଆଖିବୁଜା ଗୁଳି ଚଳାଇଥିଲେ। ଗୁଳିକାଣ୍ଡ ପରେ, ଆକ୍ରମଣକାରୀମାନେ ଗାଁ, ବଜାର ଏବଂ ଅନେକ ଘରେ ନିଆଁ ଲଗାଇ ଦେଇଥିଲେ। ଫଳରେ ବ୍ୟାପକ କ୍ଷତି ହୋଇଛି।

କାସୁୱାନ-ଦାଜି ଗାଁ ନିକଟରେ ପାପିରି ସମ୍ପ୍ରଦାୟ ରହୁଛନ୍ତି। ସେଠାରୁ ଗତ ନଭେମ୍ବର ମାସରେ ଏକ କ୍ୟାଥୋଲିକ ସ୍କୁଲରୁ ୩୦୦ ରୁ ଅଧିକ ପିଲା ଏବଂ ଶିକ୍ଷକଙ୍କୁ ଅପହରଣ କରାଯାଇଥିଲା। ରବିବାର ସୁଦ୍ଧା, କିଛି ଗାଁ ଲୋକଙ୍କ ପତ୍ତା ମିଳିନାହିଁ। ଫଳରେ ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଗ୍ରାମବାସୀ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ, ଆକ୍ରମଣ ପରଠାରୁ ସୁରକ୍ଷା ବାହିନୀ ଏପର୍ଯ୍ୟନ୍ତ ଗାଁରେ ପହଞ୍ଚି ନାହାନ୍ତି। ପୁଲିସ କିମ୍ବା ସେନାର ଅନୁପସ୍ଥିତି ଲୋକଙ୍କୁ ବ୍ୟଥିତ କରିଛି। ପୁଲିସ ଦାବି କରୁଛି ଯେ, ଅପହୃତ ବ୍ୟକ୍ତିମାନଙ୍କୁ ଖୋଜିବା ପାଇଁ ସେନା ମୁତୟନ କରାଯାଇଛି।

ନାଇଜେରିଆ ଆଫ୍ରିକାର ସବୁଠାରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ। କିନ୍ତୁ ଦୁର୍ଗମ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ଦୁର୍ବଳ। ଏହି ଅଞ୍ଚଳଗୁଡ଼ିକରେ ସଶସ୍ତ୍ର ଅପରାଧୀମାନଙ୍କ ଉପସ୍ଥିତି ଅଧିକ। ଅପରାଧୀମାନେ ପ୍ରାୟତଃ ଗାଁ ଉପରେ ଆକ୍ରମଣ କରନ୍ତି।

# ଷ୍ଟେସନରେ ନିଆଁ ଲାଗି ୨୦୦ରୁ ଅଧିକ ବାଇକ ପାଉଁଶ




ତିରୁବନନ୍ତପୁରମ,୪।୧ଃ ରବିବାର କେରଳର ତ୍ରିସୁର ରେଳ ଷ୍ଟେସନରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟି ଷ୍ଟେସନ ପାର୍କିଂ ସ୍ଥାନରେ ଛିଡା ହୋଇଥିବା ୨୦୦ ରୁ ଅଧିକ ଦୁଇ ଚକିଆ ଯାନ ପୋଡି ପାଉଁଶ ହୋଇଯାଇଛି। ଏହି ଘଟଣା ପ୍ଲାଟଫର୍ମ ନମ୍ବର ୨ ନିକଟରେ ଥିବା ଦୁଇ ଚକିଆ ଯାନ ପାର୍କିଂ ଅଞ୍ଚଳରେ ଘଟିଥିଲା, ଯାହା ଫଳରେ ଯାତ୍ରୀ ଏବଂ ନିକଟରେ ରହୁଥିବା ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା।

ପ୍ରାଥମିକ ରିପୋର୍ଟ ଅନୁଯାୟୀ, ସକାଳ ପ୍ରାୟ ୬:୪୫ ସମୟରେ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି। ନିଆଁ ଶୀଘ୍ର ପାର୍କିଂ ଅଞ୍ଚଳକୁ ଗ୍ରାସ କରିଥିଲା, ଯେଉଁଠାରେ ସାଧାରଣତଃ ପ୍ରତିଦିନ ୫୦୦ ରୁ ଅଧିକ ମୋଟରସାଇକେଲ ଏବଂ ସ୍କୁଟର ପାର୍କିଂ ହୋଇଥାଏ। କୁହାଯାଉଛି ଯେ, ପାର୍କିଂ ହୋଇଥିବା ଯାନରେ ଥିବା ଇନ୍ଧନ ଯୋଗୁଁ ଦେଖୁ ଦେଖୁ ନିଆଁ ବ୍ୟାପିଯାଇଥିଲା। ଯାହା କିଛି ମିନିଟ୍ ମଧ୍ୟରେ ଯଥେଷ୍ଟ କ୍ଷତି କରିଥିଲା। ଅଗ୍ନିକାଣ୍ଡ ବିଷୟରେ ସୂଚନା ପାଇ ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ। ଅଧିକାରୀମାନେ କହିଛନ୍ତି ଯେ, ବିଦ୍ୟୁତ୍ ସର୍ଟସର୍କିଟ୍, ଇନ୍ଧନ ଲିକ୍ କିମ୍ବା ଅନ୍ୟ କୌଣସି କାରଣ ଯୋଗୁଁ ଅଗ୍ନିକାଣ୍ଡ ଘଟିଛି କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ଏକ ବିସ୍ତୃତ ତଦନ୍ତ କରାଯିବ।

## ମିଶନ ତାମିଲନାଡୁ

# ଗୋଟି ଚଳାଉଛନ୍ତି ଶାହ



ନୂଆଦିଲ୍ଲୀ, ୪।୧ଃ ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜିଠାରୁ ଦୁଇଦିନିଆ ତାମିଲନାଡୁ ଗସ୍ତରେ ଅଛନ୍ତି। ଚଳିତବର୍ଷ ତାମିଲନାଡୁ ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ ଶାହଙ୍କ ଗସ୍ତକୁ ରାଜନୈତିକ ମହଲରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟରେ ବିଜେପି ତଥା ଏନଡିଏର ରଣନୀତିକୁ ଅମିତ ଶାହ ଆହୁରି ପ୍ରଭାବଶାଳୀ କରିବାକୁ ଚେଷ୍ଟା କରିବେ। ତାମିଲନାଡୁ ସରକାରଙ୍କ ବିରୋଧରେ ରାଜ୍ୟ ବିଜେପି ସଭାପତି ଏନ. ନଗେନ୍ଦ୍ରନଙ୍କ ରାଜ୍ୟବ୍ୟାପୀ ଯାତ୍ରାର ଉଦଯାପନୀ ଉତ୍ସବରେ ଯୋଗଦେବେ। ଏଥିପାଇଁ ପୁଡୁକୋଟ୍ଟାଇରେ ବିଶାଳ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହା ସହିତ ଅମିତ ଶାହ ବିଜେପି ଓ ଏନଡିଏ ଅଂଶୀଦାର ଦଳ ଏଆଇଏଡିଏମକେ ଏବଂ ଅନ୍ୟଦଳର ନେତାଙ୍କ ସହିତ ସାକ୍ଷାତ ଆଲୋଚନା କରିବେ। ବିଧାନସଭା ନିର୍ବାଚନ ପୂର୍ବରୁ ତାମିଲନାଡୁରେ ବିଭିନ୍ନ ଦଳ ଓ ଗୋଷ୍ଠୀକୁ ଏନଡିଏରେ ସାମିଲ କରିବା ଅମିତ ଶାହଙ୍କ ଗସ୍ତର ଅନ୍ୟତମ ଲକ୍ଷ୍ୟ ବୋଲି କୁହାଯାଉଛି। ସାଂଗଠନିକ ଦକ୍ଷତା ବୃଦ୍ଧି, ଯୁବ ନେତୃତ୍ୱକୁ ଗୁରୁତ୍ୱ ଓ ଜନଭାଗୀଦାରି ହେବାକୁ କର୍ମୀମାନଙ୍କୁ ଶାହ ଗୁରୁମନ୍ତ୍ର ଦେଇଛନ୍ତି। ବିହାର ବିଜୟ ପରେ ଏନଡିଏ ଉତ୍ସାହିତ ହୋଇପଡ଼ିଥିବା ବେଳେ ତାମିଲନାଡୁ ବିଜୟ ଲାଗି ସତର୍କତାର ସହ ଗୋଟି ଚଳାଯାଉଛି। ତାମିଲନାଡୁ ପୂର୍ବରୁ ଅମିତ ଶାହ ଆଣ୍ଡାମାନ ନିକୋବରରେ ବିଭିନ୍ନ କାର୍ଯ୍ୟମରେ ଯୋଗଦେଇଥିଲେ।

## ୪୦ ଦିନ ପାରୋଲରେ ଯିବେ ରାମ ରହିମ



ନୂଆଦିଲ୍ଲୀ ,୪।୧ ; ଦୁଇ ସାଧ୍ୱୀଙ୍କୁ ଦୁଷ୍କର୍ମ ଏବଂ ଜଣେ ସାମ୍ବାଦିକଙ୍କ ହତ୍ୟା ମାମଲାରେ ସଜା କାଟୁଥିବା ମୁଖ୍ୟ ଅଭିଯୁକ୍ତ ଗୁରମିତ ରାମ ରହିମଙ୍କୁ ୪୦ ଦିନ ପାଇଁ ପାରୋଲ ମଞ୍ଜୁର କରି ଦିଆଯାଇଛି। ରାମ ରହିମ ବର୍ତ୍ତମାନ ରୋହତକର ସୁନାରିଆ ଜିଲ୍ଲା ଜେଲରେ ବନ୍ଦୀ ଅଛନ୍ତି। ପାରୋଲ ଅବଧି ମଧ୍ୟରେ ସେ ହରିୟାଣାର ସିରସା ସ୍ଥିତ ଡେରା ସଚ୍ଚା ସୌଦାରେ ରହିବେ। ପାରୋଲ ମଞ୍ଜୁର ପରେ, ଜେଲ ପ୍ରଶାସନ ତାଙ୍କ ମୁକ୍ତ କରିବା ପ୍ରକ୍ରିୟା ଆରମ୍ଭ କରି ଦେଇଛନ୍ତି। ପାରୋଲ ସମୟରେ, ରାମ ରହିମଙ୍କୁ ସର୍ତ୍ତାବଳୀ ପାଳନ କରିବାକୁ ପଡିବ ଏବଂ ସିରସା ଡେରା ପରିସର ବାହାରେ କୌଣସି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯିବ ନାହିଁ। ପ୍ରଶାସନ ଦ୍ୱାରା ତାଙ୍କ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖାଯିବ। ଗୁରମିତ ରାମ ରହିମ ୨୦୧୭ ମସିହାରୁ ରୋହତକର ସୁନାରିଆ ଜେଲରେ ବନ୍ଦୀ ଅଛନ୍ତି। ତାଙ୍କୁ ଦୁଇ ସାଧ୍ୱୀଙ୍କ ସହ ଦୁଷ୍କର୍ମ ପାଇଁ ଆଜୀବନ କାରାଦଣ୍ଡ ଦିଆଯାଇଥିଲା ଏବଂ ସାମ୍ବାଦିକ ରାମଚନ୍ଦ୍ର ଛତ୍ରପତିଙ୍କ ହତ୍ୟା ମାମଲାରେ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏହି ମାମଲା ପରଠୁ ରାମ ରହିମ ଅନେକ ଥର ପାରୋଲ ଏବଂ ଫରଲୋରେ ଜେଲରୁ ବାହାରକୁ ଆସିଛନ୍ତି। ଯାହାକୁ ନେଇ ରାଜନୈତିକ ଏବଂ ସାମାଜିକ ବିବାଦ ସୃଷ୍ଟି କରିଛି। କିନ୍ତୁ ଏଥର ତାଙ୍କୁ ୪୦ ଦିନ ପାଇଁ ପାରୋଲ ଦିଆଯାଇଛି। ତାଙ୍କର ପାରୋଲ ଅବଧି ଶେଷ ହେବା ପରେ ରାମ ରହିମଙ୍କୁ ପୁଣି ଥରେ ସୁନାରିଆ ଜେଲରେ ଆତ୍ମସମର୍ପଣ କରିବାକୁ ପଡିବ।

## ଇଣ୍ଡିଆନ୍ ଅଏଲ୍ କର୍ପୋରେସନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ମୃତ୍ୟୁ



ନୂଆଦିଲ୍ଲୀ,୪।୧ଃ ନୋଏଡାର ସେକ୍ଟର ୧୦୪ରେ ଥିବା ଏକ ଉଚ୍ଚ କୋଠାର ୧୭ ମହଲାରୁ ଡେଇଁ ଇଣ୍ଡିଆନ୍ ଅଏଲର ଜଣେ ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମୃତ୍ୟୁ ଘଟିଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ନାମ ଅନିଲ ଗର୍ଗ ବୟସ ୫୫ ବର୍ଷ ଥିବା ଜଣାପଡ଼ିଛି। ମୃତକ ଅନିଲ ଗର୍ଗ ମୂଳତଃ କାନପୁରର ବାସିନ୍ଦା ଥିବା ବେଳେ ସେ ସେକ୍ଟର ୧୦୪ର ଏଟିଏସ୍ ୱାନ୍ ହାମଲେଟ୍ ସୋସାଇଟିରେ ସ୍ତ୍ରୀ ମୟୂରୀ ଗର୍ଗ ଓ ପୁଅ ସହିତ ବସବାସ କରୁଥିଲେ। ଅଜୟ ଗର୍ଗ (୫୫) ଇଣ୍ଡିଆନ୍ ଅଏଲ୍ କର୍ପୋରେସନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଥିଲେ। ଘଟଣାସ୍ଥଳରୁ ପୁଲିସ ସୁଇସାଇଡ ନୋଟ୍ ଜବତ କରିଛି। ପୁଲିସ ସୁଇସାଇଡ ନୋଟ୍ ଆଧାରରେ ମାମଲାର ତଦନ୍ତ କରୁଛି। ପରିବାର ସଦସ୍ୟଙ୍କ ବୟାନ ରେକର୍ଡ କରାଯାଉଛି।

# ଆମେରିକା ଭଳି ମାସୁଦକୁ ପାକ୍‌ରୁ ଉଠାଇ ଆଣ

### ମୋଦୀଙ୍କୁ ଓୱେସୀଙ୍କ କଟାକ୍ଷ

ନୂଆଦିଲ୍ଲୀ, ୪।୧ : ଆମେରିକାର ଭେନେଜୁଏଲା ବିରୋଧରେ କାର୍ଯ୍ୟାନୁଷ୍ଠାନ ପରେ ଏବେ ସାରା ବିଶ୍ୱ ଚକିତ। ଯେଉଁଭଳି ଭାବେ ଭେନେଜୁଏଲାରେ ଏୟାର ଷ୍ଟ୍ରାଇକ୍ କରି ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ୟୁଏସ ସେନା ଉଠାଇ ଆଣିଲା ତାହାକୁ ନେଇ ଚର୍ଚ୍ଚା ଚାଲିଛି। ଭାରତ ମଧ୍ୟ ଏପରି କିଛି ଆକ୍ସନ ନେଇ ପାକିସ୍ତାନରୁ ଆତଙ୍କବାଦୀକୁ ନେଇ ଆସୁ ବୋଲି କହିଛନ୍ତି ଅସଦୁଦ୍ଦୀନ ଓୱେସୀ। ଏଆଇଏମଆଇଏମର ନେତା ଓୱେସୀ କହିଛନ୍ତି ଯେ, ପାକିସ୍ତାନରେ ଅନେକ ଆତଙ୍କବାଦୀ ଲୁଚି ରହିଛନ୍ତି। ଭାରତ ସରକାର ମୁମ୍ବାଇ ୨୬-୧୧ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ମାସୁଦ ଅଜହରକୁ ଆମେରିକା ଭଳି ଉଠାଇ ଆଣିବା ଜରୁରୀ। ଆମେରିକା କମାଣ୍ଡୋଙ୍କ ଅପେରସନ ସହ ତୁଳନା କରି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ, ଭାରତ କଣ ପାଇଁ ଏପରି କାର୍ଯ୍ୟାନୁଷ୍ଠାନ କରୁନାହିଁ । ଯେଉଁମାନେ ଆତଙ୍କୀ କାର୍ଯ୍ୟକଳାପରେ ସାମିଲ ଅଛନ୍ତି ସେମାନଙ୍କୁ ଧରିବା ଦରକାର। ଆମେରିକା ଅନ୍ୟ ଦେଶରେ ପଶି ସେଠାକାର ରାଷ୍ଟ୍ରପତିଙ୍କୁ ନେଇ ଆସୁଛି। ଭାରତ ମଧ୍ୟ ସେପରି ଭାବେ ଆତଙ୍କବାଦୀଙ୍କୁ ଆଣିବା ଦରକାର। ଆହୁରି ମଧ୍ୟ ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମାସୁଦ ଅଜହର ଏବଂ ଲଶ୍କର-ଏ-ତୋଏବାର ଅନ୍ୟ ଆତଙ୍କବାଦୀଙ୍କୁ ଉଠାଇ ଆଣନ୍ତୁ। ସୂଚନାଯୋଗ୍ୟ, ୨୦୦୮ ମସିହା ନଭେମ୍ବର ୨୬ ତାରିଖରେ ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣରେ ଶହଶହ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ। ଏହାସହ ଅନେକ ଯବାନ ଏବଂ ପୁଲିସ ଅଧିକାରୀ ସହିଦ ହୋଇଥିଲେ। ଏହା ପଛରେ ମାସୁଦର ଷଡ଼ଯନ୍ତ୍ର ଥିବା ପ୍ରମାଣ ମିଳିଥିଲା।

### ଭେନେଜୁଏଲା ପରେ ଟ୍ରମ୍ପଙ୍କ ଚେତାବନୀ

# ଟାର୍ଗେଟରେ ଏବେ ମେକ୍ସିକୋ, କ୍ୟୁବା ଓ କଲମ୍ବିଆ



ୱାଶିଂଟନ,୪।୧ଃ ଭେନେଜୁଏଲାରେ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କ ଗିରଫଦାରୀ ଏବଂ ସଫଳ ସାମରିକ ଅଭିଯାନ ପରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପଡ଼ୋଶୀ ଦେଶମାନଙ୍କ ବିରୋଧରେ ତାଙ୍କର ଆଭିମୁଖ୍ୟ କଠୋର କରିଛନ୍ତି। ଟ୍ରମ୍ପ୍ ମେକ୍ସିକୋ, କ୍ୟୁବା ଏବଂ କଲମ୍ବିଆକୁ ସ୍ପଷ୍ଟ ଚେତାବନୀ ଦେଇ କହିଛନ୍ତି, ଯଦି ଏହି ଦେଶଗୁଡ଼ିକ ସେମାନଙ୍କର ଆଭ୍ୟନ୍ତରୀଣ ସମସ୍ୟା ଏବଂ ନାର୍କୋ ଚାଲାଣକୁ ନିୟନ୍ତ୍ରଣ ନ କରନ୍ତି, ତେବେ ସେମାନେ ମଧ୍ୟ ଗମ୍ଭୀର ପରିଣାମର ସମ୍ମୁଖୀନ ହୋଇପାରନ୍ତି।

ଭେନେଜୁଏଲା ଘଟଣାକୁ ଏକ ଚେତାବନୀ ଭାବରେ ଉପସ୍ଥାପନ କରି ଟ୍ରମ୍ପ୍ ଏହି ଦେଶଗୁଡ଼ିକର ସରକାରଙ୍କୁ ଆମେରିକାର ସ୍ୱାର୍ଥ ଅନୁଯାୟୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିବୃତି ଲାଟିନ୍ ଆମେରିକାରେ ଆମେରିକାର ସାମରିକ ସମ୍ପୃକ୍ତି ଏବଂ ଭବିଷ୍ୟତ ରଣନୀତି ବୃଦ୍ଧି ନେଇ ସଙ୍କେତ ଦେଇଛି, ଯାହା ସମଗ୍ର ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରିଛି। ରାଷ୍ଟ୍ରପତି ଟ୍ରମ୍ପ୍ କ୍ୟୁବାକୁ ଏକ ବିଫଳ ରାଷ୍ଟ୍ର ବୋଲି ଅଭିହିତ କରି କହିଛନ୍ତି, ସେଠାକାର ବର୍ତ୍ତମାନର ବ୍ୟବସ୍ଥା ସମ୍ପର୍କରେ ଖୁବ୍ ଶୀଘ୍ର ଠୋସ୍ ନିଷ୍ପତ୍ତି ନିଆଯିବ। ସେ କ୍ୟୁବା ଲୋକଙ୍କୁ ସହାୟତା ଏବଂ ଆମେରିକାରେ ନିର୍ବାସିତ ଜୀବନଯାପନ କରୁଥିବା କ୍ୟୁବା ନାଗରିକଙ୍କ ଅଧିକାରର ସୁରକ୍ଷା ପାଇଁ ଆହ୍ୱାନ କରିଛନ୍ତି। ଟ୍ରମ୍ପ ସିଧାସଳଖ କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋଙ୍କୁ ଟାର୍ଗେଟ କରି ତାଙ୍କ ଦେଶ ଆମେରିକାକୁ ବିପୁଳ ପରିମାଣରେ ନିଶା ପଠାଉଥିବା ଅଭିଯୋଗ କରିଛନ୍ତି। ଟ୍ରମ୍ପ୍ ଦାବି କରିଛନ୍ତି, କଲମ୍ବିଆରେ ବର୍ତ୍ତମାନ ତିନୋଟି ବିଶାଳ କୋକେନ୍ କାରଖାନା କାର୍ଯ୍ୟ କରୁଛି, କିନ୍ତୁ ପେଟ୍ରୋ ପ୍ରଶାସନ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ସେ ଚେତାବନୀ ଦେଇଛନ୍ତି, ଯଦି କଲମ୍ବିଆ ଡ୍ରଗ୍ସ ଚାଲାଣ ବନ୍ଦ ନକରେ, ତେବେ ଆମେରିକା ସେଠାରେ ହସ୍ତକ୍ଷେପ କରିବାକୁ ପଛାଇବ ନାହିଁ। ମେକ୍ସିକୋ ସମ୍ପର୍କରେ, ଡୋନାଲ୍ଡ ଟ୍ରମ୍ପ୍ ରାଷ୍ଟ୍ରପତି କ୍ଲାଉଡିଆ ସେନବାଉମଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠାଇ କହିଛନ୍ତି, ସେ ଡ୍ରଗ୍ସ କାର୍ଟେଲଗୁଡ଼ିକୁ ଭୟ କରୁଛନ୍ତି ଏବଂ ଦେଶ ଉପରେ ତାଙ୍କର ନିୟନ୍ତ୍ରଣର ଅଭାବ ରହିଛି। ସେ କାର୍ଟେଲଗୁଡ଼ିକୁ ଦୂର କରିବା ପାଇଁ ମେକ୍ସିକୋକୁ ବାରମ୍ବାର ସାମରିକ ସହାୟତା ପ୍ରଦାନ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ, କିନ୍ତୁ ସେନବାଉମ ଏନେଇ ମନା କରିଦେଇଥିଲେ। ଟ୍ରମ୍ପ୍ କଠୋର ଭାବରେ କହିଛନ୍ତି, ଆମକୁ ଏବେ ମେକ୍ସିକୋ ବିଷୟରେ କିଛି କରିବାକୁ ପଡିବ, ଯାହା ଭବିଷ୍ୟତରେ ଏକ ବଡ଼ ଅପରେସନର ସୂଚନା ହୋଇପାରେ।




● ପର୍ଯ୍ୟବେକ୍ଷକ ମରୁଗାନ ଘଟଣା

# କମିଶନ ଆଇଜିପିଙ୍କୁ ରିପୋର୍ଟ ମାଗିଲେ

**କୋଲକାତା,୪।୧(ସଂଚାର ବ୍ୟୁରୋ):** ନିର୍ବାଚନ କମିଶନ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କଠାରୁ ରୋଲ୍ ପର୍ଯ୍ୟବେକ୍ଷକ ମରୁଗାନଙ୍କ ସହ ଜଡିତ ଘଟଣା ସମ୍ପର୍କରେ ଏକ ବିସ୍ତୃତ ରିପୋର୍ଟ ମାଗିଛନ୍ତି। କମିଶନଙ୍କ ଦ୍ୱାରା ପଠାଯାଇଥିବା ଚିଠିରେ ଜାନୁଆରୀ ୬ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚିଠିରେ କମିଶନ ପଚାରିଛନ୍ତି ଯେ, ପୁଲିସକୁ ପୂର୍ବରୁ ସୂଚନା ଦେବା ସତ୍ତ୍ୱେ ରୋଲ୍ ପର୍ଯ୍ୟବେକ୍ଷକଙ୍କୁ କାହିଁକି ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦିଆଗଲା ନାହିଁ। ଏହା ସହିତ, ସମ୍ପୃକ୍ତ ଅଞ୍ଚଳ ସମ୍ବେଦନଶୀଳ ବୋଲି ଜାଣିବା ସତ୍ତ୍ୱେ କାହିଁକି ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇ ନଥିଲା ତାହାର ବିସ୍ତୃତ ବ୍ୟାଖ୍ୟା ମଗାଯାଇଛି। ନିର୍ବାଚନ କମିଶନ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଭବିଷ୍ୟତରେ ରୋଲ୍ ପର୍ଯ୍ୟବେକ୍ଷକମାନେ ଯେଉଁସବୁ ସମ୍ବେଦନଶୀଳ ଅଞ୍ଚଳ ପରିଦର୍ଶନ କରିବେ ସେଠାରେ ପର୍ଯ୍ୟାପ୍ତ ପୁଲିସ ସୁରକ୍ଷା ସୁନିଶ୍ଚିତ କରାଯିବା ଆବଶ୍ୟକ। ଏହା ସହିତ, ସୁରକ୍ଷା ବ୍ୟବସ୍ଥାର ଦାୟିତ୍ୱରେ ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନିଯୁକ୍ତ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ପ୍ରଶାସନିକ ମହଲ ବିଶ୍ୱାସ କରନ୍ତି ଯେ, ଏହି ଘଟଣା ପରେ କମିଶନଙ୍କ କଠୋର ଆଭିମୁଖ୍ୟ ସୂଚାଇ ଦେଉଛି ଯେ, ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ନିର୍ବାଚନ ସହିତ ଜଡିତ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବ।

ଚତୁର୍ଥ ଚନ୍ଦ୍ରକଳା ନୃତ୍ୟ ଉତ୍ସବ

# ଉତ୍କଳ କଳା ସଂସ୍କୃତିର ନିଦର୍ଶନ ଓଡ଼ିଶୀ




**କୋଲକାତା,୪।୧(ସଂଚାର ବ୍ୟୁରୋ):** ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଗୁରୁ ଗିରିଧାରୀ ନାୟକଙ୍କ ସ୍ମୃତିରେ ରବିବାର ସତ୍ୟଜିତ ରାୟ ଅଡିଟୋରିୟମରେ ଓଡ଼ିଶୀ ଆଶ୍ରମ ପକ୍ଷରୁ ଅନୁଷ୍ଠିତ ହୋଇଗଲା ଚତୁର୍ଥ ଚନ୍ଦ୍ରକଳା ନୃତ୍ୟ ଉତ୍ସବ। ଉତ୍ସବକୁ ଉଦ୍‌ଘାଟନ କରିଥିଲେ ପ୍ରଖ୍ୟାତ ଓଡ଼ିଶୀ ଗୁରୁ ତଥା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଆଲୋକା କାନୁନଗୋ। ସେ କହିଲେ ଭାରତରେ ଶାସ୍ତ୍ରୀୟ ନୃତ୍ୟଗୁଡିକ ମଧରୁ ଓଡ଼ିଶୀ ନୃତ୍ୟ ଅନ୍ୟତମ। ଗୁରୁ ଗିରିଧାରୀ ନାୟକ ଓଡ଼ିଶୀ ନୃତ୍ୟ ସହ ମୃଦଙ୍ଗ ବାଦ୍ୟରେ ଯେଉଁ ନୂତନତ୍ୱ ସୃଷ୍ଟି କରି ଯାଇଛନ୍ତି ତାହା ହେଉଛି ଅନନ୍ୟ। ଗୁରୁଙ୍କ ପଦ ଅନୁସରଣ କରି ତାଙ୍କ ଝିଅ ସୁଜାତା ଜଣେ ଦକ୍ଷ ନୃତ୍ୟ ଶିଳ୍ପୀ ଭାବରେ ସୁପରିଚିତ ହୋଇ ପାରିଛନ୍ତି। ସମ୍ମାନିତ ଅତିଥି ଭାବରେ ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟର ନୃତ୍ୟ ବିଭାଗର ମୁଖ୍ୟ ପ୍ରଫେସର ରାହୁଲ ଦେବ ମଣ୍ଡଳ, କଥକ ନୃତ୍ୟ ବିଶେଷଜ୍ଞ ଗୁରୁ ସନ୍ଦୀପ ମଲ୍ଲିକ ଯୋଗଦେଇଥିଲେ। ଏହି ଉତ୍ସବରେ ଗୁରୁ ଆଲୋକା କାନୁନଗୋ ଓ ଗୁରୁ ସନ୍ଦୀପ ମଲ୍ଲିକଙ୍କୁ ଗୁରୁ ଗିରିଧାରୀ ନାୟକ ସ୍ମୃତି ପୁରସ୍କାର ଓ ପ୍ରଫେସର ରାହୁଲ ଦେବ ମଣ୍ଡଳଙ୍କୁ ଚନ୍ଦ୍ରକଳା ସମ୍ମାନ ପ୍ରଦାନ କରିଥିଲେ ଚନ୍ଦ୍ରକଳା ଉତ୍ସବର ନିର୍ଦ୍ଦେଶିକା ତମାଳିକା ନାୟକ। ଧନ୍ୟବାଦ ଅର୍ପଣ କରିଥିଲେ ସୁଜାତା ନାୟକ। ଦର୍ଶକମାନଙ୍କୁ ଓଡ଼ିଶୀ ଆଶ୍ରମ ଛାତ୍ରୀମାନଙ୍କ ନୃତ୍ୟ ବିମୋହିତ କରିଥିଲେ।

# ମିନିବସ୍-ପିକ୍‌ଅପ ଭ୍ୟାନ ଧକ୍କା: ୧୦ ଆହତ

**ଗଞ୍ଜାମ, ୪।୧ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ଦେଖାଲି ଝାଟିପିଟିଆ ଛକରେ ଆଜି ସକାଳେ ଏକ ମିନିବସ୍ ସହ ଗୋଟିଏ ଶୁଖୁଆ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଉଭୟ ଗାଡିର ଡ୍ରାଇଭର ସମେତ୧୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ ଓ ଦମକଳ ବାହିନୀ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତି କରିଛନ୍ତି। ଗୁରୁତର ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇବା ବ୍ୟବସ୍ଥା କରାଯାଇଛି। ପୁଲିସ ଦୁଇଟି ଯାକ ଗାଡି ଜବତ କରି ଘଟଣାର ତଦନ୍ତ କରୁଛି।

# ମକା ବୋଝେଇ ଟ୍ରକ୍ ଓଲଟିଲା

**ବଲାଙ୍ଗିର, ୪।୧ (ସଂଚାର ବ୍ୟୁରୋ):** ଜାତୀୟ ରାଜପଥ ନମ୍ବର ୨୬ ବଲାଙ୍ଗିର-ଟିଟିଲାଗଡ ରାସ୍ତାର ଘୁଚିପାଲି ଛକ ନିକଟରେ ରବିବାର ଭୋର ସମୟରେ ଏକ ମକା ବୋଝେଇ ଟ୍ରକ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଛି। ଟ୍ରକ ଡ୍ରାଇଭର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ହେଲ୍ପର ଆହତ ହୋଇଛି। ମକା ବୋଝେଇ ଟ୍ରକଟି ରାଇଘରରୁ ଢେଙ୍କାନାଳ ରାସ୍ତାରେ ଯାଉଥିବା ବେଳେ ସାମ୍ନା ପଟରୁ ଆସୁଥିବା ଅନ୍ୟ ଏକ ଗାଡି ହେଡ ଲାଇଟ ମାରି ଆସୁଥିବାରୁ ଡ୍ରାଇଭର ବଡ ଦୁର୍ଘଟଣାକୁ ଏଡାଇବାକୁ ଯାଇ ଟ୍ରକଟିକୁ କଣ୍ଟ୍ରୋଲ କରି ନପାରି ଓଲଟି ପଡ଼ିଥିଲା।

# ଦୁର୍ଘଟଣାରେ ଦୁଇ ସାଙ୍ଗ ମୃତ

**ଅନୁଗୁଳ,୪।୧(ସଂଚାର ବ୍ୟୁରୋ) :** ଅନୁଗୁଳ ବଉଳିଗଡ଼ ନିକଟରେ ଆଜି ସନ୍ଧ୍ୟାରେ ଅଘଟଣ ଘଟିଛି। ଅଜଣା ଗାଡି ଧକ୍କାରେ ଦୁଇ ସାଙ୍ଗଙ୍କ ଜୀବନ ଯାଇଛି। ସମସ୍ତଙ୍କୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଛି। ସୂଚନା ମୁତାବକ ବଉଳିଗଡ -ଆମନା ନିକଟରେ ବାଇକ୍ ଦୁର୍ଘଟଣାରେ ଦୁଇ ସାଙ୍ଗଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କଲଣ୍ଡା ଗାଁର ୩୮ ବର୍ଷୀୟ ଶାନ୍ତନୁ ବେହେରା ଓ ଆମନା ଗାଁର ୩୨ ବର୍ଷୀୟ ଅନୀଲ ପ୍ରଧାନ। ଦୁଇ ସାଙ୍ଗ ତାଳଚେର ଅଞ୍ଚଳରେ ଗାଡି ଚାଳକ ଭାବରେ କାମ କରୁଥିଲେ। ସେମାନେ ଆଜି କାମ ସାରି ବାଇକରେ ଘରକୁ ଫେରୁଥିବା ବେଳେ ବାଟରେ ତାଙ୍କୁ ଅଜଣା ଗାଡି ଧକ୍କା ଦେଇଥିଲା।

# ବିମାନରେ ପାୱାର ବ୍ୟାଙ୍କ ନେବା ମନା

## ନିର୍ଦ୍ଦେଶନାମା ଜାରି କଲା ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ




**ନୂଆଦିଲ୍ଲୀ, ୪।୧:** ବିମାନରେ ପାୱାର ବ୍ୟାଙ୍କ ନେବା ମନା। ଏହି ନିର୍ଦ୍ଦେଶନାମା ଜାରି କରିଛି ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ। ବିମାନରେ ଯାତ୍ରା ସମୟରେ ଫୋନ୍ ଓ ଅନ୍ୟାନ୍ୟ ଡିଭାଇସ୍ ଚାର୍ଜିଂ ପାଇଁ ବ୍ୟବହୃତ ପାୱାର ବ୍ୟାଙ୍କ ଓ ପୋର୍ଟେବଲ୍ ଚାର୍ଜର ବ୍ୟବହାର ଉପରେ କଟକଣା ଜାରି କରିଛି ଡିଜିସିଏ। ପାୱାରବ୍ୟାଙ୍କରେ ବ୍ୟବହୃତ ଲିଥିୟମ୍ ବ୍ୟାଟେରୀ ହଠାତ ଗରମ ହୋଇ ଯାଉଥିବାରୁ ଓ ଏଥିରେ ସଙ୍ଗେ ସଙ୍ଗେ ନିଆଁ ଲାଗି ଯାଉଥିବାରୁ ଏହାର ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ବିଶ୍ୱର ବିଭିନ୍ନ ସ୍ଥାନରେ ଲଗାତାର ଏପରି ଦୁର୍ଘଟଣାମାନ ଘଟୁଥିବାରୁ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଏହି ନିଷ୍ପତ୍ତି ନେଇଛି ଡିଜିସିଏ।

ତେବେ ଗତ ନଭେମ୍ବରରେ ବିମାନରେ ପାୱାର ବ୍ୟାଙ୍କ ଓ ବ୍ୟାଟେରୀ ସ୍ପେୟାରର ବ୍ୟବହାରକୁ ଅତ୍ୟନ୍ତ ବିପଦପୂର୍ଣ୍ଣ ଦର୍ଶାଇଥିଲା ଡିଜିସିଏ । ବିମାନ ଉଡ଼ୁଥିବା ବେଳେ ଯଦି ଏହିପରି ଡିଭାଇସରେ ହଠାତ ନିଆଁ ଲାଗେ, ତେବେ ଏହାକୁ ଚିହ୍ନଟ କରିବା ମୁସ୍କିଲ। ଏଣୁ ବିମାନ ଯାତ୍ରା ବେଳେ ପାୱାର ବ୍ୟାଙ୍କ ଭଳି ଚାର୍ଜିଂ ଡିଭାଇସ୍ ପରିବହନ କରିବା ଅମାନ୍ୟ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଥିଲା ଡିଜିସିଏ। ସେପଟେ ବିଭିନ୍ନ ବିମାନ କମ୍ପାନୀଗୁଡ଼ିକୁ ମଧ ଏହାର ପରିବହନ ଉପରେ କଟକଣା ଜାରି କରିଛନ୍ତି ଡିଜିସିଏ। ଯାତ୍ରୀମାନେ ବ୍ୟବହୃତ କରୁଥିବା ପାୱାର ବ୍ୟାଙ୍କ, ପୋର୍ଟେବୁଲ୍ ଚାର୍ଜର ସହ ଜଡ଼ିତ ଡିଭାଇସ୍ ଗୁଡ଼ିକର ଯାଞ୍ଚ ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# କେରଳର ପୂର୍ବତନ ମନ୍ତ୍ରୀଙ୍କୁ ୩ ବର୍ଷ ଜେଲ



**ତିରୁଅନନ୍ତପୁରମ, ୪।୧:** ନେଦୁମଙ୍ଗଡ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟଙ୍କ କୋର୍ଟ ପୂର୍ବତନ ପରିବହନ ମନ୍ତ୍ରୀ ତଥା ଏଲଡିଏଫ ବିଧାୟକ ଏଣ୍ଟନୀ ରାଜୁଙ୍କୁ ୩ବର୍ଷ ଜେଲଦଣ୍ଡାଦେଶ କରିଛନ୍ତି। ୧୯୯୦ ମସିହାରେ ଏକ ଡ୍ରଗସ୍ ଜବତ ମାମଲାରେ ଅଭିଯୁକ୍ତ ଜଣେ ବିଦେଶୀ ନାଗରିକଙ୍କୁ ସହାୟତା କରିବା ପାଇଁ ସେ ପ୍ରମାଣ ନଷ୍ଟ କରିଥିବାର ଅଭିଯୋଗ ହୋଇଥିଲା। କୋର୍ଟଙ୍କ ଏହି ରାୟ ପରେ ରାଜୁଙ୍କୁ ଲୋକ ପ୍ରତିନିଧିତ୍ୱ ଅଧିନିୟମରେ ଅଯୋଗ୍ୟ ଘୋଷିତ କାରଯାଇଛି। ତେବେ ବିଧାନସଭା ସଚିବାଳୟ ଏ ବାବଦେ ଆଇନଗତ ପରାମର୍ଶ କରିବା ପରେ ଏନେଇ ଔପଚାରିକ ନିର୍ଦ୍ଦେଶ ଜାରି କରିବେ। ତିରୁଅନନ୍ତପୁରମ ବିଧାନସଭା ନିର୍ବାଚନମଣ୍ଡଳିରୁ ବର୍ତ୍ତମାନ ପ୍ରତିନିଧିତ୍ୱ କରୁଥିବା ରାଜୁ ୨୦୨୬ ବିଧାନସଭା ନିର୍ବାଚନରେ ଲଢ଼ିବା ଲାଗି ଅଯୋଗ୍ୟ ଘୋଷିତ ହେବେ। ସେ କ୍ଷମତାସୀନ ଏଲଡିଏଫର ମେଣ୍ଟ ଦଳ ଜନାଧିପତ୍ୟ କେରଳ କଂଗ୍ରେସର ନେତା ଅଟନ୍ତି। ତିରୁଅନନ୍ତପୁରମର ପୂର୍ବତନ କୋର୍ଟ କ୍ଲର୍କ କେ.ଏସ.ଜୋସଙ୍କୁ ମଧ କୋର୍ଟ ଏହି ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭାରତୀୟ ଦଣ୍ଡବିଧି ଆଇନର ବିଭିନ୍ନ ଧାରାରେ ଉଭୟ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

● ଭେନେଜୁଏଲା ଉପରେ ଆମେରିକା ଆକ୍ରମଣ ନିନ୍ଦା

# ଆଜି ଜାତିସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ

**ନ୍ୟୁୟର୍କ,୪।୧ :** ଭେନେଜୁଏଲା ବିରୁଦ୍ଧରେ ଆମେରିକାର ସାମରିକ ଆକ୍ରମଣ ଓ ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ପତ୍ନୀଙ୍କୁ ଗିରଫ ଘଟଣା ସମଗ୍ର ବିଶ୍ୱକୁ ଚିନ୍ତିତ କରିଛି । ଏହାକୁ ଦୃଷ୍ଟିରେ ରଖି ଜାତିସଂଘ ଏକ ଜରୁରୀ ବୈଠକ ଡାକିଛି। ସୂଚନା ଅନୁସାରେ ଜାତିସଂଘ ନିରାପତ୍ତା ପରିଷଦ ସୋମବାର ଏକ ଜରୁରୀକାଳୀନ ବୈଠକ ଡାକିବାକୁ ନିଷ୍ପତ୍ତି ନେଇଛି। ଏହି ବୈଠକ ଭାରତୀୟ ସମୟ ରାତି ସାଢେ ୮ଟାରେ ସୋମାଲିଆ ଅଧକ୍ଷତାରେ ଅନୁଷ୍ଠିତ ହେବ। ଏହାର ମୁଖ୍ୟ ଏଜେଣ୍ଡା ହେଉଛି ଅନ୍ତର୍ଜାତୀୟ ଶାନ୍ତି ଏବଂ ସୁରକ୍ଷା ପ୍ରତି ବିପଦ। ନିରାପତ୍ତା ପରିଷଦ ବୈଠକରେ ପରବର୍ତ୍ତି ପଦକ୍ଷେପ ବିଷୟରେ ଆଲୋଚନା କରାଯିବ ଏବଂ ଅନ୍ତର୍ଜାତୀୟ ଶାନ୍ତି ଏବଂ ସୁରକ୍ଷା ସୁନିଶ୍ଚିତ କରିବାର ଉପାୟ ଅନୁସନ୍ଧାନ କରାଯିବ। ସୋମାଲିଆ ବର୍ତ୍ତମାନ ନିରାପତ୍ତା ପରିଷଦର ସଭାପତିତ୍ୱ ରଖିଛି। ସୁରକ୍ଷା ପରିଷଦର ପାଞ୍ଚଟି ସ୍ଥାୟୀ ଏବଂ ଦଶଟି ଅସ୍ଥାୟୀ ସଦସ୍ୟ ସମେତ ମୋଟ ୧୫ ସଦସ୍ୟ ରାଷ୍ଟ୍ର ଅଛନ୍ତି। ଏହି ପ୍ରସଙ୍ଗରେ କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ ପ୍ରଥମେ ଏକ ଜରୁରୀକାଳୀନ ବୈଠକ ଡାକିଥିଲେ। ସେ କହିଥିଲେ ଯେ, ଆମେରିକାର ଆକ୍ରମଣ ଭେନେଜୁଏଲାର ସାର୍ବଭୌମତ୍ୱ ଏବଂ ଲାଟିନ୍ ଆମେରିକାର ସୁରକ୍ଷା ବିରୁଦ୍ଧରେ। ପେଟ୍ରୋ ଏହା ମଧ କହିଛନ୍ତି ଯେ, ଏକ ଦେଶ ମଧରେ ଆଭ୍ୟନ୍ତରୀଣ ବିବାଦ ଏହାର ଲୋକଙ୍କ ଦ୍ୱାରା ଶାନ୍ତିପୂର୍ଣ୍ଣ ଭାବରେ ସମାଧାନ କରାଯିବା ଉଚିତ। ଆମେରିକାର ଏହି କାର୍ଯ୍ୟାନୁଷ୍ଠାନ ଜାତିସଂଘ ନୀତି ବିରୁଦ୍ଧରେ। ଅପରପକ୍ଷରେ ଅଆମେରିକା ପଦକ୍ଷେପକୁ ଋଷ, ଚୀନ, ଉତ୍ତର କୋରିଆ ଭଳି ଦେଶ ତୀବ୍ର ସମାଲୋଚନା କରିଛନ୍ତି। ଏକ ସାର୍ବଭୌମ ରାଷ୍ଟ୍ର ବିରୋଧରେ ଏଭଳି ଏକଚାଟିଆ ଆକ୍ରମଣକୁ ନେଇ ଭାରତ ନିନ୍ଦା କରିଛି।

# ଜୀବନ ବଞ୍ଚାଉଛି ‘ମିଶନ ସେବା’



**କୋଲକାତା,୪।୧(ସଂଚାର ବ୍ୟୁରୋ):** ପୂର୍ବ ରେଳବାଇର ଆର୍‌ପିଏଫ୍ ‘ମିଶନ ସେବା’ ଅଧୀନରେ ଆହତ ଏବଂ ଅସୁସ୍ଥ ବ୍ୟକ୍ତିମାନଙ୍କୁ ସହାୟତା ପ୍ରଦାନ କରିବା। ମାନବିକ ସେବା ଏବଂ ଯାତ୍ରୀ କଲ୍ୟାଣ ପ୍ରତି ସେମାନଙ୍କର ଅଟଳ ପ୍ରତିବଦ୍ଧତା ପ୍ରଦର୍ଶନ କରି ପୂର୍ବ ରେଳବାଇର ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ବର୍ଷର ପ୍ରଥମ ଦିନରୁ ମିଶନ ସେବା ଅଧୀନରେ ଆହତ ଏବଂ ଅସୁସ୍ଥ ବ୍ୟକ୍ତିମାନଙ୍କୁ ସମୟୋଚିତ ସହାୟତା ପ୍ରଦାନ କରିଆସୁଛି, ଯାହା ଦ୍ୱାରା ସେମାନଙ୍କୁ ଜୀବନ ପ୍ରତି ବିପଦପୂର୍ଣ୍ଣ ପରିସ୍ଥିତିରୁ ରକ୍ଷା କରାଯାଇଛି। ଆସାନସୋଲ ଏବଂ ଶିଆଲଦା ଡିଭିଜନର ଆର୍‌ପିଏଫ୍ କର୍ମଚାରୀମାନେ ବିଭିନ୍ନ ରେଳ ପରିସରରେ ଆହତ ବା ଅସୁସ୍ଥ ଅବସ୍ଥାରେ ମିଳିଥିବା ପାଞ୍ଚ ଜଣ ବ୍ୟକ୍ତିଙ୍କୁ ଉଦ୍ଧାର ଏବଂ ସହାୟତା ପ୍ରଦାନ କରିଛନ୍ତି। ଏମାନଙ୍କ ମଧରୁ, ଆଣ୍ଡାଲ ଏବଂ ଦମ୍‌ଦମ୍ ରେଳ ଷ୍ଟେସନରେ ଦୁଇଜଣ ଆହତ ହୋଇଥିବା ଏବଂ ବାରାସାତ, ରାଣାଘାଟ ନିକଟରେ ଏବଂ କୃଷ୍ଣନଗର-ବଡକୁଲ୍ଲା ରେଳ ଷ୍ଟେସନ ମଧରେ ତିନି ଜଣ ଅସୁସ୍ଥ ଥିବା ଜଣାପଡିଛି।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସ ଉଦ୍‌ଘାଟନୀ ସମାରୋହ




**ଭୁବନେଶ୍ୱର, ୪।୧ (ସଂଚାର ବ୍ୟୁରୋ) :** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସ ଉଦ୍‌ଘାଟନୀ ସମାରୋହ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଓଡ଼ିଶାର ମହାଧିବକ୍ତା ଶ୍ରୀଯୁକ୍ତ ପୀତାମ୍ବର ଆଚାର୍ଯ୍ୟ ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାର ସଂସ୍କୃତି, ସାହିତ୍ୟ ଓ ଭାଷା ହେଉଛି ଆମର ଗର୍ବ ଓ ପରିଚୟ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଭାଷାତତ୍ତ୍ୱବିତ୍ ପଦ୍ମଶ୍ରୀ ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆମ ସଂସ୍କୃତିର ପ୍ରଚାର ଓ ପ୍ରସାର ନିମନ୍ତେ ବିଶ୍ୱବିଦ୍ୟାଳୟର ଭୂମିକା ସଂପର୍କରେ ବକ୍ତବ୍ୟ ରଖିଥିଲେ। ଓଡ଼ିଶୀ ସଂଗୀତର ଶାସ୍ତ୍ରୀୟ ମାନ୍ୟତା ନିମନ୍ତେ ବିଶ୍ୱବିଦ୍ୟାଳୟ ଆଗାମୀ ଦିନରେ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ବନ୍ଦିତା ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୌଣସି ଜାତି ଓ ସମାଜର ମହନୀୟତା ସେହି ସମାଜର ସଂସ୍କୃତିରୁ ହିଁ ଜଣାପଡ଼େ ବୋଲି ମତ ଦେଇଥିଲେ । ଲୋକସେବକ ମଣ୍ଡଳର ସଂପାଦକ ତଥା ‘ସମାଜ’ର ପ୍ରକାଶକ ଓ ମୁଦ୍ରାକର ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂସ୍କୃତିକୁ ଗୋଟିଏ ଜାତିର ଆତ୍ମା ଓ ପରିଚୟ ଭାବେ ଅଭିହିତ କରିଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ତାଙ୍କ ସଭାପତିତ୍ୱ ଅଭିଭାଷଣରେ ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଶୈକ୍ଷିକ ବିକାଶ ସହ ଗବେଷଣାକୁ ଗୁରୁତ୍ୱ ଦେଇ ଆମ ଭାଷା, ସାହିତ୍ୟ, କଳା ଓ ସଂସ୍କୃତିର ସାମଗ୍ରିକ ବିକାଶ ନିମନ୍ତେ ବିଶ୍ୱବିଦ୍ୟାଳୟ ସଂକଳ୍ପବଦ୍ଧ ବୋଲି ସେ କହିଥିଲେ । କୁଳସଚିବ ଶ୍ରୀମତୀ ଅନାମିକା ଅଧିକାରୀ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ରାଜ୍ୟ ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶ୍ୱବିଦ୍ୟାଳୟର ଅଧାପକ ଗୁରୁ ବିଜୟ କୁମାର ବାରିକ, ଗୁରୁ କରୁଣାକର ନାୟକ, ଗୁରୁ ଡ. ଜବାହର ମିଶ୍ର, ଗୁରୁ ବିଘ୍ନରାଜ ଧଡ଼ା, ଗୁରୁ ବିରଞ୍ଚି ମହନ୍ତ ଓ ନାଟ୍ୟକାର ଶ୍ରୀ ଦେବବ୍ରତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ସମ୍ବାଦ ପୁସ୍ତିକା ‘ସଂସ୍କୃତି’ ଓ ‘ଷ୍ଟୁଡେଣ୍ଟସ୍ କ୍ୟାଲେଣ୍ଡର’କୁ ଅତିଥିମାନେ ଲୋକାର୍ପିତ କରିବା ସହ ଦୃଶ୍ୟକଳା ବିଭାଗର ଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ଡ. ଜ୍ଞାନ ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନିୟମିତ...

ଠାକୁରଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ହୋଇଛି ବ୍ୟାପକ ଆଲୋଚନା। ଆଗାମୀ ଦିନରେ ସ୍ପେଶାଲ ଡ୍ରାଇଭ କରିବା ସକାଶେ ବୈଠକ ପରେ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ଶନିବାରର ଦୁର୍ଘଟଣାରେ ମୃତ୍ୟୁ କରିଥିବା ଯାତ୍ରୀଙ୍କ ପରିବାରକୁ ୨ ଲକ୍ଷ ଓ ଆହତଙ୍କ ପାଇଁ ୫୦ ହଜାର ଟଙ୍କାର କ୍ଷତିପୂରଣ ଘୋଷଣା କରିଛି ଆମ ବସ୍ ପରିଚାଳନା ସଂସ୍ଥା କ୍ରୁଟ୍। ଏହାଛଡ଼ା କେତେକ ଡ୍ରାଇଭର ମଦ ପିଇ ବେପରୁଆ ଭାବେ ଗାଡ଼ି ଚଳାଉଥିବା କେତେକ ଡ୍ରାଇଭର ସ୍ୱୀକାର କରିଛନ୍ତି। ଏନେଇ ଜଣେ ଡ୍ରାଇଭର୍ କହିଛନ୍ତି ଯେ ସୀମିତ ସମୟ ବା ଧାର୍ଯ୍ୟ ସମୟ ମଧରେ ଗନ୍ତବ୍ୟସ୍ଥଳରେ ସେମାନଙ୍କୁ ପହଞ୍ଚିବାକୁ ପଡୁଛି। ତେଣୁ ସ୍ପିଡ୍ ଯିବା ଚକ୍କରରେ ଦୁର୍ଘଟଣା ଘଟୁଛି। ଏଣୁ ଗୋଟିଏ ଟ୍ରିପ ପରେ ଡ୍ରାଇଭରଙ୍କୁ ଆବଶ୍ୟକ ବିଶ୍ରାମ ଦେବା ସକାଶେ ଉକ୍ତ ଡ୍ରାଇଭର୍ ଜଣଙ୍କ କହିଛନ୍ତି। ସେପଟେ ବସ୍ ଦୁର୍ଘଟଣା ପରେ ଆଜି ଅଟୋ ଆସୋସିଏସନ ପକ୍ଷରୁ ନାଲକୋ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଜି ଚନ୍ଦ୍ରଶେଖରପୁର ‘ଆମ ବସ୍’ ଡିପୋ ଘେରାଉ କରିଛନ୍ତି ସ୍ମାର୍ଟ ସିଟି ଅନଲାଇନ୍ ଅଟୋ ମହାସଂଘ। ‘ଆମ ବସ୍’ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଯୋଗାଇଦେବା ସକାଶେସେମାନେ ଦାବି କରିଛନ୍ତି। ଡିପୋ ଗେଟ୍ ସମ୍ମୁଖରେ ସଂଘର କର୍ମକର୍ତ୍ତାମାନେ ନାରାବାଜି କରିବା ସହ ରାସ୍ତା ଉପରେ ଅଟୋ ରଖି ପ୍ରତିବାଦ କରିଛନ୍ତି। ଏପରିକି କେତେକ ବସ୍ ଚକା ତଳେ ଶୋଇ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳଛି। ଅନ୍ୟପକ୍ଷରେ ଆଜି ପୁଣି ଭୁବନେଶ୍ୱର ଓମ୍‌ଫେଡ୍ ଛକରେ ପୁଣି ସିରିଜ ଦୁର୍ଘଟଣା ହୋଇଛି। ରାସ୍ତା ଜାମ୍ ଯୋଗୁ ଫସିଲା ଶହ ଶହ ଗାଡ଼ି। ରାସ୍ତା ଜାମ୍ ଯୋଗୁ ଫସିଲା ଶହ ଶହ ଗାଡ଼ି। ଉତ୍ତ୍ୟକ୍ତ ଲୋକେ ଅଟକାଇଲେ ୧୫ରୁ ଉର୍ଦ୍ଧ୍ୱ ବସ୍। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ପ୍ରତିବାଦ କରାଯାଇଛି।

ଅନ୍ୟପକ୍ଷରେ ଆଜି ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ ଏହି ବୈଠକରେ ‘ଆମ ବସ୍’ର ପରିଚାଳନାକୁ ଶୃଙ୍ଖଳିତ କରିବା ସକାଶେ ଏକ ୫ଜଣିଆ କମିଟି ଗଠନ କରାଯାଇଛି। ଏହି ଉଚ୍ଚସ୍ତରୀୟ କମିଟିର ମୁଖ୍ୟ ଭାବେ ଶ୍ରୀମତୀ ପାଢ଼ୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିସହ କମିଟିରେ ପରିବହନ ବିଭାଗ କମିସନର ଶ୍ରୀ ଠାକୁର, ଡିସିପି ଶ୍ରୀ ମୀନା, ଟ୍ରାଫିକ ଡିସିପି ଶ୍ରୀ ମହାନ୍ତି ଓ କ୍ରୁଟ୍ ଅଧିକାରୀ ଅନ୍ୟତମ ସଦସ୍ୟ ଭାବେ ରହିଛନ୍ତି। ଏହି କମିଟି ପ୍ରତି ୧୫ ଦିନରେ ଥରେ ‘ଆମ ବସ’ ଚଳାଚଳର ସମୀକ୍ଷା କରିବ। ଏହାଛଡ଼ା ଡ୍ରାଇଭରଙ୍କ ନିଯୁକ୍ତି ପ୍ରକ୍ରିୟା ଆହୁରି କଡ଼ାକଡ଼ି କରାଯିବ। ଡ୍ରାଇଭରମାନଙ୍କୁ ନିଯୁକ୍ତି ଦେବା ପରେ ମଧ ସେମାନଙ୍କୁ ଆଚରଣ ଓ ଉଚ୍ଚାରଣ ସମ୍ପର୍କରେ ତାଲିମ ଦିଆଯିବ। ଆହୁରି ନବନିଯୁକ୍ତ ଡ୍ରାଇଭର୍‌ଙ୍କ କାର୍ଯ୍ୟକଳାପ ଉପରେ ମାସେ ପର୍ଯ୍ୟନ୍ତ ତୀକ୍ଷ୍ଣ ଦୃଷ୍ଟି ରଖାଯିବ। ବୈଠକରେ ଗତକାଲିର ଅଘଟଣ ନେଇ ଦୁଃଖ ପ୍ରକାଶ କରାଯିବା ସହ ଆଗାମୀ ଦିନରେ ଯେପରି ଏହି ଧରଣର ଅଘଟଣର ପୁନରାବୃତ୍ତି ନ ହେବ, ସେଥିପ୍ରତି ସବୁ ପ୍ରକାର ଦୃଷ୍ଟି ଦିଆଯିବ ବୋଲି ଶ୍ରୀମତୀ ପାଢ଼ୀ ଗଣମାଧମକୁ କହିଛନ୍ତି। ସେ କହିଛନ୍ତି ଯେ ଗତକାଲି ଘଟଣାର ତଦନ୍ତ ଚାଲିଛି। ତଦନ୍ତ ଶେଷ ହେବା ପରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆହୁରି ପ୍ରତି ମାସରେ ଭଲ ଆଚରଣ ଓ ଉଚ୍ଚାରଣ ପ୍ରଦର୍ଶନ କରୁଥିବା ଚାଳକ ଓ କଣ୍ଡକ୍ଟରମାନଙ୍କୁ ପ୍ରୋତ୍ସାହନ ମିଳିବ। ପ୍ରତିଦିନ ଚଳାଚଳ କରୁଥିବା ‘ଆମ ବସ’ର ଯାନ୍ତ୍ରିକ ବ୍ୟବସ୍ଥା ମଧ ପ୍ରତିଦିନ ଯାଞ୍ଚ କରାଯିବାକୁ ନିଷ୍ପତ୍ତି ହୋଇଛି ବୋଲି ଶ୍ରୀମତୀ ପାଢ଼ୀ ସୂଚନା ଦେବା ସହ ଗତ ବର୍ଷ ଫେବ୍ରୁଆରୀରୁ ଡିସେମ୍ବର ମଧରେ ‘ଆମ ବସ୍’ ଦୁର୍ଘଟଣାରେ ୭ ଜଣ ମୃତ୍ୟୁବରଣ କରିଥିବା ବେଳେ ୯୭ ଜଣ ଆହତ ହୋଇଛନ୍ତି ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଆଜିର ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିବା ଶ୍ରୀମତୀ ପାଢ଼ୀ କହିଛନ୍ତି।

## ଶ୍ରୀଜଗନ୍ନାଥଙ୍କ...

ଦେଇ ଗଜପତି ମହାରାଜା ଶ୍ରୀଜଗନ୍ନାଥ ପରମ୍ପରା ପ୍ରତି ସୃଷ୍ଟି ହୋଇଥିବା ବିପଦ ନେଇ ଉଦବେଗ ପ୍ରକାଶ କରିଛନ୍ତି। ଯଦି ଅନ୍ୟ ଧର୍ମର ପର୍ବ ସାରା ବିଶ୍ୱରେ ଗୋଟିଏ ଦିନରେ ପାଳନ ହେଉଛି, ତେବେ ମହାପ୍ରଭୁଙ୍କ ସ୍ନାନଯାତ୍ରା, ରଥଯାତ୍ରା କାହିଁକି ସାରା ବିଶ୍ୱରେ ତିଥି ଅନୁସାରେ ପାଳନ ନହେବ ସେନେଇ ପ୍ରଶ୍ନ ଉଠାଇଛନ୍ତି ଗଜପତି ମହାରାଜା। ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ କହିବା ଅନୁସାରେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ୍ପରା ଓ ରିତିନୀତି ସାରା ବିଶ୍ୱରେ ବିଧି ଅନୁଯାୟୀ ପାଳନ ହେଉଛି କି? ସାରା ବିଶ୍ୱରେ ଅନେକ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରାଯାଇ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରାଯାଉଛି। କିନ୍ତୁ ଅନେକ ଲୋକ ଶ୍ରୀ ଜଗନ୍ନାଥ ମନ୍ଦିରରେ ହେଉଥିବା ବିଧି, ପରମ୍ପରା ସଂପର୍କରେ ଅବଗତ ନାହାନ୍ତି। ଅନେକ ସ୍ଥାନରେ ମହାପ୍ରଭୁଙ୍କ ବିଧି ପରମ୍ପରା ବ୍ୟତିକ୍ରମ ହେଉଥିବା ନଜରକୁ ଆସୁଛି। ଏହା ଏକ ଚିନ୍ତାର ବିଷୟ। ମହାପ୍ରଭୁଙ୍କ ମୂଳପୀଠ ଶ୍ରୀମନ୍ଦିରରେ ଯାହା ବିଧି ରହିଛି, ତାହା କିଭଳି ସାରା ବିଶ୍ୱରେ ଥିବା ଅନ୍ୟ ମନ୍ଦିରରେ ପାଳନ ହେବ। ସେନେଇ ପ୍ରୟାସ ହେବା ଉଚିତ ବୋଲି ଗଜପତି କହିଛନ୍ତି। ଜଗନ୍ନାଥ ସଂସ୍କୃତି ଗବେଷକ, ପ୍ରବାସୀ ଓଡ଼ିଆମାନେ ଏନେଇ ସାରା ବିଶ୍ୱରେ ସଚେତନତାର ଦାୟିତ୍ୱ ନେବା ଉଚିତ। ଶ୍ରୀ ଜଗନ୍ନାଥ ଚିନ୍ତନ ଓ ଚେତନା ୱାର୍ଲ୍ଡୱାଇଡ୍ ଅନୁଷ୍ଠାନ ପକ୍ଷରୁ ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତିର ସୁରକ୍ଷା ପାଇଁ ଯେଉଁ ପ୍ରୟାସ କରାଯାଉଛି ତାହା ସ୍ୱାଗତଯୋଗ୍ୟ। ମୂଳପୀଠରେ ଯାହା ପାଳନ ହେଉଛି ତାହା ଯେମିତି ବ୍ୟତିକ୍ରମ ନହୁଏ ସେଥିପାଇଁ ଆମକୁ ସଚେତନ ହେବାକୁ ପଡ଼ିବ। ମହାପ୍ରଭୁଙ୍କ ପ୍ରଚାର ହେଉ, ହେଲେ ପରମ୍ପରା ଓ ବିଧିର ଅପପ୍ରଚାର ନହେଉ। ଏଭଳି ହେଲେ ମହାପ୍ରଭୁଙ୍କ ମହାନ୍ ପରମ୍ପରା, ସଂସ୍କୃତି ନଷ୍ଟ ହୋଇଯିବ। ଅଦିନିଆ ରଥଯାତ୍ରା ବନ୍ଦ ନେଇ ଆମେ ଇସ୍କନ ସହ ଆଲୋଚନା କରିଥିଲୁ। ଇସ୍କନର ଯୁକ୍ତିକୁ ଆମେ ବିଦ୍ୱାନ ମଣ୍ଡଳୀର ତଥ୍ୟ ମୁତାବକ ଖଣ୍ଡନ କରିଥିଲୁ। ଅଦିନିଆ ରଥଯାତ୍ରାକୁ ଆମ ହିନ୍ଦୁ ଧର୍ମର ଲୋକେ ସହଯୋଗ କରୁଛନ୍ତି। ସେମାନେ ଭାବୁଛନ୍ତି, ଏହା ମହାପ୍ରଭୁଙ୍କ ପ୍ରଚାର ପ୍ରସାର ହେଉଛି, ଏଥିରେ ଅସୁବିଧା କ'ଣ? କିନ୍ତୁ ସେମାନେ ଜାଣିନାହାନ୍ତି ଏହା ଏକ ବହୁତ ବଡ଼ ବ୍ୟତିକ୍ରମ।

## ଦେଶର ୧୦...

୯ଟା ସୁଦ୍ଧା ରେକର୍ଡ ହୋଇଥିବା ତଥ୍ୟ ଅନୁସାରେ, ବାଲେଶ୍ୱର ହେଉଛି ସବୁଠାରୁ ପ୍ରଦୂଷିତ ସହର। ବାଲେଶ୍ୱରରେ ବାୟୁ ପ୍ରଦୂଷଣ ମାତ୍ରା ୩୧୮ ରେକର୍ଡ କରାଯାଇଛି।

ସେହିପରି ଗତକାଲି ଦେଶର ସବୁଠାରୁ ପ୍ରଦୂଷିତ ସହର ହୋଇଥିବା ତାଳଚେର ଆଜି ଦ୍ୱିତୀୟ ସ୍ଥାନରେ ରହିଛି। ଏହି ସହରରେ ଆଜି ଏକ୍ୟୁଆଇ ସ୍ତର ୨୮୬ ରେକର୍ଡ କରାଯାଇଛି। ଏହାଛଡ଼ା କଟକ ୨୮୯ ଏକ୍ୟୁଆଇ ସହ ତୃତୀୟ ପ୍ରଦୂଷିତ ସହର ଭାବେ ସ୍ଥାନିତ ହୋଇଛି। ଅନୁଗୁଳରେ ଏକ୍ୟୁଆଇ ୨୮୧, ଭୁବନେଶ୍ୱରରେ ୨୭୯, ରାଉରକେଲା ୨୨୮ ଏକ୍ୟୁଆଇ ରେକର୍ଡ ହୋଇଛି। ଅପରାହ୍ନ ୪ଟା ସୁଦ୍ଧା ରେକର୍ଡ ହୋଇଥିବା ତଥ୍ୟ କହୁଛି ବାଲେଶ୍ୱରର ଏକ୍ୟୁଆଇ ୩୦୬ ସହ ରେକର୍ଡ ହୋଇଥିବା ବେଳେ କଟକରେ ୨୭୭ ଓ ଭୁବନେଶ୍ୱରରେ ଏକ୍ୟୁଆଇ ୨୬୬ ରହିଥିଲା।

ରାଜ୍ୟର ପ୍ରଦୂଷଣ ମାତ୍ରାକୁ ନେଇ ପରିବେଶବିତଙ୍କ ମତ ହେଉଛି ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଏକ ଦୀର୍ଘ ସ୍ଥାୟୀ ଯୋଜନା କାର୍ଯ୍ୟ ଆବଶ୍ୟକ ରହିଛି। ଏହି ପ୍ରଦୂଷଣ ଯୋଗୁଁ ହୃଦରୋଗ, ଲଙ୍ଗସ କ୍ୟାନ୍ସର, ଗର୍ଭବତୀ ମହିଳମାନଙ୍କର ସମୟ ପୂର୍ବରୁ ଡେଲିଭରି, ନବଜାତ ଶିଶୁମାନଙ୍କ ଜନ୍ମ ସମୟରେ ଓଜନ କମ ହେବା, ଶିଶୁଙ୍କ ମଧରେ ଶ୍ୱାସଜନିତ ସମସ୍ୟା ଦେଖାଯିବା, ବୋନ ମିନେରାଲ ଡେନସିଟି ସମସ୍ୟା ମଧ ଦେଖାଯିବ। ତେଣୁ ଲୋକେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ଜରୁରୀ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି। ସେପଟେ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଖୁବ୍ ଶୀଘ୍ର ବାୟୁ ପ୍ରଦୂଷଣଜନିତ ସ୍ୱାସ୍ଥ୍ୟ ସଚେତନା ପାଇଁ ଆଡଭାଇଜରି ଜାରି କରିବ ସ୍ୱାସ୍ଥ୍ୟ ବିଭାଗ। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି ଯେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହ ଆଲୋଚନା ହୋଇଛି। ପ୍ରଦୂଷଣ ସମୟରେ କିପରି ସ୍ୱାସ୍ଥ୍ୟର ଧାନ ରଖିବେ, ସେନେଇ ଆଡଭାଇଜରି ଜାରି ହେବ। ଲୋକେ ସଚେତନ ହୁଅନ୍ତୁ, ଧୂଳିଧୂଆଁ ଜାଗା, ଗହଳି ଜାଗାକୁ ନ ଯିବା, ଅଳିଆ ନ ପୋଡ଼ିବା ପାଇଁ ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ।

## ଫୋକସରେ...

କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କେନ୍ଦ୍ର ମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ୍ (ହାଲ)ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଡିକେ ସୁନୀଲଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଭାରତର ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ହାଲ୍‌ର ଭୂମିକାକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଡିଜାଇନ୍, ଉନ୍ନତ ମାନର ମାନୁଫ୍ୟାକ୍ଚରିଂ ଓ ବୈଷୟିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ପାଇଁ ହାଲ୍ ନିରନ୍ତର କାର୍ଯ୍ୟ କରୁଛି।

ସେହିପରି ଏରୋସ୍ପେସ୍ ଓ ପ୍ରତିରକ୍ଷା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି କରୁଥିବା ସ୍ପେଶ ଫିଲ୍ଡର ଟିମକୁ ଭେଟିଥିଲେ। ସେ କହିଥିଲେ ଯେ ଓଡ଼ିଶାର ଯୁବପିଢ଼ି ଭାରତର ଷ୍ଟାର୍ଟଅପ୍ ବିପ୍ଳବକୁ ଅଧିକ ଶକ୍ତିଶାଳୀ କରିବା ସହ ଦେଶର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛନ୍ତି। ଆମ ଯୁବପିଢ଼ିଙ୍କ ମଧରେ ଥିବା ପ୍ରତିଭା, ନବସୃଜନ ଓ ଉଦ୍ୟୋଗୀ ମନୋଭାବ ଭାରତକୁ ‘ଡିପ୍-ଟେକ୍’ କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ଶକ୍ତି ଭାବେ ଉଭା କରିବ ବୋଲି ଶ୍ରୀ ପ୍ରଧାନ ଆଶା କରିଛନ୍ତି।

## ପୃଥକ୍ ଦୁର୍ଘଟଣାରେ...

ସମ୍ଭବତଃ ଦ୍ରୁତଗତି ଯୋଗୁଁ ନିୟନ୍ତ୍ରଣ ହରାଇ ହାଇୱା ପଛପଟେ ପିଟି ହୋଇଥିଲା। ଫଳରେ କାର୍‌ଟି ସମ୍ପୂର୍ଣ୍ଣ ଚେପା ହୋଇଯାଇଥିଲା। ତେଣୁ ସେଥିରେ ଥିବା ଆହତମାନଙ୍କୁ ଉଦ୍ଧାର କରିବା ବେଶ୍ କଷ୍ଟକର ହୋଇପଡ଼ିଥିଲା। ଏନେଇ ଖବର ପାଇ ସ୍ଥାନୀୟ ପୁଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି କାର୍‌କୁ କାଟି ଚାଳକଙ୍କ ମୃତଦେହ ଓ ଫସି ରହିଥିବା ଆରୋହୀଦ୍ୱୟଙ୍କୁ ଉଦ୍ଧାର କରି ଭିମ୍‌ସାର୍‌କୁ ନେଇଥିବା ଜଣାପଡ଼ିଛି।

ସେହିପରି ଭୁବନେଶ୍ୱରରୁ ଗୋଟିଏ ପରିବାରର ୫ ଜଣ ସଦସ୍ୟ କାର୍ ଯୋଗେ ବିଶାଖାପାଟଣା ଅଭିମୁଖେ ଯାଉଥିବା ସମୟରେ ଏକ ଦୁଇଚକିଆ ବାହନକୁ ରକ୍ଷା କରିବା ସକାଶେ ଉକ୍ତ କାର୍‌ର ଚାଳକ ଭାରସାମ୍ୟ ହରାଇଥିଲେ। ଏହି ସମୟରେ ଅପର ପଟରୁ ଆସୁଥିବା ଏକ ଟ୍ରକ୍ ଭାରସାମ୍ୟ ହରାଇ ଡିଭାଇଡର୍‌କୁ ଡେଇଁ ଉକ୍ତ କାର୍‌କୁ ଧକ୍କା ଦେଇଥିଲା। ଫଳରେ କାର୍‌ରେ ଥିବା ଲୋକମାନେ ଉକ୍ତ ଟ୍ରକ୍ ତଳେ ଚାପି ହୋଇଯାଇଥିଲେ। ସେହିପରି ଦୁର୍ଘଟଣା ଘଟାଇବା ପରେ ଟ୍ରକ୍‌ଟି ନିକଟରେ ଥିବା କ୍ଷେତକୁ ପଶିଯାଇଥିଲା। ଘଟଣା ସମ୍ପର୍କରେ ଖବର ପାଇ ୧୦୩୩ ନମ୍ବର ଜାତୀୟ ରାଜପଥ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ କାର ଭିତରୁ ମୃତାହତମାନଙ୍କୁ ଉଦ୍ଧାର କରିଥିଲେ। ମୃତଦେହଗୁଡ଼ିକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଥିବା ବେଳେ ଗୁରୁତରମାନଙ୍କୁ ହସ୍ପିଟାଲକୁ ପଠାଯାଇଛି। ଏନେଇ ପୁଲିସ୍ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଚି। ତେବେ ଦୁର୍ଘଟଣା ଘଟାଇବା ପରେ ଟ୍ରକ୍‌ଟି ଫେରାର୍ ହୋଇଯାଇଥିବା ପୁଲିସ୍ ପକ୍ଷରୁ କୁହାଯାଇଛି। ସେହିପରି ଦୁଇ ଆହତଙ୍କ ମଧରେ ଜଣେ ଶିଶୁ ଥିବା ଜଣାପଡ଼ିଛି।

## ତୃତୀୟ ସପ୍ତାହରେ...

ଅବତାରରେ ରହିବେ, ତା'କୁ ନେଇ ଏବେଠାରୁ ଆଲୋଚନା। ଏଭଳି ନେତାଙ୍କ ମଧରେ ମୋକିମଙ୍କ ସୁପୁତ୍ରୀ ତଥା କଂଗ୍ରେସ ବିଧାୟିକା ସୋଫିଆ ଫିରଦୋସ, ବରିଷ୍ଠ ବିଜେଡି ବିଧାୟକ ରାଜା ସ୍ୱାଇଁ, ବିଜେଡି ସାଂସଦ ଦେବାଶିଷ ସାମନ୍ତରାୟ ପ୍ରମୁଖ ରହିଛନ୍ତି। ଏମାନଙ୍କୁ ନେଇ ଚର୍ଚ୍ଚାର କାରଣଟି ହେଲା, ଆସନ୍ତା ଏପ୍ରିଲରେ ଓଡ଼ିଶାରୁ ୪ ଜଣ ରାଜ୍ୟସଭାକୁ ଯିବେ। ନିଜ ନିଜ ବଳରେ ବିଜେପି ୨ ଜଣ ଓ ବିଜେଡି ଜଣଙ୍କୁ ସୁରୁଖୁରୁରେ ରାଜ୍ୟସଭା ପଠାଇବା ନିଶ୍ଚିତ ଥିବା ବେଳେ ଚତୁର୍ଥ ପ୍ରାର୍ଥୀଙ୍କୁ ନେଇ ଏବେଠାରୁ ଅଙ୍କକଷା ଆରମ୍ଭ ହୋଇଛି। ଚତୁର୍ଥ ପ୍ରାର୍ଥୀଙ୍କ ପାଇଁ ବିଜେଡି-କଂଗ୍ରେସ ଏକ ହେବେ ନା ବିଦ୍ରୋହୀଙ୍କ ବଳରେ ବିଜେପି ପ୍ରାର୍ଥୀ ରାଜ୍ୟସଭା ଯିବେ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

ଅତଏବ ମୋଟାମୋଟି ଭାବେ ମକର ପରେ ନୂଆ ଦଳ ଗଠନ ଘୋଷଣା ସହ ବିଭିନ୍ନ ସାଂଗଠନିକ ନିଯୁକ୍ତି ଆରମ୍ଭ ହେବ ଏବଂ ମାର୍ଚ୍ଚ ସୁଦ୍ଧା ଏହା ଚୂଡ଼ାନ୍ତ ରୂପ ନେବ। ଏଥସହ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ନଜରରେ ରଖି ଦଳ ଆଗକୁ ବଢ଼ିବ ବୋଲି ସୂଚନା ମିଳିଛି। ତେବେ ନୂଆ ଦଳ ଗଠନ ପରେ କେଉଁ କେଉଁ ନେତାମାନେ ସେଠାକୁ ଡେଇଁବେ, ତାହା ଉପରେ ଏବେ ସବୁ ଦଳର ନେତାଙ୍କ ସହ ଓଡ଼ିଶାବାସୀ ବି ନଜର ରଖିଛନ୍ତି।

## ଆମ୍ବକାଠ ବୋଝେଇ ଟ୍ରକ ଜବତ, ଡ୍ରାଇଭର ଗିରଫ



**ରାଇଘର,୪।୧।(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ବନ ବିଭାଗ ପକ୍ଷରୁ ଏକ ଆମ୍ବ କାଠଗଣ୍ଡି ବୋଝେଇ ଟ୍ରକ ଜବତ କରାଯାଇଛି। ଜବତ କାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହୋଇଥିବା ବେଳେ ଟ୍ରକ ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାଇ ନବରଙ୍ଗପୁର ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଗତକାଲି ରାଇଘର ବନ କର୍ମଚାରୀ ପେଟ୍ରୋଲିଂ ଚାଲିଥିବା ବେଳେ ସୋନପୁରରୁ ଛତିଶଗଡ଼ କୁ ଯାଉଥିବା ଏକ ଆମ୍ବ କାଠ ଗଣ୍ଡି ବୋଝେଇ ଟ୍ରକ (ଗାଡ଼ି ନମ୍ବର ସିଜି ୦୪ ଯେଡ୍.ଡି ୦୯୨୭) ଟି ସୋନେପୁର ଗ୍ରାମ ନିକଟରେ ଅଟକାଇ ପଚରା ଉଚରା କରିଥିଲେ। ବେଆଇନ କାଠ ଚାଲାଣ କରୁଥିବା ଅଭିଯୋଗ ରେ ଟ୍ରକ ସହିତ କାଠଗଣ୍ଡି ଜବତ କରି ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ନେଇ ଆଣିଥିଲେ। ଜବତ କାଠର ମୂଲ୍ୟ ପ୍ରାୟ ଲକ୍ଷାଧିକ ଟଙ୍କା ହୋଇଥିବା ବେଳେ ଟ୍ରକ ଡ୍ରାଇଭର ଅଜିତ ବିଶ୍ୱାସ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣା ପଡ଼ିଛି। ଏହି ଟ୍ରକ ଜବତ ସମୟରେ ସ୍ଥାନୀୟ ବନାଞ୍ଚଳ ଅଧିକାରୀ ମହମ୍ମଦ ଅବଦୁଲ ସାମଦ, ଭାରପ୍ରାପ୍ତ ବନପାଳ ଭୁବନେଶ ପୂଜାରୀ ଓ କୁସୁମପୁର ବନରକ୍ଷୀ ପିତାମ୍ବର ନାୟକଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ବେଆଇନ୍ ଇଟାଭାଟିରେ ଅତିଷ୍ଠ ଜନସାଧାରଣ

# ସ୍କୁଲ ଛାତ୍ରଛାତ୍ରୀ ଇଟା ଧୂଆଁରେ କଲବଲ

**ଗରଦପୁର,୪।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଇଟାଭାଟି ଚାଲିଛି। ରାଜସ୍ୱ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଏନ୍‌ଜିଟିର ନିର୍ଦ୍ଦେଶନାମା ପାଳନ ହେଉନି। କିଛି ନିର୍ଦ୍ଦିଷ୍ଟ ଇଟା ଭାଟି କୁ ଛାଡ଼ିଲେ ଅଧିକାଂଶ ନାଲି ଇଟା ଭାଟି ଉପରେ ଦୃଢ଼ ପଦକ୍ଷେପ ନିଆଯାଉ ନ ଥିବାରୁ ରାଜସ୍ୱ ହାନୀ ସହ ପରିବେଶ ପ୍ରଦୂଷିତ ହେଉଛି। ଏପରିକି ଜିଲ୍ଲାର ବିଭିନ୍ନ ନଦୀ ପଠାରେ ମଧ ଇଟାଭାଟି କରାଯାଉଛି। ଏଥି ମଧ୍ୟରୁ ବର୍ତ୍ତମାନ ଚିତ୍ରୋତ୍ପଳା ନଦୀ ପଠା ଏବେ ମାଫିଆଙ୍କ କବଜ୍ଜା ରେ ଥିବା ଦେଖାଦେଇଛି। ନିଜର ବ୍ୟବସାୟ ଲାଗି ନଦୀ ପଠା କୁ ଜେସିବ ମେସିନ ସହାୟତାରେ ମାଟି ଖୋଳି



ନଷ୍ଟ ମଧ କରିଦେଉଛନ୍ତି। ଇଟା ଭାଟି ମାଲିକମାନେ ମନଇଚ୍ଛା ଦରରେ ଇଟା ଲୋକଙ୍କୁ ବିକ୍ରି କରି ଲାଭବାନ ହେଉଥିବା ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ତହସିଲ ଅଞ୍ଚଳରେ ଏପରି ବେଆଇନ୍ ଭାବେ ଇଟାଭାଟି ଚାଲିଛି। ଏପରିକି ବାହାର ଜିଲ୍ଲାର ଶ୍ରମିକମାନଙ୍କୁ ଦଲାଲମାନଙ୍କ ଜରିଆରେ ଆଣିବା ସହ ଉକ୍ତ ଇଟାଭାଟିରେ ମଧ ନିୟୋଜିତ କରାଯାଉଥିବା ଦେଖିବାକୁ ମିଳୁଛି। ବିଭିନ୍ନ ସମୟରେ କହିବା ମୁତାବକ ମଜୁରି ମଧ ଶ୍ରମିକମାନଙ୍କୁ ମିଳୁ ନ ଥିବା ଘଟଣା ଦୃଷ୍ଟିକୁ ଆସୁଛି। ଗତ ବର୍ଷ ଗରଦପୁର ବ୍ଲକ ପାଟକୁରା, ଗରଦପୁର ଥିବା ଇଟାଭାଟି

### ନଦୀବନ୍ଧ କାଟି ଇଟା ବ୍ୟବସାୟ

ଶ୍ରମିକମାନଙ୍କଠାରେ ଘଟିଥିବା ଘଟଣା ଏହାର ଉଦାହରଣ। ଆହୁରି ଜଣାଯାଇଛି ଇଟାଭାଟି ଗୁଡିକରେ ଅନ୍ୟ ଜିଲ୍ଲାର ଶ୍ରମିକମାନେ ନିଜ ପରିବାର ସଦସ୍ୟଙ୍କ ସହ ଆସି ଏଠାରେ କାମ କରୁଛନ୍ତି। ଏପରିକି ପରିବାରର ସଦସ୍ୟଙ୍କ ସହ ଶିଶୁମାନେ ମଧ ଇଟାଭାଟି କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ଫଳରେ ଶିଶୁମାନଙ୍କ ପାଠ ପଢ଼ା ଅଧାରୁ ବନ୍ଦ ହୋଇଯାଉଛି। ଗରଦପୁର ତହସିଲ ଅଧୀନ ସମସରା, ଏବଂ ଜଗଦଳପୁର ରେ ଥିବା ଚିତ୍ରୋତ୍ପଳା ଦକ୍ଷିଣ ପାର୍ଶ୍ୱ ନଦୀ ପଠାରେ ଦେଖିବାକୁ ମିଳିଛି। ସମସରା ରେ ଗଢ଼ିଉଠିଥିବା ବେଆଇନ୍ ଇଟା ଭାଟି ଲାଗି ପାଖରେ ଥିବା ଜନବସତି ଏବଂ ସ୍କୁଲ୍ ଛାତ୍ର ଛାତ୍ରୀ ମାନେ ଧୂଆଁ ବଳୟ ମଧ୍ୟରେ ଅସ୍ୱସ୍ଥ୍ୟ ବ୍ୟସ୍ତ୍ୟ ହେଉଥିବା ବେଳେ ପ୍ରଶାସନ ନିରବତା କୁ ନେଇ ପ୍ରଶ୍ନ ଉଠିଛି। ବର୍ଷ ବର୍ଷ ଧରି ଏହି ବ୍ୟବସାୟ ଚାଲିଥିବା ବେଳେ ପ୍ରଶାସନ ଚୁପ ରହିବା ସ୍ଥାନୀୟ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ଏପରି ବେଆଇନ ଭାବେ ଇଟାଭାଟି ଚାଲୁଥିବା ବେଳେ ସ୍ଥାନୀୟ ଲୋକେ ବିରୋଧ କଲେ ଇଟା ମାଫିଆ ସେମାନଙ୍କୁ ଧମକ ଦେଉଛନ୍ତି ଯାହା ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇ ଚୁପ ରହିବାକୁ ବାଧ ହେଉଛନ୍ତି।

## କାନମାସର ରଜତ ଜୟନ୍ତୀ ପାଳିତ



**ପାରାଦୀପ,୪।୧।(ସଂଚାର ବ୍ୟୁରୋ):** ବନ୍ଦର ନଗରୀ ପାରାଦୀପର ସାହିତ୍ୟ, ନାଟକର ଅନୁଷ୍ଠାନ କାନମାସ ତାର ୨୬ତମ ପ୍ରତିଷ୍ଠା ଦିବସ ଗତ ୨ ଜାନୁଆରୀ ଦିନ କାର୍ଯ୍ୟାଳୟ ପରିସରରେ ପାଳନ କରିଥିଲା। ଅନୁଷ୍ଠାନର ସଭାପତି କ୍ୟାପଟେନ ଅତୁଲ୍ୟ ମହାପାତ୍ରଙ୍କ ସଭାପତିତପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ନାଟ୍ୟବିତ୍ ସୁବୋଧ ପଟ୍ଟନାୟକ, କବି ଦୀପ୍ତି ଖଣ୍ଡୁଆଳ, ବନ୍ଦର ସିଏମଇ ସୁଶିଲ ନାହାକ, ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ବି ବି ଦାସ , ପାରାଦୀପ ମ୍ୟୁନିସିପାଲିଟିର ଅଧକ୍ଷ ବସନ୍ତ ବିଶ୍ୱାଳ ଅତିଥି ଭାବେ ଯୋଗଦାନ କରି କାନମାସର ଦୀର୍ଘ ୨୬ ବର୍ଷର ଯାତ୍ରା ଉପରେ ଆଲୋକପାତ କରିଥିଲେ। ଉଲ୍ଲେଖଯୋଗ୍ୟ ଏହିକି ଯେ ଏ ବର୍ଷ ଦୀଲ୍ଲି ଠାରେ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ ଦ୍ୱାରା ଆୟୋଜିତ ହେଉଥିବା ରଙ୍ଗ ମହୋତ୍ସବରେ ନାଟକ ପରିବେଷଣ କରିବା ପାଇଁ କାନମାସ ମନୋନୀତ ହୋଇଛି ଓ ରଙ୍ଗ ମହୋତ୍ସବର କିଛି ନାଟକ ଆମ ପାରାଦୀପ ସହରରେ ମଧ ପରିବେଶୀତ ହେବ ଯାହାକି ଆମ ପାଇଁ ଗୌରବର ବିଷୟ । ଏହି ଅବସରରେ ସର୍ବ ପ୍ରଥମେ କବିତା ପାଠ କରାଯାଇଥିଲା। ପରେ ପରେ ଅନୁଷ୍ଠାନରେ ନାଟ୍ୟ ଶିକ୍ଷା ଲାଭ କରିଥିବା ନୂତନ ଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ସୃତି ନାଟକ ଯଯାତି ପରିବେଷଣ କରାଯାଇଥିଲା। କାନମାସ ତରଫରୁ ବିଶିଷ୍ଟ ନାଟ୍ୟବିତ୍ ସୁବୋଧ ପଟ୍ଟନାୟକ, କବି ଦୀପ୍ତି ଖଣ୍ଡୁଆଳ, ପାରାଦୀପ ମ୍ୟୁନିସିପାଲଟିର ଅଧକ୍ଷ ବସନ୍ତ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କାନମାସର ସମ୍ପାଦକ ଶ୍ରିମନ୍ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୪ ଗୋରୁ ଚାଲାଣକାରୀଙ୍କୁ ବିଚ୍ ରାସ୍ତାରେ ନିସ୍ତୁକ ମାଡ଼

- ବେପାରୀଙ୍କ ସହିତ ଅମାନବୀୟ ବ୍ୟବହାର ନେଇ ଭିଡିଓ ଭାଇରଲ
- ବରମପୁର ପୁଲିସ ଦ୍ୱାରା ୪ଗୋରୁ ବେପାରୀ ଗିରଫ



**ନୀଳଗିରି,୪।୧(ସଂଚାର ବ୍ୟୁରୋ):** ସ୍ଥାନୀୟ ଯୁବକ ମାନେ ୪ଗୋରୁ ବେପାରୀ ଙ୍କୁ ଧରି ଅମାନବୀୟ ମାଡ଼ ମାରି ଓ ଥାନା ରେ ଜିମା ଦେବା ଘଟଣା ନୀଳଗିରି ରେ ଚର୍ଚ୍ଚା ହେଉଛି।ଗୋରୁ ବେପାରୀ ଙ୍କୁ ଅମାନବୀୟ ବ୍ୟବହାର ସୋସିଆଲ ମିଡ଼ିଆ ରେ ଭିଡିଓ ଭାଇରଲ ହେବାରେ ଲାଗିଛି। ସୂଚନାଯୋଗ୍ୟ ନୀଳଗିରି ବ୍ଲକ ତଥା ବରମପୁର ଥାନା ଅଧିନସ୍ଥ ଗୋହିରା ଛକ ନିକଟରେ ଆଜି ସକାଳ ପ୍ରାୟ ୯ଘଟିକା ସମୟରେ ଚାରି ଗୋରୁ ବେପାରୀ ୪ ଗୋଟି ଗୋରୁ ନେଇ ରାସ୍ତାରେ ଚଲେଇ ଚଲେଇ ନେଉଥିବା ବେଳେ ଗୋହିରା ଛକ ନିକଟରେ ବାଉଁଶପାଳ ଗ୍ରାମର ପ୍ରଭାକର ସାହୁ ଙ୍କ ସମେତ ୮ ରୁ ୧୦ ସହଯୋଗୀମିଳିତ ଭାବେ ଗୋରୁ ବେପାରୀଙ୍କୁ ଅଟକାଇ ମାନବିକତା ଭୁଲିଯାଇ ଅମାନବିୟ ଭାବେ ଠେଙ୍ଗା ଓ ହାତରେ ମାଡ଼ ମାରିବା ସହିତ ପିଚୁ ସଡକ ଉପରେ ଆଣ୍ଠେଇ ଦେଇ ନିସ୍ତୁକ ଗାଲରେ ଚାପୁଡ଼ା ଓ ମାଡ଼ ମାରିବା, ଅଶ୍ଳିଳ ଭାଷାରେ ଗାଳି ଗୁଳଜ କରିଥିଲେ। ଯାହା ଏବେ ସୋସିଆଲ ମିଡିଆରେ ମୋବାଇଲ ରୁ ମୋବାଇଲ କୁ ଘୁରି ବୁଲୁଛି। ପରେଯୁବକ ମାନେ ବେପାରି ମାନଙ୍କୁ ବରହମପୁର ଥାନାରେ ଜିମା ଦେଇଥିଲେ। ଅଭିଯୁକ୍ତ ଗୋରୁ ବେପାରୀ ହେଲେ ନୀଳଗିରି ବ୍ଲକ ଗରଡ଼ିହି ପଞ୍ଚାୟତ ଚନ୍ଦିନୀପୁର ଗ୍ରାମର କାର୍ତ୍ତିକ ମଣ୍ଡଳ(୩୨), ଓ ହାଡ଼ି ବନ୍ଧୁ ମଣ୍ଡଳ (୩୨), ପୀଠହତା ପଞ୍ଚାୟତ ପିଠାହତା ଗ୍ରାମର ତାପସ ଘଡେଇ(୩୨), ଏବଂ ଚକ୍ରଧର ଘଡେଇ (୨୫)। ଉକ୍ତ ଚାରି ଅଭିଯୁକ୍ତ ଙ୍କ ନାମରେ ଥାନା ପକ୍ଷରୁ ୨/୨୬ ରେ ଏକ ମାମଲା ରୁଜ୍ଜୁ କରାଯାଇ ବେଲ୍ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ବିଜେପି ବ୍ୟାନର ପୋଡ଼ା ନେଇ ଏତଲା



**ସାଲେପୁର,୪।୧(ସଂଚାର ବ୍ୟୁରୋ):** ବିଜେପି ନେତା ଅରିନ୍ଦମ ରାୟଙ୍କର ବିରାଟକାୟ ନୂତନ ବର୍ଷର ଅଭିନନ୍ଦନ ବ୍ୟାନରକୁ କେହି ୩ଜଣ ଯୁବକ ପୋଡ଼ି ଦେଇଥିବା ନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ ସାଲେପୁର ବିଜେପି ନେତା ଅରିନ୍ଦମ ରାୟଙ୍କ ସମର୍ଥକଙ୍କ ପକ୍ଷରୁ ଇଂରାଜୀ ନବବର୍ଷ ପାଇଁ ବିଭିନ୍ନ ସ୍ଥାନରେ ଅଭିନନ୍ଦନ ବ୍ୟାନର ଲଗାଯାଇଅଛି। ଏହି ଅବସରରେ କଟକ-ସାଲେପୁର ରାସ୍ତାର ଭାତପଡ଼ା ଛକ ନିକଟସ୍ଥ ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ଭାତପଡ଼ା ପଡ଼ିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଓ ସ୍ଥାନୀୟ ବିଜେପି ନେତା ଅରିନ୍ଦମ ରାୟଙ୍କ ଫଟୋ ଥିବା ଏକ ଅଭିନନ୍ଦନ ବ୍ୟାନରକୁ ଗତ କାଲି ରାତିରେ ଭାତପଡ଼ା ଗ୍ରାମର ମନୋଜ ଖିଲାର ବିଦ୍ୟୁତ୍ ବିଭାଗରେ କାର୍ଯ୍ୟ କରୁଥିବାରୁ ବିଦ୍ୟୁତ୍ ଲାଇନ୍ କାଟିବା ସହ ଉକ୍ତ ଗ୍ରାମର ଟୁନା ଭୋଇ ଏବଂ କୁଶମୋହନ ମାହୁନ୍ତ ଏକତ୍ର ହୋଇ ଉକ୍ତ ବ୍ୟାନରକୁ ପୋଡ଼ିଦେଇଥିବା ନେଇ ଭାତପଡ଼ା ଗ୍ରାମର ଚଇନ ଭୋଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ ଏହି ସବୁ ଦୃଶ୍ୟ ବିଜେପି ପାର୍ଟି କାର୍ଯ୍ୟାଳୟରେ ଲାଗିଥିବା ସି.ସି.ଟି.ଭି.ରୁ ସ୍ପଷ୍ଟ ଜଣାଯାଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

## ଓମ୍‌ସା ପକ୍ଷରୁ ଆନ୍ଦୋଳନର ଚେତାବନୀ




**ଫୁଲବାଣୀ,୪।୧।(ସଂଚାର ବ୍ୟୁରୋ):** ଓଡିଶା ମେଡିକାଲ ସର୍ଭିସ ଆସୋସିଏସନ ପକ୍ଷରୁ ଆସନ୍ତା ୨୬ ତାରିଖ ଠାରୁ ଏକ ଘଣ୍ଟା (ସକାଳ ୧୦ -୧୧ ଘଟିକା ପର୍ଯ୍ୟନ୍ତ) ପ୍ରତ୍ୟେକ ଦିନ ୧ ଘଣ୍ଟା ବହିର୍ବିଭାଗ ବନ୍ଦ କରାଯିବା ନେଇ ସୂଚନା ମିଳିଛି। ଓମ୍ସା ପକ୍ଷରୁ କୁହାଯାଇଛି କି, ମେଡିକାଲ ମାନଙ୍କରେ ଅନେକ ସମସ୍ୟା ରହିଥିଲେ ହେଁ ସରକାର ଜାଣିଶୁଣି ମେଡିକାଲ ପାଇଁ କୋଉଠି ପଦକ୍ଷେପ ନେଉନାହାନ୍ତି। ସରକାରଙ୍କ ପାଖରେ ବାରମ୍ବାର ଅଭିଯୋଗ କରିଥିଲେ ମଧ ଆଜି ଯାଏ ସରକାର କୌଣସି ଆଖି ଦିଶିଆ ପଦକ୍ଷେପ ଗ୍ରହଣ କଲେ ନାହିଁ।ତେଣୁ ଡିସେମ୍ବର ୨୬ତାରିଖରୁ ଓମସା ପକ୍ଷରୁ ଆନ୍ଦୋଳନ କରାଯିବା ନେଇ ସୂଚନା ମିଳିଛି। ମୋଟ ଅଠର ଗୋଟି ଦାବୀ ନେଇ ସଙ୍ଘ ଆନ୍ଦୋଳନକୁ ଓହ୍ଲାଉଥିବା ସୂଚନା ମିଳିଛି। ଯେତେଦିନ ଯାଏ ସରକାର ଦାବୀ ଗୁଡିକ ପୂରଣ ନକରିଛନ୍ତି, ସେତେଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଙ୍ଘ ଚେତାବନୀ ଦେଇଛି। ରୋଗୀ ସେବା ଡାକ୍ତରଙ୍କ ଧର୍ମ ହୋଇଥିବାରୁ ରୋଗୀସେବା ଜାରି ରହିବ, ହେଲେ ସକାଳ ୧୦ଘଟିକା ରୁ ୧୧ଘଟିକା ପର୍ଯ୍ୟନ୍ତ ବହିର୍ବିଭାଗ ବନ୍ଦ ରହିବ ବୋଲି ସଙ୍ଘର ଡ଼ାକ୍ତର ଜୟଦେବ କୁମାର ଘୋଷ, ଡାକ୍ତର ସଞ୍ଜୀବ କୁମାର ଦାସ, ଡାକ୍ତର ସନ୍ଦୀପ ପ୍ରଧାନ, ଡ଼ାକ୍ତର ମଧୁସ୍ମିତା ମହନ୍ତ, ଡ଼ାକ୍ତର କାଲଗ ଓ୍ୱିଲସନ ପ୍ରମୁଖ ସୂଚନା ଦେଇଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**କେନ୍ଦ୍ରାପଡ଼ା,୪।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଶିକ୍ଷା ବିକାଶ ସମିତି ଅଧିନରେ କେନ୍ଦ୍ରାପଡ଼ା ସଂକୁଳର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଡେରାବିଶ ବ୍ଲକ ଅନ୍ତର୍ଗତ ତିଲଙ୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଗାର ଗୋଟି ଶିଶୁବିଦ୍ୟାମନ୍ଦିରରୁ ଦୁଇଶହ ଭାଇଭଉଣୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଶିବ ପ୍ରସାଦ ରାଉତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଧ୍ୱଜା ଉତୋଳନ କରି କ୍ରୀଡା ପ୍ରତିଯୋଗିତାର ଶୁଭ ଉଦଘାଟନ କରିଥିଲେ। ଏହାପରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ ଶତପଥୀ, ମୁଖ୍ୟବକ୍ତା ଭାବେ ସଂକୁଳ ପ୍ରମୁଖ ବଳରାମ କର, ସଂଯୋଜକ ମନୋଜ କୁମାର ରାଉତ ଓ ଶିଶୁମନ୍ଦିର ସମ୍ପାଦକ ବିପିନ ବିହାରୀ ଖଟୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ସଭା ମଣ୍ଡନ କରିଥିଲେ। କ୍ରୀଡା ବୃ ପଠନ ପରେ ଅତିଥିମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ସାହିତ୍ୟ ଏକାଡେମୀ ପକ୍ଷରୁ ଆଲୋଚନଚକ୍ର ଓ କବିତା ପାଠୋତ୍ସବ



**ରାଜନଗର,୪।୧(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏକଦିବସୀୟ ଆଲୋଚନାଚକ୍ର ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଉଦ୍‌ଘାଟକ ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଡଃ ବୈଷ୍ଣବଚରଣ ସାମଲ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀର ପୁରସ୍କାରପ୍ରାପ୍ତ ସୁଲେଖିକା ଡଃ ଅପର୍ଣ୍ଣା ମହାନ୍ତି, ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡଃ ବାସୁଦେବ ଦାସ, ନରେଣ୍ୟ ଅତିଥି ଭାବେ ଫକିରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ସମ୍ମାନୀୟ ଅତିଥି ଭାବେ କବି ନୃସିଂହ ତରାଇ ଓ କବି ପ୍ରେମାନନ୍ଦ ଖଣ୍ଡୁଆଳ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ତଥା କଥାକାର ରବି ପଣ୍ଡା ଯୋଗଦେଇ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧି ଦିଗରେ ପରିବେଶର ବଳିଷ୍ଠ ଭୂମିକା ରହିଛି। ପରିବେଶ ହିଁ ସାହିତ୍ୟର ମୂଳାଧାର, ଏହାର ପ୍ରାକୃତିକ ବୈଭବ କବିକୁ ପ୍ରଭାବିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ।

## ଦୃଷ୍ଟିବାଧିତ ବ୍ୟକ୍ତି ସର୍ବଗୁଣ ସମ୍ପନ୍ନ

**କେନ୍ଦ୍ରାପଡ଼ା,୪।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ପୌରସଂସ୍ଥା ଦ୍ୱାରା ପରିଚାଳିତ ଦୃଷ୍ଟିବାଧିତ ବିଦ୍ୟାଳୟରେ ମହାତ୍ମା ଲୁଇସ ବ୍ରେଲିଙ୍କ ୨୧୭ ତମ ଜୟନ୍ତୀ ଓ ବିଶ୍ୱ ବ୍ରେଲି ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ପ୍ରାଧାପକ ଡ଼ ଦେବେନ୍ଦ୍ର କୁମାର ଦାସ, ମୁଖ୍ୟବକ୍ତା ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା କଲେଜ ଓଡିଆ ଭାଷା ସାହିତ୍ୟ ବିଭାଗ ଅଧାପିକା ସସ୍ମିତା ଅଧିକାରୀ, ବିଶିଷ୍ଟ ସମାଜସେବୀ ତଥା ସମୀର ଟିଭିଏସର ପରିଚାଳନା ନିର୍ଦ୍ଦେଶକ ସମୀର କୁମାର ଚାନ୍ଦ, ଭୁବନମୋହନ ଦାସ, କ୍ଷୀରୋଦ କୁମାର କର, ଅଶୋକ ସାହୁ ପ୍ରମୁଖ ଯୋଗଦେଇ ମହାତ୍ମା ଲୁଇସ୍ ବ୍ରେଲିଙ୍କ ଜୀବନୀ, ବ୍ରେଲି ଲିପିର ଆବଶ୍ୟକତା ଓ ପରିବର୍ଦ୍ଧିତ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ଏହା ଦୃଷ୍ଟିବାଧିତ ମାନଙ୍କ ପାଇଁ ବରଦାନ ସଦୃଶ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ଓ ପିଲାମାନଙ୍କ ବିକାଶରେ ଅଧିକରୁ ଅଧିକ କ୍ରିୟାଶୀଳ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ସ୍ୱପ୍ନାଂଶୁ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସହକାରୀ ଶିକ୍ଷକ ବଟକୃଷ୍ଣ ବାରିକ୍ ସ୍ୱାଗତ ଭାଷଣ, ଅରୁଣ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପିଲାମାନେ ଆବାହନୀ ସଙ୍ଗୀତ ଗାନ କରିଥିଲେ।

## ବିଧାୟକଙ୍କ ସହିତ ଜିଲ୍ଲା ଯାଦବ ମହାସଭାର ଆଲୋଚନା



**କେନ୍ଦ୍ରାପଡା,୪।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଯାଦବ ମହାସଭା ତରଫରୁ ସଭାପତି ପ୍ରଭାକର ପଲାଇଙ୍କ ନେତୃତ୍ୱରେ ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସାଦ ନାୟକଙ୍କ ସହିତ ମାର୍ଶାଘାଇ ଓ ମହାକାଳପଡା ଯାଦବ ମହାସଭା ର ସଭାପତି, ସଂପାଦକ ଓ ସଦସ୍ୟ ମାନଙ୍କ ସହିତ ଏକ ଜରୁରୀ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ସଂଘ ତରଫରୁ ବିଧାୟକ ଡ଼ଃ ନାୟକଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହିତ ଯାଦବ ମାନଙ୍କର ବିଭିନ୍ନ ସମସ୍ୟା ଓ ଯାଦବ ଭବନ ନିର୍ମାଣ ପାଇଁ ଆଲୋଚନା କରିଥିଲେ। ବିଧାୟକ ଶ୍ରୀ ନାୟକ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ଲାଲବାହାଦୂର ବିଦ୍ୟାଳୟରେ ଗୁରୁପୂଜନ

**କେନ୍ଦ୍ରାପଡ଼ା,୪।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମପାୟତର ମେହେନ୍ଦିପୁର ସ୍ଥିତ ଲାଲବାହାଦୂର ସରକାରୀ ଉଚ୍ଚ ବିଦ୍ୟାଳୟରରେ ଗୁରୁପୂଜନ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ଶିକ୍ଷକ ଅକ୍ଷୟ କୁମାର ଦାଶ, ରବୀନ୍ଦ୍ର କୁମାର ପରିଡା, ପ୍ରେମାନନ୍ଦ ଷଡଙ୍ଗୀ, ମଧୁସୁଦନ ନାଥ, କ୍ଷୀରୋଦ ଚନ୍ଦ୍ର ସାମଲ, ପ୍ରଭାତୀ ବିଶ୍ୱାଳ, ଭ୍ରମରବର ରାଉତ, ଭାବଗ୍ରାହୀ ନନ୍ଦ ପ୍ରମୁଖଙ୍କୁ ଛାତ୍ରଛାତ୍ରୀମାନେ ପୂଜା କରିବା ସହ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

## ସହିରା ପଞ୍ଚାୟତ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ



**ଆଳି,୪।୧(ସଂଚାର ବ୍ୟୁରୋ):** ଆଳି ବ୍ଲକ ସହିରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଦୁଇ ଦିନ ଧରି ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ମହା ସମାରୋହରେ ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ର ସଂସଦ ସଭାପତି ଅଲେଖ ପ୍ରସାଦ ମହାନ୍ତିଙ୍କ ସଭାପତି ତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଜ୍ଞାନ ବୈଷୟିକ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ସମ୍ମାନୀୟ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ବିଜେପି ଜିଲ୍ଲା ଉପ ସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ଶିକ୍ଷାବିତ ତଥା ପରିବେଶବିତ ଅନିରୁଦ୍ଧ ରାଉଳ, ମୁଖ୍ୟବକ୍ତା ପଣ୍ଡିତ ବିରେନ୍ଦ୍ର ପଣ୍ଡା, ଯୋଗ ଦେଇ ଥିଲେ। ମନ୍ତ୍ରୀ ଶ୍ରୀ ପାତ୍ର ଛାତ୍ର ଛାତ୍ରୀ ମାନଙ୍କୁ ଜ୍ଞାନର ଆରୋହଣ କରିବା ନିମନ୍ତେ ବକ୍ତବ୍ୟ ଦେବା ସହିତ ସରକାରୀ ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ବିଷୟରେ କହିଥିଲେ।

## ଚୋରାବାଲି ଚାଲାଣ ବେଳେ ୪ ଗାଡ଼ି ଜବତ




**ଯାଜପୁର,୪।୧(ସଞ୍ଚାର ବ୍ୟୁରୋ):** ବେଆଇନ ଭାବେ ଚୋରା ବାଲି ଓ କଳାପଥର ଚାଲାଣ ବେଳେ ଯାଜପୁର ଖଣି ବିଭାଗ ଓ ପୁଲିସ ମିଳିତ ଭାବେ ବନ୍ଧମୁଣ୍ଡା ଓ ବୁଢ଼ାଘାଟରୁ ଚଢ଼ଉ କରି ୪ ଗାଡ଼ିକୁ ଜବତ କରି ଯାଜପୁର ପୁଲିସକୁ ଜିମା ଦେଇଛନ୍ତି। ଘଟଣାର ବିବରଣୀରୁ ପ୍ରକାଶ, ଯାଜପୁର ସମେତ ଏହାର ଆଖପାଖ ବାଲି ଘାଟରେ ଦୈନିକ ବେଆଇନ ଭାବେ ରାତି ସମୟରେ ଚୋରା ବାଲି ଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ଏହି ବେଆଇନ ଚୋରା ବାଲି ଚାଲାଣକୁ ରୋକିବା ପାଇଁ ଯାଜପୁର ଖଣି ବିଭାଗ ରାତି ସମୟରେ ବିଭିନ୍ନ ବାଲି ଘାଟ ଉପରେ ଚଢ଼ଉ କରି ଗାଡ଼ିକୁ ଜବତ କରିଥାନ୍ତି। ଗତ ୩ ତାରିଖ ରାତି ୧୧ ଟାରୁ ଭୋର୍ ୪ଟା ସମୟରେ ଖଣି ବିଭାଗ ଓ ପୁଲିସର ମିଳିତ ଭାବେ ବନ୍ଧମୁଣ୍ଡା ଓ ବୁଢ଼ାଘାଟରୁ ବେଆଇନ ଭାବେ ବାଲି ଓ କଳା ପଥର ଚାଲାଣ ହେଉଥିବା ସମୟରେ ଚଢ଼ଉ କରିଥିଲେ। ବେଆଇନ ବାଲି ଚାଲାଣରେ ବ୍ୟବହୃତ ଗୋଟିଏ ଏକ୍ସାଭେଟର, ଗୋଟିଏ ହାଇୱା ଗାଡ଼ିକୁ ଜବତ କରିଥିଲେ। ସେହିପରି ବେଆଇନ କଳା ପଥର ବୋଝେଇ ଗୋଟିଏ ହାଇୱା ଓ ଗୋଟିଏ ଟ୍ରକକୁ ଜବତ କରିଥିଲେ। ଏହି ୪ଟି ଗାଡ଼ିକୁ ଜବତ କରି ଯାଜପୁର ଥାନାରେ ଜିମା ଦିଆଯାଇଛି। ଏହି ଚଢ଼ଉ ସମୟରେ ଜିଲା କନିଷ୍ଠ ଖଣି ଅଧିକାରୀ ସିତେଶ କୁମାର ନାୟକ, ଛାୟାକାନ୍ତ ମାହାନ୍ତ ସମେତ ଯାଜପୁର ପୁଲିସ ସାମିଲ ହୋଇଥିଲେ। ସୂଚନା ଯୋଗ୍ୟ ଯେ, ଖରସ୍ରୋତା ନଦୀର ବନ୍ଧମୁଣ୍ଡା ଘାଟରେ ଲିଜ୍ ଅବଧି ଶେଷ ପରେ ମଧ ବାଲି ଉତ୍ତୋଳନ କରାଯାଉଥିବା ନେଇ ଖଣି ବିଭାଗ ନିକଟରେ ଅଭିଯୋଗ ହେଉଥିଲା।

## ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର

**କେନ୍ଦ୍ରାପଡ଼ା,୪।୧(ସଞ୍ଚାର ବ୍ୟୁରୋ):** ଜାତୀୟ ସଡକ ସୁରକ୍ଷା ମାସ ୨୦୨୬ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆରଟିଓ ଲୋକନାଥ ମେହେରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିଖୋଲ-ପାରାଦ୍ୱିପ ଜାତୀୟ ରାଜପଥ ରେ ଯାତାୟତ କରୁଥିବା ଶତାଧିକ ଟ୍ରକ ଚାଳକ ମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏବଂ ଏଥି ସହିତ ଚାଳକ ମାନଙ୍କ ମଧ୍ୟରେ ଦୁର୍ଘଟଣା ରୋକିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଜନସାଧାରଣ ସଡକ ସୁରକ୍ଷା ଅଭିଯାନରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚକ୍ଷୁ ପରୀକ୍ଷାରେ ସହଯୋଗ କରାଯାଇଥିଲା।

## ତାଲୁକ ଆଇନ ସେବା ଆଇନ ସଚେତନତା କାର୍ଯ୍ୟକ୍ରମଅ

**ପଟ୍ଟାମୁଣ୍ଡାଇ,୪।୧(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟିଙ୍କ ପୌରହିତ୍ୟ ରେ ସରକାରୀ ଓକିଲ ଧୀରେନ୍ଦ୍ର ନାଥ ସାହୁଙ୍କ ସଂଯୋଜନାରେ ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ମନ୍ଦିର ଠାରେ ଆୟୋଜିତ



ଆଇନ ସଚେତନତା କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ଓକିଲ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ଦାଶ, ରିଟେନର ଗୀତାଞ୍ଜଳୀ ପୃଷ୍ଟି, ନୋଟାରୀ ସତ୍ୟ ନାୟକ, ଶିଶୁ ମନ୍ଦିର ପ୍ରଧାନଗୁରୁଜୀ ପ୍ରଭାତ ନାୟକ ଯୋଗ ଦେଇ ସୁପ୍ରିମ କୋର୍ଟ ରାୟ ବାଲ୍ୟ ବିବାହ, ଆଞ୍ଚଳିକ ଭାଷାରେ ବିଭିନ୍ନ ରାୟ ଅନୁବାଦ, ତତ୍କାଳ ମୋକଦମା ସମାଧାନ ଆଦି ବିଷୟରେ ଆଲୋକପାତ କରିଥିଲେ ଓ ଏହି କାର୍ଯ୍ୟକ୍ରମକୁ ଅମେରେନ୍ଦ୍ର ରାଉତ, ଅପର୍ଣ୍ଣା ସାମଲ, ମୋହନ ଦାଶ, ଅରବିନ୍ଦ ପଣ୍ଡା ପରିଚାଳନା କରିଥିଲେ।

## ଗୋପାଳଜୀଉ ଚମ୍ପିଆନ ଟ୍ରଫି ନିମପୁର କ୍ରିକେଟ କ୍ଲବ ବିଜୟୀ



**ଗୋପ,୪।୧(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାର ଗୋପ ବ୍ଲକ ର ଗଣେଶ୍ୱପୁର ହାଇସ୍କୁଲ ଖେଳ ପଡ଼ିଆ ରେ ରାଜ୍ୟସ୍ତରୀୟ ଗୋପାଳଜୀଉ ସ୍ପୋର୍ଟସ କ୍ଲବ ଅନୁକୁଲ୍ୟ ରେ ଆୟୋଜିତ ରାଜ୍ୟସ୍ତରୀୟ ଗୋପାଳଜୀଉ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ୍ ରେ କଟକ ସୋଲାର କ୍ରିକେଟ କ୍ଲବ କୁ ୩ୱିକେଟ ରେ ହରାଇ କଟକ ନିମପୁର୍ କ୍ରିକେଟ କ୍ଲବ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ପ୍ରଥମେ ଟସ୍ ଜିତି ସୋଲାର କ୍ରିକେଟ କ୍ଲବ ବ୍ୟାଟିଂ ପାଇଁ ନିଷ୍ପତି ନେଇଥିଲା ତାର ସମସ୍ତ ୱିକେଟ ହରାଇ ୧୯୯ରନ ସଂଗ୍ରହ କରିଥିଲା। ଦଳ ପକ୍ଷ ରୁ ଶ୍ରେୟସ ଶ୍ରୀଧର ୪୧ ବଲ ରେ ୫୧ କରିଥିଲେ। ତାର ଜବାବ ରେ ୨୩ ଓଭର ୩ ଟା ବଲରେ ୮ ୱିକେଟ ହରାଇ ୨୦୧ କରି ବିଜୟୀ ହୋଇଥିଲା। ନିମପୁର ତରଫ ରୁ ବିକ୍ରମ ସାମଲ ୫୨ ବଲ ରେ ୯୭ ରନ କରି ଥିଲେ। ଆଜି ର ମ୍ୟାଚ୍ କୁ ପରିଚାଳନା କରିଥିଲେ ଓଡ଼ିଶା କ୍ରିକେଟ ଆସୋସିଏସନ୍ ର ଦୁଇ ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ଦେବେନ୍ଦ୍ର ନାଥ ମିଶ୍ର ଓ ସତ୍ୟ ବ୍ରତ ମହାପାତ୍ର। ଆଜି ର ମ୍ୟାଚ୍ ରେ ପୁରୀ ଜିଲ୍ଲାର ୧୧ ନମ୍ବର ଜୋନ ର ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ନିରଞ୍ଜନ ମାଣିକ, ନିରଞ୍ଜନ ଦଶ, ପୂର୍ଣ୍ଣ ଚନ୍ଦ୍ର ଦାଶ, କସ୍ତୁରୀବାଳା ସ୍ୱାଇଁ, ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଥିଲେ। ଆଜି ର ମ୍ୟାଚ୍ ରେ ବିକ୍ରମ ସାମଲ ମନ୍ ଅଫ ଦି ମ୍ୟାଚ୍ ଆଉ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ପୁରସ୍କୃତ ହୋଇଥିଲେ।

## ବ୍ୟାଣ୍ଡ ପାର୍ଟି ମାଲିକ ସଂଘର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ

**ସାଲେପୁର,୪।୧(ସଂଚାର ବ୍ୟୁରୋ):** ରବିବାର କଳାଗ୍ନି ମନ୍ଦିର କୁଳିଆ ପରିସର ରେ ସାଲେପୁର, କୁଳିଆ ବ୍ୟାଣ୍ଡ ପାର୍ଟି ମାଲିକ ସଂଘ ର ବନ୍ଧୁ ମିଳନ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବ୍ୟାଣ୍ଡ ପାର୍ଟି ମାଲିକ ସଂଘ ର ସଭାପତି ମୀନକେତନ ସିଂ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବ୍ୟାଣ୍ଡ ପାର୍ଟି ମାଲିକ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତି ଯୋଗଦେଇ ସରକାର ଙ୍କ ନିୟମ ଅନୁସାରେ ସମସ୍ତ ବ୍ୟାଣ୍ଡ ପାର୍ଟି ମାନେ ସେମାନଙ୍କର ବାଜା ବଜାଇବା ଉପରେ ଗୁରୁତ୍ୱ ଆରୋପ କରିଥିଲେ।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar Dated 23/12/2025, Laxmipriya Devi R/o, 1412, Trinath Vihar, Baramunda, Bhubaneswar, Dist. Khurda, Odisha, declare that, my name has been mentioned as LAXMI SAHOO in different documents. Henceforth I shall be known as Laxmipriya Devi for all purposes.

# ଧାନ ସଂଗ୍ରହ ସ୍ଥିତି ସମୀକ୍ଷା କଲେ ମୁଖ୍ୟ ସଚିବ

**ଭୁବନେଶ୍ୱର,୪।୧ (ସଂଚାର ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର କାର୍ଯ୍ୟ ସମୀକ୍ଷା କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଚଳିତ ଖରିଫ ଧାନ ସଂଗ୍ରହ ସ୍ଥିତି ସହିତ ସାର୍ବଜନୀନ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) କାର୍ଯ୍ୟକାରିତାର ସୁପରିଚାଳନା ସଂପର୍କରେ ଅନୁଧାନ କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।



ବୈଠକରୁ ଜଣାପଡ଼ିଛି ଯେ, ଚଳିତ ୨୦୨୫-୨୬ ଧାନ କ୍ରୟ ଋତୁ ପାଇଁ ୧୯ ଲକ୍ଷ ୬୭ ହଜାର ୮୧୨ ଜଣ ଚାଷୀ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି। ଖରିଫ ୨୦୨୫-୨୬ ପାଇଁ ମୋଟ ଧାନ ଚାଷ ଅଞ୍ଚଳ ୬୧ ଲକ୍ଷ ୬୭ ହଜାର ୪୧୪ ଏକର ପଞ୍ଜିକୃତ ହୋଇଛି। ୨୦୨୪-୨୫ରେ ୭୩. ୪୫ ଲକ୍ଷ ମେଟ୍ରିକ୍ ଟନ ଖରିଫ ଏବଂ ୧୯. ୧୮ ଲକ୍ଷ ମେଟ୍ରିକ୍ ଟନ୍ ରବି ଧାନ ସଂଗ୍ରହ ହୋଇଥିଲା। ଚଳିତ ଜାନୁଆରୀ ୩ ତାରିଖ ସୁଦ୍ଧା ୧୮ଟି ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ୨, ୭୧, ୩୧୮ ଜଣ ଚାଷୀ ୧୨.୦୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ ବିକ୍ରୟ କରିଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଷୀମାନେ ସେମାନଙ୍କର ଧାନ ଯେପରି ସୁବିଧାରେ ବିକ୍ରୟ କରିପାରିବେ, ସେଥିପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରାଯାଇଛି। ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ସାଟେଲାଇଟ୍ ଇମେଜର ବ୍ୟବହାର ସହାୟକ ହୋଇଛି। ଚାଷୀମାନଙ୍କୁ ବିଭିନ୍ନ ସୋସାଇଟି ସହିତ ସଂଯୁକ୍ତ କରାଯିବା, ଟୋକନ୍ ବ୍ୟବସ୍ଥା, ଧାନର ଗୁଣାତ୍ମକତା ଯାଞ୍ଚ, ମିଲରମାନଙ୍କ ଦ୍ୱାରା ଧାନ ଉଠାଯିବା, ଧାନ ବିକ୍ରିର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପ୍ରେରଣ, ମିଲର ମାନଙ୍କ ଠାରୁ ନିର୍ଦ୍ଧାରିତ ସମ ପରିମାଣର ଚାଉଳ ସଂଗ୍ରହ ଏବଂ ବ୍ୟବସ୍ଥାର ସୁପରିଚାଳନା ସଂପର୍କରେ ମୁଖ୍ୟ ଶାସନ ସଚିବ ବିସ୍ତୃତ ଅନୁଧାନ କରିବାକୁ ପରାମର୍ଶ ଦେଇଥିଲେ।

## ମହୋଦଧିରେ ପାପ ଧୋଇଲେ ମହାରାଜ କଂସ

**ପୁରୀ ୪।୧(ସଂଚାର ବ୍ୟୁରୋ):** ବରଗଡ଼ରେ ଚାଲିଥିବା ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଶେଷ କରି କଂସ ମହାରାଜ ଶ୍ରୀକ୍ଷେତ୍ର ଆସି ମହୋଦଧିରେ ପାପ ଧୋଇଛନ୍ତି। କଂସ ଭୂମିକାରେ ଅଭିନୟ କରିଥିବା ସୁଶିଲ ମେହେର ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଅଭିନୟରେ କଟୁ ବାକ୍ୟ ପ୍ରୟୋଗ କରିଥିବାରୁ ପୁରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି। ତେବେ କଂସ ମହାରାଜା ଗୋବର୍ଦ୍ଧନ ପୀଠରେ ପହଞ୍ଚିବା ପରେ ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ କରି କ୍ଷମା ପ୍ରାର୍ଥନା କରିଥିଲେ। ସେଠାରୁ ସିଧାସଳଖ ତୀର୍ଥ ରାଜ



ମହୋଦଧିକୁ ଯାଇ ସ୍ନାନ କରିବା ପରେ ପାପରୁ ମୋକ୍ଷ ପ୍ରାପ୍ତି ପାଇଁ ଶରଣାପନ୍ନ ହୋଇଛନ୍ତି ମହାପ୍ରଭୁଙ୍କ ପାଖରେ। କଂସ ବଦ୍ଧ ସହ ଶଷ ହୋଇଛି ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା। ପ୍ରଭୁ ଶ୍ରୀକୃଷ୍ଣଙ୍କ ପ୍ରତି ସମସ୍ତଙ୍କର ଭକ୍ତି ଏବଂ ଭଲପାଇବା ରହିବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ ଶଙ୍କରାଚାର୍ଯ୍ୟ। ପରେ ମହୋଦଧିରେ ସ୍ନାନ କରି ସୂର୍ଯ୍ୟପୂଜା କରିବା ପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରି ମହାପ୍ରଭୁଙ୍କ ଶରଣାପନ୍ନ ହୋଇଛନ୍ତି। ବିଶ୍ୱାସ ରହିଛି ତୀର୍ଥରାଜ ମହୋଦଧିରେ ସ୍ନାନ କଲେ ସବୁ ପାପରୁ ମୋକ୍ଷ ମିଳିଥାଏ।

**ପଥର ଖାଦାନରେ ବିସ୍ଫୋରଣ : ୪ ମୃତ**

## ପଦାକୁ ଆସୁନି ସତ, ଖିଅ ଖୋଜୁଛି ପୁଲିସ

**ଢେଙ୍କାନାଳ, ୪।୧(ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ ମୋଟଙ୍ଗା ଥାନା ଅନ୍ତର୍ଗତ ନିମିଧା ପଞ୍ଚାୟତର ଗୋପାଳପୁର ଗ୍ରାମ ନିକଟରେ ଏକ କଳା ମୁଗୁନି ପଥର ଖାଦାନରେ ବିସ୍ଫୋରଣ ଘଟି ୪ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତ ଶ୍ରମିକମାନେ ଦେବଗଡ ଅଞ୍ଚଳର ବୋଲି ଜଣାପଡ଼ିଛି। ମୋଟଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ତେବେ ଶ୍ରମିକଙ୍କ ମୃତଦେହ ଲୁଚାଇ ଦିଆଯାଇଛି କିମ୍ବା ଅନ୍ୟତ୍ର ନେଇ ଯାଇଥିବା ସନ୍ଦେହ କରାଯାଉଛି। ଓଡ଼ାପଡ଼ା ଅଞ୍ଚଳର ଖଣି ଖାଦାନରେ ଶ୍ରମିକମାନଙ୍କ ମୃତ୍ୟୁ ଘଟିଲେ ଖଣି ମାଲିକମାନେ ପୁଲିସ ଓ ପ୍ରାଶାସନିକ ଅଧିକାରୀଙ୍କୁ ହାତକରି ମାମଲା ରଫାଦଫା କରିଦେଉଥିବା ଅଭିଯୋଗ ହେଉଛି। ଖବରପାଇ ସାଂସଦ ରୁଦ୍ରନାରାୟଣ ପାଣି ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସହିତ ଯୋଗାଯୋଗ କରି ଉପଯୁକ୍ତ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ମୋଟଙ୍ଗା ଥାନା ଆଇଆଇସି ଦୀପକ କୁମାର ଲେଙ୍କାଙ୍କୁ ପଚାରିବାରୁ ଘଟଣାର ସତ୍ୟତା ଥିବା କହିଛନ୍ତି।



ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ପରିବହନ ବିଭାଗ ଦ୍ୱାରା 'ଆମ ବସ୍'ରେ ଯାଞ୍ଚ କଡ଼ାକଡ଼ି

## ଦୁର୍ଘଟଣାରେ ଚାଲିଗଲା କାକା-ପୁତୁରାର ଜୀବନ

**ସୁବର୍ଣ୍ଣପୁର,୪।୧(ସଂଚାର ବ୍ୟୁରୋ):** ଭଉଣୀର ବାହାଘର ପାଇଁ ନିମନ୍ତ୍ରଣ ପତ୍ର ଦେବାକୁ ଯାଇଥିବା ବେଳେ ସଡ଼କ ଦୁର୍ଘଟଣାରେ ଚାଲିଗଲା କାକା ଓ ପୁତୁରା(ଭଉଣୀର ଭାଇ)ଙ୍କ ଜୀବନ। ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ସାଲେଭଟା ଅଙ୍ଗନଦୀ ପୋଲଠାରେ ରବିବାର ଏହି ଦୁଃଖଦ ଘଟଣା ଘଟିଛି। ଏକ ଗାଜର ବୋଝେଇ ପିକଅପ ଧକ୍କାରେ ବାଇକରେ ଯାଉଥିବା କାକା ଓ ପୁତୁରାର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ପୁତୁରା ମୃତ୍ୟୁ ହୋଇଥିବା ବେଳେ କାକା ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର ସମୟରେ ବରଗଡ଼ ଠାରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତକ ବ୍ୟକ୍ତି ହେଲେ ବିନିକା ଥାନା ଅନ୍ତର୍ଗତ ଚରଦା ଗାଁର ପୁତୁରା ପାର୍ଥ ବାଗ ଓ କାକା ଭଜନ ବାଗ ବୋଲି ଜଣାପଡିଛି। ଗୁରୁତର ଭଜନକୁ ଡୁଙ୍ଗୁରିପାଲି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ଡ଼ାକ୍ତରଖାନାକୁ ନେଉଥିବା ସମୟରେ ବରଗଡ଼ ଠାରେ ମୃତ୍ୟୁ ହୋଇଛି। ଦୁର୍ଘଟଣା ଘଟାଇ ଥିବା ପିକଅପକୁ ଜବତ କରି ଘଟଣାର ତଦନ୍ତ କରୁଛି ଡୁଙ୍ଗୁରିପାଲି ପୁଲିସ।



**ସୀମା ଟପିଲା ଶିକାରୀଙ୍କ ବର୍ବରତା**

## ବୋମା ଖାଇ ବାରହା ମୃତ, ୩ ଗିରଫ

**ଭଞ୍ଜନଗର,୪।୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ସ୍ଥିତ ଘୁମୁସର ଉତ୍ତର ବନଖଣ୍ଡ ଅନ୍ତର୍ଗତ ବେଲଗୁଣ୍ଠା ରୋଡ କନ୍ଧସାହି ନିକଟରୁ ପୁଲିସ ରବିବାର ପ୍ରତ୍ୟୁଷରେ ୩ ଜଣ ବାରହା ଶିକାରୀଙ୍କୁ ଗିରଫ କରିଛି। ଏହାପରେ ବନ ବିଭାଗକୁ ହସ୍ତାନ୍ତର କରିଛି। ଏଥିସହ ମୃତ ବାରହାକୁ ମଧ ହସ୍ତାନ୍ତର କରାଯାଇଛି। ଏହାପରେ ବନ ବିଭାଗ ମୃତ ବାରହାର ବ୍ୟବଚ୍ଛେଦ କରିଛି। ଏନେଇ ବନ ବିଭାଗ ପକ୍ଷରୁ ଘଟଣାର ଅଧିକ ତଦନ୍ତ ଚାଲିଛି। ଘଟଣାରୁ ପ୍ରକାଶ ଯେ, କିଛି ଯୁବକ ଲୋହରାଖଣ୍ଡି ନଦୀରେ ବାରହା ଶିକାର ପାଇଁ ବୋମାରେ ମାଂସ ଗୁଣ୍ଡି ବୋଲି ନଦୀରେ ବିଛାଇଥିଲେ। ଗୋଟିଏ ବାରହା ଉକ୍ତ ବୋମାକୁ ମାଂସ ଗୁଳା ଭାବି ଖାଇବା ପରେ ବୋମାଟି ଫୁଟି ଯାଇଥିଲା। ଫଳରେ ବାରହାର ମୁହଁ ଫାଟି ଯିବା ସହ ସେଠାରେ ହିଁ ମୃତ୍ୟୁବରଣ କରିଥିଲା। ଏହାପରେ ଅଭିଯୁକ୍ତମାନେ ବାରହା ମାଂସକୁ କାଟିବା ପାଇଁ ପ୍ରସ୍ତୁତ ହେଉଥିଲେ। ପୁଲିସ ଘଟଣା ସ୍ଥଳରେ ଚଢ଼ାଉ କରିଥିଲା।

## ପାରାଦୀପରେ ଚାଲିଛି ସେକ୍ସ ରାକେଟ
## ଚଢ଼ାଉ କରିବା ଲାଗି ଦାବି

**ପାରାଦୀପ, ୪।୧(ସଂଚାର ବ୍ୟୁରୋ) :** ପାରାଦୀପରେ ଚାଲିଛି ସେକ୍ସ ରାକେଟ୍। ରାଜ୍ୟ ବାହାରୁ ଭାୟା ଭୁବନେଶ୍ୱର ହୋଇ ଦେହଜୀବୀମାନେ ପାରାଦୀପକୁ ଆସୁଛନ୍ତି। ଦଲାଲଙ୍କ ଜରିଆରେ ପାରାଦୀପର ବିଭିନ୍ନ ହୋଟେଲ ଯାଉଛନ୍ତି। ପୁଲିସ ପକ୍ଷରୁ ବ୍ୟାପକ ଚଢ଼ଉ ହେଉନଥିବାରୁ ଦେହ ବ୍ୟବସାୟ ହୋଟେଲ, ସ୍ପା ଓ ପାର୍ଲରରେ ବୃଦ୍ଧି ପାଉଛି। ଏଭଳି ଏକ ଖବର ଶନିବାର ପାରାଦୀପରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି।

ଖବର ଅନୁସାରେ, ଶନିବାର ଭୋରରୁ ଭୁବନେଶ୍ୱରରୁ ଏକ ଟ୍ରାଭେଲ୍ ଗାଡ଼ି ପାରାଦୀପ ଆଦର୍ଶ ଥାନା ଛକରେ ପହଞ୍ଚି ଥିଲା। ସେହି ଗାଡିରୁ ଦୁଇଜଣ ଯୁବତୀ ବାହାରି ଚା' ଓ ସିଗାରେଟ ପିଇଥିଲେ। କିଛି ସମୟ ପରେ ସେହି ଗାଡ଼ି ଏକ ହୋଟେଲରେ ପାର୍କିଂ କରିଥିଲା। କିଛି ସ୍ଥାନୀୟ ବୁଦ୍ଧିଜୀବୀ ସେମାନଙ୍କ ଅଙ୍ଗଭଙ୍ଗି, ଠାଣି, ଚାଲିଚଲଣକୁ କିଛି ବୁଦ୍ଧିଜୀବୀଙ୍କୁ ନାପସନ୍ଦ ଲାଗିବାରୁ ଏହାକୁ ଭିଡିଓ କରି ଛାଡ଼ିଛନ୍ତି। କିଛି ବୁଦ୍ଧିଜୀବୀ କହିଛନ୍ତି ଯେ, ଖୁଲମଖୁଲା ମଦ ବେପାର ଚାଲୁଥିବା ବେଳେ ବିୟୁଟି ପାର୍ଲର, ସ୍ପାରେ ଦେହ ବ୍ୟବସାୟ ଚାଲୁଛି। ଏଥିପ୍ରତି କାହାର ନଜର ନଥିବା କହିଛନ୍ତି। ଏସମ୍ପର୍କରେ ପୂର୍ବତନ କଲେଜ ଅଧକ୍ଷ ଡ. ସୁରେନ୍ଦ୍ର ମୋହନ ମିଶ୍ର କହିଛନ୍ତି ଏହା ଅର୍ଥ ଉପାର୍ଜନ ଓ କ୍ଷମତା କ୍ରୟକୁ ସହଜରେ ଉପଲବ୍ଧି କରିବାର ମାଧମ। ଏହାସମସ୍ତେ ଜାଣି ମଧ ନିରବ ରହୁଛନ୍ତି ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏସମ୍ପର୍କରେ ଅଧିକ ଜାଣିବା ପାଇଁ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ମୃତିରଞ୍ଜନ କରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦିଆଯିବା ସହ ପାଟ୍ରୋଲିଂକୁ କଡାକଡି କରାଯିବ ବୋଲି ଶ୍ରୀ କର କହିଛନ୍ତି।

**● ପୀତାବାସ ପଣ୍ଡା ହତ୍ୟା ମାମଲା**

## ୩୦ ହଜାର ପୃଷ୍ଠାର ଚାର୍ଜସିଟ୍ ଦାଖଲ



**ବ୍ରହ୍ମପୁର,୪।୧(ସଂଚାର ବ୍ୟୁରୋ) :** ପୀତାବାସ ପଣ୍ଡା ହତ୍ୟା ମାମଲାରେ ୩୦ ହଜାର ପୃଷ୍ଠାର ଚାର୍ଜସିଟ୍ ଦାଖଲ। ପୁଲିସ ଆଜି କୋର୍ଟରେ ଦାଖଲ କରିଥିଲା ଚାର୍ଜସିଟ୍। ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତାବାସ ପଣ୍ଡାଙ୍କ ହତ୍ୟା ମାମଲାରେ ଅନେକ ତଥ୍ୟ ରହିଛି। ଚାର୍ଜସିଟରେ ବାଲିଷ୍ଟିକ୍ ରିପୋର୍ଟ ଏବଂ ଫୋରେନସିକ ତଥ୍ୟ ରହିଛି। ଏହାସହ ଅଭିଯୁକ୍ତଙ୍କ ମଧ୍ୟରେ ହୋଇଥିବା କଥାବାର୍ତ୍ତାର କଲ୍ ଡିଟେଲ୍ସ ଏବଂ ସିସିଟିଭି ଫୁଟେଜ୍, ହତ୍ୟା ପାଇଁ ଦିଆଯାଇଥିବା ସୁପାରି ଟଙ୍କାର କାରବାରର ହିସାବ ଏବଂ ବହୁ ସଂଖ୍ୟକ ସାକ୍ଷୀଙ୍କ ପ୍ରତ୍ୟକ୍ଷଦର୍ଶୀ ବିବରଣୀ ଚାର୍ଜସିଟ୍ ରେ ରହିଛି। ୨୦୨୫ ଅକ୍ଟୋବର ୬ ତାରିଖ ରାତିରେ, ପୀତାବାସ ପଣ୍ଡା ବ୍ରହ୍ମପୁର ବ୍ରହ୍ମା ନଗରସ୍ଥିତ ନିଜ ଘରକୁ ଫେରୁଥିବା ସମୟରେ ଦୁଇଜଣ ବାଇକ୍ ଚାଳକ ତାଙ୍କୁ ଅତି ନିକଟରୁ ଗୁଳି କରିଥିଲେ। ତାଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲେ ମଧ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଏହି ମାମଲାରେ ପୋଲିସ ୧୬ ଜଣଙ୍କୁ ଗିରଫ କରିଛି। ଯେଉଁଥିରେ ଅନେକ ପ୍ରଭାବଶାଳୀ ବ୍ୟକ୍ତି ସାମିଲ ଅଛନ୍ତି। ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ମେୟର ଶିବଶଙ୍କର ଦାସ ଏବଂ କର୍ପୋରେଟର ମଳୟ ବିଷୋୟୀଙ୍କୁ ଷଡ଼ଯନ୍ତ୍ର କରିବା ଅଭିଯୋଗରେ ଗିରଫ କରାଯାଇଛି। ହତ୍ୟା ପଛରେ କାରଣ ଥିଲା ରାଜନୈତିକ ବିବାଦ ଓ ପୂର୍ବ ଶତ୍ରୁତା।

## ୪୦ ଲକ୍ଷ ଟଙ୍କାର ରୁପା ଓ ସୁନା ଅଳଙ୍କାର ଜବତ: ଦୁଇ ଗିରଫ

ଗଜପତି, ୪।୧ (ସଂଚାର ବ୍ୟୁରୋ): ପାରଳାଖେମୁଣ୍ଡି ପୁଲିସକୁ ମିଳିଛି ବଡ଼ ସଫଳତା। ବଡ଼ ଧରଣର ୪ ଚୋରି ମାମଲାର ଖୁଲାସା କରିଛି ପୁଲିସ। ୪୦ ଲକ୍ଷ ଟଙ୍କାର ରୁପା ଓ ସୁନା ଅଳଙ୍କାର ଜବତ ହୋଇଛି। ଚୋରି ହୋଇଥିବା ବିଦେଶୀ ମୁଦ୍ରା ମଧ ଜବତ କରାଯାଇଛି। ଏହି ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପାରଳାଖେମୁଣ୍ଡି ଥାନା ଅଞ୍ଚଳରେ ତିନୋଟି ମାମଲା ଏବଂ ଗୁରାଣ୍ଡି ଥାନା ଅଞ୍ଚଳର ଗୋଟିଏ ମାମଲାର ଖୁଲାସା କରିବା ସହ ୧୦ ତୋଳା ଓଜନର ସୁନା ଅଳଙ୍କାର, ୯ କିଲୋଗ୍ରାମର ରୁପା ଅଳଙ୍କାର, ଦୁଇଟି ମୋବାଇଲ ଫୋନ୍ , ଦୁଇଟି ବାଇକ ସହ ତାଲା ଭାଙ୍ଗିବା ପାଇଁ ବ୍ୟବହାର ଲୁହାଛଡ଼ ମଧ ଜବତ କରିଛି ପୁଲିସ। ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି ପାରଳାଖେମୁଣ୍ଡିର ଦୁର୍ଗା ପ୍ରସାଦ ବେଣିଆ ଓ ଦେବ ମଣ୍ଡଳ। ଅଭିଯୁକ୍ତ ଦୁର୍ଗା ଟାଟା ପାୱାରର ମିଟର ରିଡର ଭାବେ କାର୍ଯ୍ୟ କରୁଥିବା ବେଳେ ଘରକୁ ଘର ବୁଲି ବିଲ୍ ଦେବା ସମୟରେ କେଉଁ ଘର କେତେଦିନ ତାଲା ପଡ଼ିଛି କେଉଁ ଘରେ କେହି ରହୁ ନାହାନ୍ତି ତାକୁ ଦେଖି ଚୋରି ପାଇଁ ଯୋଜନା କରି ଘର ପଛପଟ ଝରକା ତାଡ଼ି ତାଲା ଭାଙ୍ଗି ଘରର ଦାମୀ ସାମଗ୍ରୀ ସବୁ ଚୋରି କରୁଥିଲା। ସେହି ସୁନା ସବୁ ବ୍ୟାଙ୍କରେ ବନ୍ଧକ ରଖି କିମ୍ବା କମ୍ ଦରରେ ସୁନା ଦୋକାନୀକୁ ବିକ୍ରି କରି ସେହି ଟଙ୍କାରେ ଅୟସ କରୁଥିଲା। ତେବେ ସାମ୍ବାଦିକଙ୍କ ଘରୁ ଚୋରି କଲା ପରେ ଚାପରେ ପୁଲିସ ଖୋଳତାଡ଼ କରୁ କରୁ ଅନେକ ମାମଲାର ଖୁଲାସା ହୋଇଛି। ପାରଳାଖେମୁଣ୍ଡି ଥାନା ଅଞ୍ଚଳରେ ତିନୋଟି ମାମଲା ଏବଂ ଗୁରାଣ୍ଡି ଥାନା ଅଞ୍ଚଳର ଗୋଟିଏ ମାମଲାର ଖୁଲାସା କରିବା ସହ ୧୦ ତୋଳା ଓଜନର ସୁନା ଅଳଙ୍କାର, ୯ କିଲୋଗ୍ରାମର ରୁପା ଅଳଙ୍କାର, ଦୁଇଟି ମୋବାଇଲ ଫୋନ୍ , ଦୁଇଟି ବାଇକ ସହ ତାଲା ଭାଙ୍ଗିବା ପାଇଁ ବ୍ୟବହାର ଲୁହାଛଡ଼ ମଧ ଜବତ କରିଛି ପୁଲିସ।

**ପୁତୁରାକୁ ହାଣି ହତ୍ୟାକଲା ଦାଦା**

## ଜମିବାଡ଼ି ବିବାଦରୁ ଲଙ୍କାକାଣ୍ଡ

**● ୨ ଗୁରୁତର କଟକ ମେଡିକାଲରେ ଭର୍ତ୍ତି**
**● ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ**

**କେନ୍ଦ୍ରାପଡ଼ା, ୪।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚକ୍ରୋଡ଼ା ଗ୍ରାମପାୟତର ନରିଲୋ ଗ୍ରାମରେ ପୁତୁରାକୁ ହାଣି ହତ୍ୟା କରିଛି ଦାଦା। ସେହିପରି ପୁତୁରାର ବାପା ଓ ମା' ତଥା ଅଭିଯୁକ୍ତର ଭାଇ ଓ ଭାଉଜକୁ ହାଣି ଗୁରୁତର କରିଛି ଅଭିଯୁକ୍ତ ରାଜକିଶୋର। ଯୁବକ ଉପେନ୍ଦ୍ର ଓରଫ ପିନୁ ଓଝାକୁ ହତ୍ୟା କରାଯାଇଛି। ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ସରୋଜକାନ୍ତ ଓଝା ଓ ତାଙ୍କ ପତ୍ନୀ ସଂଯୁକ୍ତା ଓଝା। ଥାନା ସୂତ୍ରରୁ ପ୍ରକାଶ ଯେ, ସରୋଜକାନ୍ତ ଓଝା ଓ ତାଙ୍କ ସାନଭାଇ ରାଜକିଶୋର ଓଝାଙ୍କ ମଧ୍ୟରେ ଦୀର୍ଘଦିନ ଧରି ଜମିବାଡି ବିବାଦ ଲାଗି ରହିଥିଲା। ସେହି ବିବାଦ ସମାଧାନ ହୋଇନଥିବା ବେଳେ ସରୋଜକାନ୍ତ ନୂତନ ଘର ନିର୍ମାଣ କରୁଥିଲେ। ଏହାକୁ ନେଇ ବିବାଦ ଅଧିକ ଉଗ୍ରରୂପ ନେଇଥିଲା। ଏହି ବିବାଦର ସମାଧାନ ପାଇଁ ଗ୍ରାମର କେତେକ ଭଦ୍ରଲୋକଙ୍କ ଉପସ୍ଥିତିରେ ଗ୍ରାମସ୍ଥିତ ଲକ୍ଷ୍ମୀନାରାୟଣ ମଣ୍ଡପରେ ଶନିବାର ରାତିରେ ଏକ ସଭା ବସିଥିଲା। ସେଠାରେ ଆଲୋଚନା ଚାଲିଥିବା ବେଳେ ସଭାର ନିଷ୍ପତ୍ତିକୁ ନ ମାନି ରାଜକିଶୋର ସଭାରୁ ଉଠି ପଳାଇଥିଲେ। ଏହାପରେ ରାଜକିଶୋର, ପୁଅ ଉମାକାନ୍ତ, ପତ୍ନୀ ପ୍ରଣତି ଓ ଝିଅ ତପିନା କଟୁରୀ, ଭୁଜାଲି, ଲୁହାରଡ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ସରୋଜଙ୍କ ନିର୍ମାଣାଧୀନ ଗୃହକୁ ଭାଙ୍ଗିବା ସହ ସେଠାରେ ଲାଗିଥିବା ସିସିଟିଭିକୁ ମଧ ଭାଙ୍ଗି ଦେଇଥିଲେ। ଏ ସଂକ୍ରାନ୍ତରେ ଖବର ପାଇ ସଭାରେ ଉପସ୍ଥିତ ସରୋଜ ଏବଂ ତାଙ୍କ ପତ୍ନୀ ସଂଯୁକ୍ତ ଓ ପୁଅ ଉପେନ୍ଦ୍ର ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ସେମାନଙ୍କୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ରାଜକିଶୋର ଓ ତାଙ୍କ ପରିବାର ଲୋକେ ଆକ୍ରମଣ କରିଥିଲେ। ଫଳରେ ଉପେନ୍ଦ୍ର, ସରୋଜ ଓ ସଂଯୁକ୍ତା ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ି ଯାଇଥିଲେ। ଚିତ୍କାର ଶୁଣି ଗାଁ ଲୋକ ଆସିଯିବାରୁ ଆସାମୀମାନେ ଘଟଣାସ୍ଥଳରୁ ପଳାଇଥିଲେ। ଗ୍ରାମବାସୀ ପୁଲିସ ଓ ଆମ୍ବୁଲାନ୍ସକୁ ଫୋନକରି ଡକାଇଥିଲେ। କଟକ ବଡ଼ ଡାକ୍ତରଖାନାରେ ଡାକ୍ତର ଉପେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇ ଜଣ ସରୋଜ ଓ ସଂଯୁକ୍ତା ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏ ସଂକ୍ରାନ୍ତରେ ମୃତ ଉପେନ୍ଦ୍ରଙ୍କ ପତ୍ନୀ ସୁଷମା ଓଝା କେନ୍ଦ୍ରାପଡା ସଦର ଥାନାରେ ଏତଲା ଦେଇଛନ୍ତି। ସେହି ଏତଲାକୁ ଭିତ୍ତିକରି ପୁଲିସ ମାମଲା ରୁଜୁ କରି ଆସାମୀ ଲିପୁନି ଓରଫ ଉମାକାନ୍ତ ଓଝା ଓ ପ୍ରଣତି ଓଝାଙ୍କୁ କୋର୍ଟଚାଲାଣ କରିଥିବା ବେଳେ ରାଜକିଶୋର ଓଝାଙ୍କୁ ପଚରାଉଚରା କରିଛି।



## ଡ୍ରେସ ପିନ୍ଧା ମ୍ୟାଡାମଙ୍କୁ ଶାଢି ଉପହାର

ସିଟି salad


ନିକଟରେ ଓଡିଶା ଗସ୍ତରେ ଆସିଥିବା ଜଣେ ବିଶିଷ୍ଟ ଅତିଥିଙ୍କ ପତ୍ନୀଙ୍କୁ ଶାଢୀ ଉପହାର ଦେବା ନେଇ ଚାଲିଥିବା ଚର୍ଚ୍ଚା ପୁରୀରୁ ଆସି ଭୁବନେଶ୍ୱରରେ ପହଞ୍ଚିଛି। ଅତିଥି ଜଣଙ୍କ ଓଡିଶା ଗସ୍ତରେ ଆସି ପ୍ରଥମେ ପୁରୀ ଯାଇଥିଲେ। ଏହି ମହାମାନ୍ୟ ଅତିଥିଙ୍କୁ ସନ୍ତୁଷ୍ଟ କରିବାପାଇଁ ସରକାରୀ ବାବୁମାନଙ୍କୁ କୁହାଯାଇଥିଲା। ନିର୍ଦ୍ଦେଶଥିଲା ଅତିଥିଙ୍କ ପତ୍ନୀ ଖୁସି ହେବା ଦରକାର। ତେଣୁ ତାଙ୍କୁ ଶାଢୀ ଉପହାର ଦେବାପାଇଁ ଯୋଜନା ହେଲା। କେଉଁ ପ୍ରକାରର ଶାଢୀ ଦିଆଯିବ ତାକୁ ନେଇ ମାନସମନ୍ଥନ ଚାଲିଲା। ଶେଷରେ



ନିଷ୍ପତ୍ତି ହେଲା ୪/୫ଟି ପାଟ ଆସିବ। ମହିଳାଙ୍କୁ ଦେଖିଲା ପରେ ସେଥିରୁ ଗୋଟିଏ ତାଙ୍କୁ ପ୍ରଦାନ କରାଯିବ। ଅତିଥି ଜଣଙ୍କ ସପତ୍ନିକ ଆସି ପହଞ୍ଚିବା ପରେ ଜଣାପଡିଲା ଯେ ମହିଳା ଜଣଙ୍କ ହେଉଛନ୍ତି ଡ୍ରେସ ପିନ୍ଧା। ତେଣୁ ତାଙ୍କୁ ଶାଢୀ ଦିଆଯିବ କି ନାହିଁ ତାକୁ ନେଇ କିଛି ବାବୁ ଆଲୋଚନା କଲେ। ଶେଷରେ ଖୁସି କରିବାପାଇଁ ତିନି ଖଣ୍ଡ ଶାଢୀ ବଢାଇ ଦେଲେ। ତିନି ତିନିଟ ଶାଢୀ ଦେଖି ମହିଳା ଜଣଙ୍କ ଖୁସିରେ ଗଦ ଗଦ ହୋଇ ସବୁତକ ବ୍ୟାଗରେ ପୂରାଇଲେ। ବାବୁମାନେ ଭାବିଥିଲେ ଯେହେତୁ ମହିଳା ଜଣଙ୍କ ଡ୍ରେସ ପିନ୍ଧୁଛନ୍ତି ତେଣୁ ଗୋଟିଏ ଭଲ ଶାଢୀ ନେଇ ଆଉ ଦୁଇଟି ଫେରାଇଦେବେ। ହେଲେ ଏଭଳି ଦାମୀ ଉପହାରକୁ ଛାଡିବା ମତଲବରେ ମହିଳା ଜଣଙ୍କ ନଥିଲେ। ବାବୁମାନେ ବି ନିରବ। ପ୍ରଶଂସା ଶୁଣି ଦାନ୍ତ ନେଫେଡେଇ ହସିଲେ। ଏବେ ତିନିଟି ଶାଢୀର ପଇସା କିଭଳି ଦିଆଯିବ ତାକୁ ନେଇ ଚିନ୍ତାରେ ପଡିଛନ୍ତି।

ରାଜଧାନୀରେ କ୍ୟାଣ୍ଟିନ ପ୍ରତିଯୋଗିତା

ରାଜ୍ୟ ରାଜଧାନୀର ସରକାରୀ ଦପ୍ତରରେ ଏବେ କ୍ୟାଣ୍ଟିନ ଖୋଲିବାପାଇଁ ପ୍ରତିଯୋଗିତା ଚାଲିଛି। ଗତ ସପ୍ତାହରେ ଆମେ ଲେଖିଥିଲୁ ଖାରବେଳ ଭବନରେ ବାବୁମାନେ କିଭଳି ରେଳବାଇ ଖାଦ୍ୟର ମଜା ନେବେ। ସେଠାରେ ଆଇଆରସିଟିସି




ସହାୟତାରେ ଅତ୍ୟାଧୁନିକ କ୍ୟାଣ୍ଟିନଟିଏ ଖୋଲିବାପରେ ବାବୁମାନେ ଖୁସି। ଏହି କ୍ୟାଣ୍ଟିନ ଖୋଲିବାର ସପ୍ତାହକ ଭିତରେ ଓଡିଶା ରାଜ୍ୟ ପରିବହନ ନିଗମ ଦପ୍ତରରେ ଗୋଟିଏ ଆଧୁନିକ କ୍ୟାଣ୍ଟିନ ଖୋଲିଛି। ଦୁଇଟି ଯାକ କ୍ୟାଣ୍ଟିନ ଉଦଘାଟନୀ ଉତ୍ସବରେ ପରିବହନ ସଚିବ ଉପସ୍ଥିତ ରହିଛନ୍ତି। ପ୍ରଥମ କ୍ୟାଣ୍ଟିନଟି ଖାରବେଳ ଭବନରେ ହୋଇଥିବାରୁ ତାହା ଭିତରକୁ ସାଧାରଣ ଲୋକେ ଯିବା ସମ୍ଭବପର ନୁହେଁ। ହେଲେ ପରିବହନ ନିଗମ ଦପ୍ତରକୁ କ୍ୟାଣ୍ଟିନକୁ ସାଧାରଣ ଲୋକେ ଯାଇପାରିବେ। ଗୋଟିଏ ପଟେ ରେଳଗାଡି ଖାଦ୍ୟର ଟେଷ୍ଟ ସହିତ ଆଉ ଗୋଟିଏ ପଟେ ବସ୍ ର ଟେଷ୍ଟ ମିଳିବ ବୋଲି କର୍ମଚାରୀମାନେ ଆଲୋଚନା କରୁଛନ୍ତି। ତେବେ ଦୁଇଟି କ୍ୟାଣ୍ଟିନ ଭିତରୁ କିଏ ଭଲ ଖାଦ୍ୟ ପରିବେଷଣ କରି ଚର୍ଚ୍ଚାରେ ରହୁଛି ତାହା ଉପରେ ପରିବହନ ବିଭାଗର ବାବୁମାନେ ନଜର ରଖିଥିବାବେଳେ ଏହାପରେ ଆଉ କେଉଁ କେଉଁ ସରକାରୀ ଦପ୍ତରରେ କ୍ୟାଣ୍ଟିନ ଖୋଲିବ ତାହାକୁ ନେଇ ରାଜଧାନୀରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

## ରିଲ୍ସ ଉପରେ ନଜର



ରାଜ୍ୟ ସଚିବାଳୟରେ କର୍ମଚାରୀମାନଙ୍କ ରିଲ୍ସକୁ ନେଇ ଏବେ ପ୍ରଶାସନିକ ମହଲରେ ଚର୍ଚ୍ଚା ଜୋର ଧରିଛି। ନୂଆବର୍ଷରେ ସଜେଇ ହୋଇ ଦପ୍ତରକୁ ଆସିଥିବା କିଛି କର୍ମଚାରୀ ରଙ୍ଗିନ ଫୁଲର ପରିବେଶ ଦେଖି ସେଠାରେ ରିଲ୍ସ କରିବାକୁ ମନ କରିଥିଲେ। ହାତ ଧରାଧରି ହୋଇ ରିଲ୍ସ କଲେ। କଥା ହୋଇଥିଲା ତାହାକୁ କେହି ସୋସିଆଲ ମିଡିଆରେ ଯେଭଳି ନଛାଡନ୍ତି। ତେବେ ଯେତେବେଳେ ନିଜ ଦପ୍ତରରେ ରିଲ୍ସ କରିଛନ୍ତି ତାହାକୁ ବା ରଖନ୍ତେ କିଭଳି। ତେଣୁ ସୋସିଆଲ ମିଡିଆରେ ଛାଡିଦେଲେ। ଏଣେ ରିଲ୍ସର କିଛି ସୁନ୍ଦର ଦୃଶ୍ୟ ମଧ ଗଣମାଧମ ପ୍ରତିନିଧିଙ୍କ ନଜରରେ ପଡିଲା। ତେଣୁ ଖବର କାଙ୍ଗାଳମାନେ ତୁରନ୍ତ ଏହାକୁ ଖବର କରିଦେଲେ। ଆଉ କିଛି ମନ୍ତ୍ରୀଙ୍କ ନିକଟକୁ ପ୍ରତିକ୍ରିୟା ନେବାକୁ ଧାଇଁଲେ। ଏଭଳି ଖବର ପାଇ ଆଇନ୍ ମନ୍ତ୍ରୀ ରାଗିପାଚି ଲାଲ ହୋଇଗଲେ। କହିଲେ ରିଲ୍ସ କଲେ ଦଣ୍ଡ ମିଳିବ। ତେବେ ଏହାରି ଭିତରେ କିଛି ସାମ୍ବାଦିକ ଖାରବେଳଭବନ ଯାଇଥିବାବେଳେ ସେଠାରେ ଜଣେ ମହିଳା କର୍ମଚାରୀ ସୋମନଙ୍କ ଉପରେ କୁଆଡେ ରିଲ୍ସ ରାଗ ଶୁଝାଇଥିବା ଜଣାଯାଇଛି। ତେବେ ରିଲ୍ସ ଘଟଣାକୁ ଆଉ ଆଗକୁ ନବଢାଇବା ପାଇଁ କର୍ମଚାରୀ ନେତାମାନେ ସାମ୍ବାଦିକଙ୍କୁ ଅନୁରୋଧ କରିଥିବାବେଳେ ସାମ୍ବାଦିକମାନେ ବି ନେତାଙ୍କ ମୁହଁକୁ ଚାହିଁ ରିଲ୍ସଗୁଡିକୁ ନିଜ ମୋବାଇଲରୁ ବାହାରକୁ ନଛାଡିବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ପୁଲିସ୍ ଗାଡ଼ିରେ ହାଟ ସଉଦା




ପୁଲିସ୍ ଗାଡିରେ ହାଟ ସଉଦା ହେଉଛି। ଯେଉଁ ଗାଡି ରାଜଧାନୀରେ ଚୋର ତସ୍କରମାନଙ୍କୁ ଗୋଡାଇ ଧରିବାକଥା ସେହି ଗାଡି ରାଜି ପାହିଲେ ହାଟକୁ ଯାଇ ପନିପରିବା ଓ ମାଛ ମାଂସ ବୋହୁଛି। ତେବେ ଏହି ଗାଡିଗୁଡିକ ଚାରି ଚକିଆ ନୁହେଁ। ସୁବ ତକ ଦୁଇ ଚକିଆ। ଜଣାଯାଇଛି ଯେ ରାଜଧାନୀର ଆଇନ୍‌ଶୃଙ୍ଖଳା ରୋକିବାପାଇଁ କମିଶନରେଟ ପୁଲିସ୍ କିଛି ୨ଚକିଆ ଯାନ କିଣିଥିଲା। ଆଉ କିଛି ଉପହାର ଆକାରରେ ପାଇଥିଲା। ଗାଡି ପାଇଲା ପରେ ଖାକିବାବୁମାନେ ବୀରଦର୍ପରେ ଗାଡିରେ ବସି ଫଟୋ ଉଠାଇଥିଲେ। ବିଟ୍ ପେଟ୍ରୋଲିଂ କରି ରାଜଧାନୀରୁ ଅପରାଧ ଦମନ କରିବେ ବୋଲି କହିଥିଲେ। ହେଲେ ଅପରାଧ ତ କମିଲା ନାହିଁ, କିନ୍ତୁ ଗାଡିଗୁଡିକ କିଛିଦିନ ପରେ ଅଚଳ ହେବାକୁ ଲାଗିଲା। ସଜାଡିବାକୁ କେହି ପଇସା ଦେଲେନାହିଁ। ତେଣୁ କିଛି ଖାକିବାବୁ ଅଚଳ ଗାଡିକୁ ନିଜ ନିଜ ଭିତରେ ବାଣ୍ଟିକୁଣ୍ଟି ନେଇଗଲେ। ସଜଡା ସଜଡିକରି ହାଟ ବଜାର କଲେ। ସରକାରୀ ଖାତରେ ଗାଡି ଗୁଡିକ କୁଆଡେ ଖତ ହୋଇଯାଇଥିବା ଦର୍ଶାଯାଇଛି। ସରକାର କା ମାଲ୍ ଦରିଆ ମେ ଡାଲ୍ ନୀତିରେ ଗାଡି ପାଇଥିବା ବାବୁମାନେ ବେଶ୍ ଖୁସିରେ ଏବେ ସେଥିରେ ହାଟ ବଜାର କରୁଛନ୍ତି। ଚୋରମାନେ ଏହି ଗାଡିକୁ ଚିହ୍ନିଥିବାରୁ ତାକୁ ଆଦୌ ନେବେନାହିଁ ବୋଲି କୁହାଯାଉଛି। ଏବେ ପ୍ରଦୂଷଣ ସାର୍ଟିଫିକେଟକୁ ନେଇ ହୋହଲ୍ଲା ପରେ ଏଭଳି ଘଟଣା ପଦାକୁ ଆସିବାରେ ଲାଗିଛି।

## ଆନ୍ଦୋଳନକାରୀଙ୍କୁ ଇସ୍ପାତ ବାଡ଼

ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ କରୁଥିବା ନେତାଙ୍କ ପ୍ରମୁଖ ସ୍ଥଳ ଏବେ ପାଲଟିଛି ରାଜଭବନ ଛକ। ଏଠାରୁ କିଏ ଟାଟା ପାୱାର ଅଫିସ ଆଡକୁ ମାଡି ଯାଉଛି ତ ଆଉ କିଏ ଶକ୍ତି ମନ୍ତ୍ରୀଙ୍କ ଘର ଆଡକୁ। ଅଧିକାଂଶଙ୍କ ଗତି କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡକୁ। ଏମାନଙ୍କୁ ରୋକିବାପାଇଁ ପୁଲିସ୍ ନାକେଦମ ହେଉଛି। କେତେବେଳେ ଦଉଡି ଟାଣୁଛି ତ ଆଉ କେତେବେଳେ ତାର ବନ୍ଧା ବାଉଁଶ ବାଡ ପକାଉଛି। କିଛିଦିନ ତଳେ ଜଣେ ପୁଲିସ୍ ବାବୁ ଅତିଷ୍ଠ ହୋଇ ଆନ୍ଦୋଳନକାରୀଙ୍କ ଗୋଡି ଭାଙ୍ଗିଦେବାକୁ କହିଥିଲେ। ହେଲେ ଏଣକି ଆଉ ଦଉଡି କିମ୍ବା ବାଉଁଶ ବାଡ ନୁହେଁ, ପୁଲିସ୍ ପୂରା ଇସ୍ପାତ ବାଡ ପକାଇବ। ଏଥିପାଇଁ ରାଭବନ ଓ ଏଜିଛକ ଦୁଇପଟରେ ଜୋରଦାର କାମ ଚାଲିଛି। ରାସ୍ତାର ଦୁଇ ପଟେ ଚକ ଲଗା ସୁଉଚ୍ଚ ଇସ୍ପାତ ଖୁଣ୍ଟି ନିର୍ମାଣ ଶେଷ ପର୍ଯ୍ୟାୟରେ। ହେତେବେଳେ ଆନ୍ଦୋଳନକାରୀ ମାଡି ଆସିବେ ସେତେବେଳେ ପୁଲିସ୍ ଏହି ଚକଲଗା ଯାନ୍ତ୍ରିକ ଇସ୍ପାତ ବାଡକୁ ଦୁଇପଟୁ ସୁଇଚ୍ ଚିପି ବନ୍ଦ କରିଦେବ। ଫଳରେ ଏହାକୁ ପାର ହେବା ତ ଦୂରରକଥା, ହଲାଇବାପାଇଁ ଟୋକା ନେତାଙ୍କର ବଳ ପାଇବ ନାହିଁ। ଏଭଳି ବୁଦ୍ଧି ସଂକ୍ରାନ୍ତରେ ଆମେ ଜଣେ ପୁଲିସ୍ ବାବୁଙ୍କୁ ପଚାରିବାକୁ ସିଏ କହିଲେ, ବିଜେଡି ସରକାର ଅମଳରେ ଯେଉଁ ଖାକିବାବୁ ଏଭଳି ଲୁହାବାଡ ତିଆରି କରି ଚର୍ଚ୍ଚାରେ ଥିଲେ ତାଙ୍କରି ମଗଜରୁ କୁଆଡେ ଏ ଇସ୍ପାତିଆ ବୁଦ୍ଧି ବାହାରିଛି। ତେବେ ଏହି ରାସ୍ତାର ଦୁଇପଟେ ଥିବା ମନ୍ତ୍ରୀମାନଙ୍କ ସଂକ୍ରାନ୍ତରେ ପଚାରିବାକୁ ଖାକି ବାବୁ ଜଣଙ୍କ ମୁହଁ ବୁଲାଇ ଚାଲିଯାଇଥିଲେ।



ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ







ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୫,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୪,୫୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୫,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୪,୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୫,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୪,୫୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୫,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୪,୬୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୬,୫୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୫,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୫,୮୨୦ ଓ ୧,୨୪,୫୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି।




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

ଫୋର୍ବସ ୪୦ ତାଲିକା ପ୍ରକାଶ

# ୪ ଭାରତ ବଂଶୋଦ୍ଭବ ବିଲେନିୟର

## କେବଳ ନିଖିଲ କାମଥ ଏକାକୀ ଇଣ୍ଡିଆନ

ନୂଆଦିଲ୍ଲୀ ୪।୧: ବିଶ୍ୱର ସବୁଠୁ ବଡ଼ ଓ ଚର୍ଚ୍ଚିତ ଯୁବ ବିଲେନିୟରଙ୍କ ସୂଚୀରେ ବଂଶୋଦଭବ ଭାରତୀୟମାନେ ପୁଣି ନିଜର ପରିଚୟ ସୃଷ୍ଟି କରିଛନ୍ତି। ଫୋର୍ବସର ନୂଆ ୪୦ ଅଣ୍ଡର ଫୋର୍ଟି ସେଲଫମେଡ ବିଲେନିୟରଙ୍କ ତାଲିକାରେ ୪୦ ବର୍ଷରୁ କମ୍ ବୟଷ୍କ ସେହି ଲୋକଙ୍କୁ ସାମିଲ କରାଯାଇଛି ଯେଉଁମାନେ ସ୍ୱଳ୍ପ ବୟସରେ ଅକୁତ ସମ୍ପତ୍ତିର ମାଲିକ ହୋଇପାରିଛନ୍ତି। ଚଳିତବର୍ଷ ଏହି ସୂଚୀରେ ଭାରତୀୟ ମୂଳର ୪ ଉଦ୍ୟମୀଙ୍କୁ ସ୍ଥାନ ମିଳିଛି, ଯେଉଁମାନଙ୍କର ମୋଟ ସମ୍ପତ୍ତି ୧୧ ବିଲିୟନ ଡଲାରରୁ ମଧ୍ୟ ଅଧିକ। ତେବେ ଖାସ କଥା ଯାହା ତାହା ହେଉଛି ଏମାନଙ୍କ ମଧ୍ୟରୁ ଭାରତରେ ରହି କାରବାର କରୁଥିବା ଏକମାତ୍ର ଉଦ୍ୟମୀ ନିଖିଲ କାମଥ ମଧ୍ୟ ଅଛନ୍ତି।




ଭାରତୀୟ ଉଦ୍ୟମୀଙ୍କ ମଧ୍ୟରେ ନ୍ୟୁୟର୍କରେ ରହୁଥିବା ୩୫ ବର୍ଷ ବୟଷ୍କ ଅଙ୍କୁର ଜୈନ ୧୯ତମ ସ୍ଥାନ ହାସଲ କରିଛନ୍ତି। ତାଙ୍କର ମୋଟ ସମ୍ପତ୍ତିର ପରିମାଣ ୩.୪ ବିଲିୟନ ଡଲାର ଆକଳନ କରାଯାଇଛି। ଅଙ୍କୁର ଜୈନ ବିଲ୍ଟ ରିୱାର୍ଡସର ସିଇଓ ଏବଂ ସଂସ୍ଥାପକ ମଧ୍ୟ। ବିଲ୍ଟ ରିୱାର୍ଡ ଭଡାରେ ରହୁଥିବା ଲୋକଙ୍କୁ ପୁରସ୍କୃତ କରିବାରେ ଏକ ଅନନ୍ୟ ପ୍ଲାଟଫର୍ମ। ନିବେଶକଙ୍କ ଅନୁସାରେ ବିଲ୍ଟର ମୂଲ୍ୟାୟନ ୧୦.୮ ବିଲିୟନ ଡଲାରକୁ ପହଞ୍ଚି ଯାଇଛି। ୱାର୍ଟନ ସ୍କୁଲରେ ପଢ଼ିଥିବା ଅଙ୍କୁରଙ୍କୁ ଆମେରିକୀୟ ଟେକ୍ ଇକୋ ସିଷ୍ଟମର ଜଣେ ପ୍ରଭାବଶାଳୀ ଯୁବ ଫାଉଣ୍ଡର ରୂପେ ଗଣନା କରାଯାଏ।

ଏହି ତାଲିକାର ୨୦ତମ ସ୍ଥାନରେ ଭାରତର ୩୯ ବର୍ଷ ବୟଷ୍କ ନିଖିଲ କାମଥ ଅଛନ୍ତି। ନିଖିଲଙ୍କ ମୋଟ ନେଟୱର୍ଥ ୩.୩ ବିଲିୟନ ଡଲାରରୁ ବି ଅଧିକ। ନିଖିଲ ବେଙ୍ଗାଲୁରସ୍ଥିତ ଡିସ୍କାଉଣ୍ଟ ବ୍ରୋକରେଜ ଫାର୍ମ ଜିରୋଧାର ସହ ସଂସ୍ଥାପକ ଏବଂ ସିଏଫଓ ଅଛନ୍ତି। ସେ ୨୦୧୦ ମସିହାରେ ତାଙ୍କ ଭାଇ ନିଖିଲ କାମଥଙ୍କ ସହିତ ଜିରୋଧା ଆରମ୍ଭ କରିଥିଲେ। ଏହା ଆଜି ଭାରତର ସବୁଠୁ ବଡ଼ ବ୍ରୋକରେଜ କମ୍ପାନୀ ମଧ୍ୟରେ ଅନ୍ୟତମ। ଫୋର୍ବସ ମୁତାବକ ଜିରୋଧାର ମୂଲ୍ୟ ପାଖାପାଖି ୮ ବିଲିୟନ ଡଲାର।

ତାଲିକାର ୨୭ତମ ସ୍ଥାନରେ ମିଳିତ ସ୍ଥାନିତ ହୋଇଥିବା ୨୨ ବର୍ଷ ବୟଷ୍କ ଆଦର୍ଶ ହୀରେମଥ ଓ ସୂର୍ଯ୍ୟ ମିଧା ବିଶ୍ୱର ସବୁଠୁ ଯୁବ ବିଲେନିୟର। ଏହି ଦୁଇଜଣ ମର୍କୋର ନାମକ ଏଆଇ ରିକ୍ରୁଇଟମେଣ୍ଟ ଷ୍ଟାର୍ଟଅପର ସହ ସଂସ୍ଥାପକ। ଏହି ଷ୍ଟାର୍ଟଅପର ଆରମ୍ଭ ୨୦୨୩ରେ ହୋଇଥିଲା। ମର୍କୋର ସିଲିକନ ଭ୍ୟାଲିର ବଡ଼ ବଡ଼ ଏଆଇ ଲ୍ୟାବସ୍‌କୁ ନିଜର ମଡେଲ ଟ୍ରେନ କରିବାରେ ସହାୟତା କରିଥାଏ। ଉଭୟଙ୍କ ମୋଟ ନେଟୱର୍ଥ ପାଖାପାଖି ୧,୮୨୬ କୋଟି ଟଙ୍କା ଆକଳନ କରାଯାଇଛି।




ନୂଆ ବର୍ଷରେ ଏଲଆଇସିର ବଡ଼ ଘୋଷଣା

# ଲାପ୍ସ ହୋଇଥିବା ପଲିସିରେ କମ୍ପାନୀ ଦେଉଛି ୩% ରିହାତି

ନୂଆଦିଲ୍ଲୀ ୪।୧: ଯଦି ଆପଣ ଏଲଆଇସିର ଗ୍ରାହକ ଓ ଆପଣ କୌଣସି ପ୍ରକାରର ପଲିସି କିଣି ରଖିଛନ୍ତି ତେବେ ଏହି ଖବର ଆପଣଙ୍କ ଲାଗି। ପ୍ରିମିୟମ ପୈଠ କରି ନ ପାରିବା କାରଣରୁ ଅନେକବାର ପଲିସି ଲାପସ୍ ହୋଇଯାଏ। ଏଥିରେ ଯଦି ଆପଣଙ୍କର କୌଣସି ପଲିସି ଲାପସ୍ କରିଯାଇଛି ତେବେ ଏହି ଖବର ଆପଣଙ୍କୁ ଖୁସି କରିଦେବ। ଦେଶର ସବୁଠୁ ବଡ଼ ଜୀବନ ବୀମା କମ୍ପାନୀ ଏଲଆଇସି ୧ ଜାନୁୟାରୀ ୨୦୨୬ରୁ ୨ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ୨ ମାସର ସ୍ପେଶାଲ ଡ୍ରାଇଭ ଆରମ୍ଭ କରିଛି।

ଏଲଆଇସି ଦ୍ୱାରା ଆରମ୍ଭ କରାଯାଇଥିବା ଅଭିଯାନର ଉଦ୍ଦେଶ୍ୟ ସେହି ପଲିସି ହୋଲ୍ଡରଙ୍କୁ ସହାୟତା କରିବା ଯେଉଁମାନଙ୍କ ପଲିସି କୌଣସି କାରଣରୁ ଲାପସ୍ ହୋଇଯାଇଛି। କ୍ୟାମ୍ପେନରେ ସବୁ ନନ ଲିଙ୍କଡ ପଲିସି ଉପରେ ୩୦% ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ଏହା ଅଧିକତମ ୫ ହଜାର ଟଙ୍କା ପର୍ଯ୍ୟନ୍ତ ହୋଇ ପାରେ। ଖାସ କଥା ହେଉଛି ମାଇକ୍ରୋ ଇନସ୍ୟୁରାନ୍ସ ପଲିସି ଉପରେ ଲେଟ ଫି ଛାଡ କରାଯିବ। ଏହା ଦ୍ୱାରା ସ୍ୱଳ୍ପ ଆୟକାରୀ ଲୋକଙ୍କ କଭର ସହଜରେ ହୋଇ ପାରିବ।

ଏଲଆଇସି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଏପରି ପଲିସି ଯାହା ପ୍ରିମିୟମ ପୈଠ କରିବା କାଳରେ ଲାପସ୍ ହୋଇଛି ଓ ପଲିସିର ଟର୍ମ ସମାପ୍ତ ହୋଇନି ସେଗୁଡିକୁ ଏହି ଡ୍ରାଇଭରେ ଦ୍ୱିତୀୟବାର ଚାଲୁ କରିହେବ। ତେବେ ରିଭାଇଭଲ ନିମନ୍ତେ ମେଡିକାଲ ଓ ହେଲଥ୍ ଚେକଅପ ପୂର୍ବ ପରି ରହିବ। ଏଲଆଇସି ପକ୍ଷରୁ କୁହା ଯାଇଛି ଯେ ପାଲିସି ଚାଲୁ ରଖିବା ଅତ୍ୟନ୍ତ ଜରୁରି। ପଲିସି ଜାରି ଥିଲେ ଆବଶ୍ୟକତା ପଡିଲେ ଇନସ୍ୟୁରାନ୍ସ ର ଲାଭ ମିଳି ପାରିବ। ତେବେ ଆସନ୍ତୁ ଜାଣିବା ପଲିସି କଣ୍ଟିନ୍ୟୁ କିପରି ହେବ?

ଏଥିରେ ଫାଷ୍ଟ ଅନପେଡ ପ୍ରିମିୟନ ତାରିଖ ୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଯଦି ଏହି ସମୟ ମଧ୍ୟରେ ଆପଣଙ୍କ ପଲିସି ଲାପସ୍ କରିଛି ତେବେ ଜରୁରି କାଗଜପତ୍ର ପ୍ରସ୍ତୁତ କରନ୍ତୁ। ଏଥିରେ ପଲିସିର ଡକ୍ୟୁମେଣ୍ଟ ନମ୍ବର, ରିଭାଇଭଲ ଆପ୍ଲିକେସନ ଫର୍ମ, ହେଲଥ୍ ଡିକ୍ଲାରେସନ, ଜରୁରି ହେଲେ ମେଡିକାଲ ରିପୋର୍ଟ, ଏହାଛଡା କେୱାଇସି ଡକ୍ୟୁମେଣ୍ଟର ମଧ୍ୟ ଆବଶ୍ୟକତା ପଡିବ। ଏବେ ବକେୟା ପ୍ରିମିୟମର ସୁଧ ଓ ଲେଟ ଫିର କାଲକୁଲେସନ ହେବ। ଏଥିରେ ଆପଣଙ୍କୁ ୩୦% ବା ଅଧିକତମ ୫ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ମିଳିବ। ପଲିସି ବାବଦ ଦେୟ ଆପଣ ଏଜେଣ୍ଟ, ଏଲଆଇସି ବ୍ରାଞ୍ଚ ଓ ଅନଲାଇନ ପୋର୍ଟାଲରେ ଦାଖଲ କରିପାରିବେ।



# ଭେନେଜୁଏଲା ତେଲ ଉପରେ ଆମେରିକାର ନିୟନ୍ତ୍ରଣ

## ଭାରତକୁ ମିଳିବ ଅଟକି ରହିଥିବା ୧ ବିଲିୟନ ଡଲାର

ନୂଆଦିଲ୍ଲୀ,୪।୧: ଭେନେଜୁଏଲାର ତେଲ କ୍ଷେତ୍ରକୁ ଆମେରିକା ନିଜ ନିୟନ୍ତ୍ରଣକୁ ନେବା ପରେ ଏହା ଭାରତ ପାଇଁ ଏକ ବଡ଼ ସୁବିଧା ଆଣିପାରେ। ବିଶ୍ଳେଷକ ଓ ଶିଳ୍ପ ବିଶେଷଜ୍ଞଙ୍କ ମତରେ, ଏହାଦ୍ୱାରା ଭାରତର ପାଖାପାଖି ୧ ବିଲିୟନ ଡଲାର (ପ୍ରାୟ ୮୩୦୦ କୋଟି ଟଙ୍କା) ମୂଲ୍ୟର ଅଟକି ରହିଥିବା ପାଉଣା ମିଳିବା ସମ୍ଭାବନା ସୃଷ୍ଟି ହୋଇଛି। ଏଥିସହ, ନିଷେଧାଦେଶ ଯୋଗୁଁ ପ୍ରଭାବିତ ଥିବା ତୈଳ ଉତ୍ପାଦନରେ ମଧ୍ୟ ବୃଦ୍ଧି ଘଟିବ। ଭାରତର ଅଗ୍ରଣୀ ବିଦେଶୀ ଉତ୍ପାଦନକାରୀ ସଂସ୍ଥା ଓଏନ୍‌ଜିସି ଭିଦେଶ ଲିମିଟେଡ୍ (ଓଭିଏଲ) ର ଭେନେଜୁଏଲାର ସାନ୍ କ୍ରିଷ୍ଟୋବାଲ୍ ତୈଳ କ୍ଷେତ୍ରରେ ୪୦% ଅଂଶଧନ ରହିଛି। ଭେନେଜୁଏଲା ସରକାର ଓଭିଏଲକୁ ଏପର୍ଯ୍ୟନ୍ତ ପ୍ରାୟ ୫୩୬ ମିଲିୟନ ଡଲାରର ଲାଭାଂଶ ଏବଂ ପରବର୍ତ୍ତୀ ସମୟର ପ୍ରାୟ ସମାନ ପରିମାଣର ବକେୟା ଦେବାରେ ବିଫଳ ହୋଇଛନ୍ତି। ଆମେରିକା ନିୟନ୍ତ୍ରଣକୁ ଆସିବା ପରେ ଏହି ୧ ବିଲିୟନ ଡଲାରର ପାଉଣା ଫେରସ୍ତ ମିଳିବାର ସମ୍ଭାବନା ରହିଛି।


ନିଷେଧାଦେଶ ହଟିବା ପରେ ଓଭିଏଲ ଗୁଜୁରାଟରେ ଥିବା ନିଜର ମୂଳ ସଂସ୍ଥା ଓଏନଜିସିରୁ ରିଗ୍ ଏବଂ ଅନ୍ୟାନ୍ୟ ଯନ୍ତ୍ରପାତି ସାନ୍ କ୍ରିଷ୍ଟୋବାଲ୍‌କୁ ସ୍ଥାନାନ୍ତର କରିପାରିବ। ବର୍ତ୍ତମାନ ଦିନକୁ ୫,୦୦୦ରୁ ୧୦,୦୦୦ ବ୍ୟାରେଲ୍ ଉତ୍ପାଦନ ହେଉଥିବା ଏହି କ୍ଷେତ୍ର ଅଧିକ ଉପକରଣ ସହାୟତାରେ ୮୦,୦୦୦ରୁ ୧,୦୦,୦୦୦ ବ୍ୟାରେଲ୍ ଉତ୍ପାଦନ କରିବାର କ୍ଷମତା ରଖେ। ଭାରତ ପୂର୍ବରୁ ଭେନେଜୁଏଲାରୁ ପ୍ରତିଦିନ ୪,୦୦,୦୦୦ ବ୍ୟାରେଲ୍‌ରୁ ଅଧିକ କଞ୍ଚାତେଲ ଆମଦାନୀ କରୁଥିଲା। ନିଷେଧାଦେଶ କୋହଳ ହେଲେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ନୟାରା ଏନର୍ଜି, ଆଇଓସି ଭଳି ପ୍ରମୁଖ ଭାରତୀୟ ରିଫାଇନାରୀଗୁଡ଼ିକ ପୁଣିଥରେ ଏଠାରୁ ତୈଳ ଆମଦାନୀ କରିପାରିବେ, କାରଣ ଏହି ରିଫାଇନାରୀଗୁଡ଼ିକ ଏହି ପ୍ରକାରର ଭାରୀ କଞ୍ଚାତେଲ ପ୍ରକ୍ରିୟାକରଣ ପାଇଁ ଉପଯୁକ୍ତ।

ପକପଲର୍‌ର ବରିଷ୍ଠ ଗବେଷକ ନିଖିଲ ଦୁବେଙ୍କ ଅନୁଯାୟୀ, ନିଷେଧାଦେଶ ହଟିଲେ ଭେନେଜୁଏଲା ତୈଳ ଭାରତକୁ ରୁଷୀୟ ତୈଳ ଉପରେ ନିର୍ଭରଶୀଳତା କମାଇବାରେ ଏବଂ ଯୋଗାଣ ସ୍ଥିରତା ବଜାୟ ରଖିବାରେ ସାହାଯ୍ୟ କରିବ।

ଆମେରିକାର ଏହି ପଦକ୍ଷେପ ଭେନେଜୁଏଲା ତେଲ କ୍ଷେତ୍ରରେ ଚାଇନାର ପ୍ରଭାବକୁ ମଧ୍ୟ କମ କରିବ। ବିଶ୍ଳେଷକଙ୍କ ମତରେ, ଆମେରିକା ଭେନେଜୁଏଲାର ତୈଳକୁ ନିଜ ନିୟନ୍ତ୍ରଣରେ ରଖିଲେ ଓପିଇସି ଉତ୍ପାଦକମାନଙ୍କ ଉପରେ ଏହାର ନିର୍ଭରଶୀଳତା କମିବ। ଟ୍ରମ୍ପ ପ୍ରଶାସନ ବଡ଼ ଆମେରିକୀୟ ତୈଳ କମ୍ପାନୀଗୁଡ଼ିକୁ ଭେନେଜୁଏଲା ଫେରାଇ ଆଣିବାକୁ ଯୋଜନା କରିଛନ୍ତି। ଭେନେଜୁଏଲାରୁ ତୈଳ ପ୍ରବାହ ପୁନଃ ଆରମ୍ଭ ହେଲେ ବିଶ୍ୱ ବଜାରରେ ତୈଳ ଦର ସ୍ଥିର ହେବାର ସମ୍ଭାବନା ରହିଛି।

# ଆମେରିକାର ଆକ୍ରମଣ ପରେ ପୁଣି ବଢ଼ିଯିବ ସୁନା ଦର!

ନୂଆଦିଲ୍ଲୀ,୪।୧: ଦେଶରେ ସୁନା ମୂଲ୍ୟ ବୃଦ୍ଧି ନେଇ ଲୋକମାନେ ପୂର୍ବରୁ ଚିନ୍ତିତ ଅଛନ୍ତି। ଏହା ବ୍ୟତୀତ, ଆମେରିକା ଆକ୍ରମଣ ପରେ ଭେନେଜୁଏଲାରେ ସୃଷ୍ଟି ହେଉଥିବା ପରିସ୍ଥିତି ଭବିଷ୍ୟତରେ ସୁନା ଏବଂ ରୂପା ମୂଲ୍ୟକୁ ପ୍ରଭାବିତ କରିବ ବୋଲି ଆଶା କରାଯାଉଛି। ଜାନୁଆରୀ ୩ରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଥିଲେ ଯେ ଭେନେଜୁଏଲା ଏବେ ଆମେରିକାର ଦଖଲ ଅଧୀନରେ ଅଛି ଏବଂ ପରିସ୍ଥିତିରେ ଉନ୍ନତି ନହେବା ପର୍ଯ୍ୟନ୍ତ ଆମେରିକା ଦ୍ୱାରା ଶାସିତ ହେବ। ଏହି ସମୟ ମଧ୍ୟରେ, ଆମେରିକୀୟ ସୈନ୍ୟମାନେ ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ପତ୍ନୀଙ୍କୁ ମଧ୍ୟ ଅଟକ ରଖିଥିଲେ।




ଏହି ସମୟରେ, ଭେନେଜୁଏଲାର କିଛି ପ୍ରମୁଖ ସହଯୋଗୀ, ଯେପରିକି ରୁଷ, କ୍ୟୁବା ଏବଂ ଇରାନ, ଆମେରିକାର ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି, ଏହାକୁ ସେମାନଙ୍କର ସାର୍ବଭୌମତ୍ୱର ଉଲ୍ଲଂଘନ ବୋଲି କହିଛନ୍ତି। ଭୂରାଜନୈତିକ ଉତ୍ତେଜନା ବୃଦ୍ଧି ପାଇବା ସହିତ, ସୁନା ମୂଲ୍ୟ ପୁଣି ଥରେ ଆଲୋଚନାର ବିଷୟ ପାଲଟିଛି। ସୁନା 2026 ରେ ଏକ ସକାରାତ୍ମକ ନୋଟରେ ଆରମ୍ଭ ହୋଇଥିଲା, ବର୍ତ୍ତମାନ ପ୍ରତି ଆଉନ୍ସ ପ୍ରାୟ ୪,୩୭୦ ଡଲାରରେ କାରବାର ହେଉଛି, ଯାହା ୧% ରୁ ଅଧିକ ବୃଦ୍ଧି ପାଇଛି। ଏହା ୧୯୭୯ ପରଠାରୁ ଏହାର ସର୍ବୋତ୍ତମ ବାର୍ଷିକ ପ୍ରଦର୍ଶନ। ଦୁର୍ବଳ ଡଲାର, ବଜାରରେ ଅଭାବ ଏବଂ ଶିଳ୍ପ ଚାହିଦା ବୃଦ୍ଧି ଯୋଗୁଁ ରୂପା ମଧ୍ୟ ୨% ରୁ ଅଧିକ ବୃଦ୍ଧି ପାଇ ପ୍ରାୟ 73 ଡଲାର ବିଲିୟନରେ ପହଞ୍ଚିଛି। ଏହି ସମୟରେ, ଆମେରିକା ଏବଂ ଭେନେଜୁଏଲା ମଧ୍ୟରେ ଭୂରାଜନୈତିକ ଉତ୍ତେଜନା ସୁରକ୍ଷିତ ନିବେଶ ଭାବରେ ସୁନା ଏବଂ ରୂପାର ଚାହିଦା ବୃଦ୍ଧି କରିପାରେ, ତେଣୁ ସୋମବାର, ଜାନୁଆରୀ ୫ ତାରିଖରେ ଭାରତ ଏବଂ ଅନ୍ତର୍ଜାତୀୟ ବଜାରରେ ସୁନା ମୂଲ୍ୟରେ କିଛି ପରିବର୍ତ୍ତନ ଆଶା କରାଯାଉଛି। ବ୍ରିକୱାର୍କର ମଡେଲ ବିକାଶ ଏବଂ ଗବେଷଣା ମୁଖ୍ୟ ରାଜୀବ ଶରଣ କହିଛନ୍ତି ଯେ ଚାଲିଥିବା ଭୂରାଜନୈତିକ ଉତ୍ତେଜନା, ଏବଂ ମୁଦ୍ରାସ୍ଫୀତି ଏବଂ ମୁଦ୍ରା ଦୁର୍ବଳତା ଭଳି ଅନ୍ୟାନ୍ୟ କାରଣ ଯୋଗୁଁ, ଆଗାମୀ ଦିନରେ ସୁନା 4,500 ଡଲାର-5,000 ଡଲାର ରେଞ୍ଜରେ ରହିବ। ସେହିପରି, ସମ୍ପତ୍ତି ନିର୍ଦ୍ଦେଶକ ଅନୁଜ ଗୁପ୍ତାଙ୍କ ଅନୁଯାୟୀ, ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ସ୍ୱଳ୍ପକାଳୀନ ସମୟରେ ସୁନା ମୂଲ୍ୟ, ମୂଳ ଧାତୁ, ଅଶୋଧିତ ତେଲ ଏବଂ ଶକ୍ତି ସାମଗ୍ରୀରେ ମଧ୍ୟ ତୀବ୍ର ବୃଦ୍ଧି ଆଣିପାରେ।

ଭାରତରେ, ଜାନୁଆରୀ 3 ତାରିଖ ଶନିବାର ଦିନ ୨୪ କ୍ୟାରେଟ ସୁନାର ମୂଲ୍ୟ ପ୍ରାୟ ୩୮ ପ୍ରତି ଗ୍ରାମ ହ୍ରାସ ପାଇ ୧୩, ୫୮୨ରେ ପହଞ୍ଚିଛି। ଏହି ସମୟରେ, ୨୨ କ୍ୟାରେଟ ସୁନାର ମୂଲ୍ୟ ୩୫ ପ୍ରତି ଗ୍ରାମ ହ୍ରାସ ପାଇ ୧୨,୪୫୦ରେ ପହଞ୍ଚିଛି। ସେହିପରି, ୧୮ କ୍ୟାରେଟ ସୁନାର ମୂଲ୍ୟ ପ୍ରତି ଗ୍ରାମ ୨୮ ହ୍ରାସ ପାଇ ୧୦,୧୮୭ରେ ପହଞ୍ଚିଛି।

## ସଡ଼କ ସୁରକ୍ଷା ମାସ ସଚେତନତା ପାଇଁ ଲୋକନୃତ୍ୟ ବୈଠକ ଓ ପଦଯାତ୍ରା କାର୍ଯ୍ୟକ୍ରମ



**ଫୁଲବାଣୀ,୪।୧।(ସଂଚାର ବ୍ୟୁରୋ):** ଅଦ୍ୟାବଧି ଆମ ଦେଶରେ ୨୦୨୩ ମସିହାରେ ୧, ୬୮, ୪୯୧ ଲୋକଙ୍କର ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ବେଳେ ଆମ ରାଜ୍ୟରେ ୫୪୬୭ ଲୋକଙ୍କର ମଧ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ସେହିପରି କନ୍ଧମାଳ ଜିଲ୍ଲାର ତଥ୍ୟ ଅନୁସାରେ ୨୦୨୪ ମସିହା ଜାନୁଆରି ଠାରୁ ଡିସେମ୍ବର ମଧରେ ୧୭୭ ଟି ସଡକ ଦୁର୍ଘଟଣା ଘଟିଥିବା ବେଳେ ସେଥିରେ ମୋଟ ୧୦୩ ଜଣଙ୍କ ର ମୃତ୍ୟୁ ଘଟିଥିଲା। ସେଥିନିମନ୍ତେ ଏହି ଦୁର୍ଘଟଣାର ପରିମାଣ ବା ସଂଖ୍ୟାକୁ କମାଇବା ପାଇଁ ଓଡିଶା ସରକାରଙ୍କ ପରିବହନ ବିଭାଗର ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ଜାନୁଆରୀ ୦୧ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ସଡକ ସୁରକ୍ଷା ମାସ ପାଳନ କରିବାକୁ ସ୍ଥିର କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆରମ୍ଭ କରାଯାଇଛି ଏବଂ ଏହା ମାସେଧରି ପାଳନ କରାଯିବ ବୋଲି ଜଣା ପଡ଼ିଛି। ଏହି ପରିପ୍ରେକ୍ଷି ରେ କନ୍ଧମାଳ ଜିଲ୍ଲାରେ ଫିରିଙ୍ଗିଆ ବ୍ଲକ୍ ର କେଳାପଡା, ବନ୍ଧଗଡ଼ ଠାରୁ ସୁଭାରମ୍ଭ କରାଯାଇଥିବା ଲୋକନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଜିଲ୍ଲା ର ସବୁ ବ୍ଲକ୍ ରେ ଅନୁଷ୍ଠିତ ହେବ ବୋଲୋ ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ ଙ୍କ ଠାରି ସୂଚନା ମିଳିଛି। ଏହାକୁ ଆଞ୍ଚଳିକ ପରିବହନ ପ୍ରାଧିକରଣ କନ୍ଧମାଳ ସହାୟତା ପ୍ରଦାନ କରିଥିବା ବେଳେ ସ୍ୱେଚ୍ଛାସେବି ଅନୁଷ୍ଠାନ ସ୍ୱାତୀ ମାଧମରେ ପରିଚାଳନା କରାଯାଉଛି। ଫୁଲବାଣୀ ଆଞ୍ଚଳିକ ପରିବହନ ଅଧିକାରଣି ମିଲି ସାହୁ ଙ୍କ ସହାୟତା ଏବଂ ସଂପାଦକ ଈଂ. ହରି ଶଙ୍କର ରାଉତଙ୍କ ତତ୍ୱାବଧାନ ରେ ବାଲୁଙ୍କେଶ୍ୱର ଦଣ୍ଡବୀଣାକାର କମିଟି କାଶିନିପଦର ର ବିଣାକାର କାଶ୍ୟପ ଖମାରି ଙ୍କ ନେତୃତ୍ୱ ରେ ବିଭିନ୍ନ ସଡକ ସୁରକ୍ଷା ବାର୍ତା ଯଥା- ଗୀତ, ନୃତ୍ୟ, ବିଭିନ୍ନ ଢଗ ଢମାଳି ମାଧମରେ ଦୁଇଚକିଆ ମୋଟର ଯାନର ଚାଳକ ଏବଂ ପଛରେ ବସିଥିବା ବ୍ୟକ୍ତି ହେଲମେଟ ବ୍ୟବହାର କରିବା, ଦୃତ ବେଗରେ ଗାଡି ନଚଲାଇବା, ଗାଡିଚାଳକ ପ୍ରତିଯୋଗିତା ନକରିବା, ଗାଡି ଚଲାଇଲା ବେଳେ ନିଶା ସେବନ ନକରିବା, ଗାଡି ଚାଳନା ବେଳେ ମୋବାଇଲ ଫୋନ୍ ବ୍ୟବହାର ନକରିବା, ୧୮ ବର୍ଷରୁ କମ୍ ବୟସର ପିଲାଙ୍କୁ କୌଣସି ପ୍ରକାର ଗାଡି ଚଲାଇବାକୁ ନଦେବା, ଚାରିଚକିଆ ମୋଟର ଯାନରେ ଯାତ୍ରା କଲାବେଳେ ଚାଳକ ଏବଂ ଯାତ୍ରୀମାନେ ସିଟ୍ ବେଲ୍ଟ ବ୍ୟବହାର କରିବା ଓ କୌଣସି ଗାଡିର କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ ନକରିବା କିମ୍ବା କ୍ଷମତାଠାରୁ ଅଧିକ ଓଜନ ର ଦ୍ରବ୍ୟ ନବାଆଣିବା ନକରିବା ଇତ୍ୟାଦି ବିଷୟରେ ଜନସାଧାରଣ ମାନଙ୍କୁ ବୁଝାଯାଉଛି।

## କୋରେଇର ପୂର୍ବତନ ବିଧାୟିକାଙ୍କ ଶ୍ରଦ୍ଧାଞ୍ଜଳି ସଭା



**ଯାଜପୁର ରୋଡ଼, ୪।୧(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଞ୍ଚଳ ସହରର ବ୍ୟାସଦେବ ଟାଉନ ହଲ ଠାରେ କୋରେଇର ପୂର୍ବତନ ବିଧାୟିକା ସ୍ୱର୍ଗତ ସଂଚିତା ମହାନ୍ତି'ଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭାର ଆୟୋଜନ କରାଯାଇଥିଲା। କୋରେଇ ବିଧାୟକ ଶ୍ରୀ ଆକାଶ ଦାସ ନାୟକ'ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ଡ଼ଃ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ସୁକିନ୍ଦାର ପୂର୍ବତନ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ, ବ୍ୟାସନଗର ପୌରଧକ୍ଷ୍ୟ ସୁବାସ ବଳ, ଜିଲ୍ଲା ବିଜେପି ମହିଳା ସଭାପତି ଦେବଯାନୀ ପ୍ରଧାନ, ଗୌତମ ରାୟ ପ୍ରମୁଖଙ୍କ ସମେତ ତାଙ୍କର ଅନେକ ଶୁଭେଚ୍ଛୁମାନେ ଉପସ୍ଥିତ ରହି ତାଙ୍କ ଅମର ଆତ୍ମାର ସଦଗଦି ନିମନ୍ତେ ପ୍ରାର୍ଥନା କରିବା ସହିତ ତାଙ୍କର ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ଏଥି ସହିତ ସ୍ୱର୍ଗତ ମହାନ୍ତିଙ୍କର କୋରେଇ ବାସିଙ୍କ ପ୍ରତି ରହିଥିବା ଭଲପାଇବା ଓ ତ୍ୟାଗ ସବୁଦିନ ଚିର ସ୍ମରଣୀୟ ହୋଇ ରହିବ ବୋଲି ବିଧାୟକ ଶ୍ରୀ ଦାସନାୟକ ନିଜ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଶହଶହ ଜନସାଧାରଣ ଓ ବିଜେପି କାର୍ଯ୍ୟକର୍ତା ମାନେ ସାମିଲ ହୋଇଥିଲେ।

## କୃଷକ କବି ଗଙ୍ଗାଧର ଦାସଙ୍କ ଜନ୍ମ ଜୟନ୍ତୀ ଅବସରରେ 'ନୀଳପ୍ରଭା ସାହିତ୍ୟ ପରିଷଦ'ର ବାର୍ଷିକ ଉତ୍ସବ



**ନୀଳଗିରି,୪।୧(ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ବରହମପୁର ପଞ୍ଚାୟତ ଅଁଳାପାଳ ଗ୍ରାମରେ ନୀଳପ୍ରଭା ସାହିତ୍ୟ ପରିଷଦର ପକ୍ଷରୁ ଆଜି ପୂର୍ବାହ୍ନ୧୧ଘଟିକା ସମୟ ରେ ୩୪ତମ ବାର୍ଷିକ ଉତ୍ସବ ଓ କବି ଗଙ୍ଗାଧର ଦାସଙ୍କ ୮୦ତମଜନ୍ମ ଜୟନ୍ତୀ ନୀଳପ୍ରଭା କାର୍ଯ୍ୟାଳୟ ପରିସରରେ ମହା ସମାରୋହରେ ପାଳିତ ହୋଇ ଯାଇଛି। ସକାଳ ୯ଘ.୩୦ମି. ସମୟରେ କବିତା ପାଠ କରାଯାଇଥିବା ବେଳେ୧୧ଘଟିକା ରେ ଆଲୋଚନା, ସମ୍ବର୍ଦ୍ଧନା ଓ ପତ୍ରିକା ଉନ୍ମୋଚନ କରାଯାଇଥିଲା। ଉକ୍ତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ବିଜୟ ଉପାଧ୍ୟାୟ ଯୋଗଦେଇ ଆନୁଷ୍ଠାନିକ ଭାବେ ଶୁଭ ଉଦ୍ଘାଟନ କରିଥିଲେ। ପରେ ତରତରୀ ବାଳିକା ବିଦ୍ୟା ନିକେତନ ର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ବକ୍ତା ଭାବେ କବି ରାଧାରଞ୍ଜନ ପଟ୍ଟନାୟକ, ସମ୍ମାନୀୟ ଅତିଥି ଭାବେ ସୃଷ୍ଟିଧର ପରିଡ଼ା, ବାବା ରୁଦ୍ର ଦେବାନନ୍ଦ ଗିରି, କବିସୁବାସିନୀ ଜୀ, ଅବସର ପ୍ରାପ୍ତ ପ୍ରାଧାପକରବିନାରାୟଣ ଚୌଧୁରୀ ଯୋଗ ଦେଇ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ମଞ୍ଚାସିନ ଥାଇ କବିତା ଆସର, ଗଳ୍ପ, ପଠନ କରିଥିଲେ। ଉକ୍ତ କାର୍ଯ୍ୟ କ୍ରମ ରେ ଅନୁଷ୍ଠାନ ର ଉପ ସଭାପତି ବିନୋଦ ବିହାରୀ ପଣ୍ଡା ଅଧକ୍ଷତା କରିଥିବା ବେଳେ କାର୍ଯ୍ୟକ୍ରମ ରେ ସମ୍ପାଦକ ଗଙ୍ଗାଧର ଦାସ କବିତା ପଠନ କରିଥିବା ବେଳେ ଡ. ପ୍ରଦୀପ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ରାଜ୍ୟ ସରକାରଙ୍କୁ ରାଜ୍ୟ ରାଜସ୍ୱ ଅମଲା ସଂଘର ସାଧୁବାଦ ଜଣାଇଲେ

**ସୁବର୍ଣ୍ଣପୁର,୪।୧(ସଂଚାର ବ୍ୟୁରୋ):** ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ଅମଲା ମାନଙ୍କର ପଦବୀ ପୁନର୍ଗଠନ ନିମନ୍ତେ ରାଜ୍ୟ ସରକାରଙ୍କ ପତ୍ର ସଂଖ୍ୟା ୮୮୯୮ ତାରିଖଃ- ୧୫-୦୩-୨୦୨ ୪ ପ୍ରକାରେ ବିଜ୍ଞପ୍ତି ପ୍ରକାଶ ପାଇବା ଦିନ ଠାରୁ ଦୀର୍ଘ ଦିନ ହେଲା ଅମଲାମାନଙ୍କ ପଦୋନ୍ନତି ସ୍ଥଗିତ ହୋଇ ରହିଥିଲା। ଯଦ୍ୱାରା କି ଅନେକ ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ଅମଲା ମାନଙ୍କର ପଦୋନ୍ନତି ସ୍ଥଗିତ ହୋଇ ରହିବା ଦ୍ୱାରା ଅନେକ ଅମଲା ବିନା ପଦୋନ୍ନତିରେ ଅବସର ମଧ ଗ୍ରହଣ କରିଥିଲେ। ଏହାଦ୍ୱାରା ଆର୍ଥିକ କ୍ଷତି ମଧ ଅମଲା ମାନଙ୍କୁ ସହିବାକୁ ପଡୁଥିଲା। ଓଡ଼ିଶା ରାଜସ୍ୱ ଅମଲା ସଂଘର ନେତୃବୃନ୍ଦ ଏହି ବିଷୟରେ ଅନେକ ଥର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ବିଷୟକୁ ରାଜ୍ୟ ସରକାର ଗୁରୁତ୍ୱର ସହିତ ବିଚାର କରି ଗତ ୦୨-୧୨-୨୦୨୫ ତାରିଖ ରେ ମାନ୍ୟବର ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ, ଶ୍ରୀଯୁକ୍ତ ସୁରେଶ ପୂଜାରୀଙ୍କ ଅଧକ୍ଷତା ରେ ଏକ ବୈଠକର ଆୟୋଜନ କରିଥିଲେ। ଏହି ବୈଠକ ରେ ଓଡ଼ିଶା ସରକାରଙ୍କ ଅତିରିକ୍ତ ଶାସନ ସଚିବ (ରାଜସ୍ୱ), ଦେଓରଞ୍ଜନ କୁମାର ସିଂ ଙ୍କ ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ପଦାଧିକାରିଙ୍କ ସହ ଓଡ଼ିଶା ରାଜସ୍ୱ ଅମଲା ସଂଘ ନେତୃବୃନ୍ଦ ଉପସ୍ଥିତ ରହି ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହି ବୈଠକ ରେ ବିଶେଷକରି ଜିଲ ସ୍ତରୀୟ କାର୍ଯ୍ୟରତ ଅମଲା ମାନଙ୍କର ପଦବୀ ପୁନର୍ଗଠନ, ଦରମାରେ ଥିବା ଅସଙ୍ଗତି ଏବଂ ବିଶେଷ କରି ୧୧-୦୮-୨୦୨୫ ତାରିଖ ଠାରୁ ୨୫-୦୮-୨୦୨୫ ତାରିଖ ମଧରେ ହୋଇଥିବା ଆନ୍ଦୋଳନ ସମୟର ବନ୍ଦ ହୋଇଥିବା ଦରମା ପ୍ରଦାନ କରିବା ସକାଶେ ଆଲୋଚନା ହୋଇଥିଲା।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧୀର ରଞ୍ଜନ ମିଶ୍ରଙ୍କର ପରଲୋକ

**ବଲାଙ୍ଗୀର,୪।୧।(ସଂଚାର ବ୍ୟୁରୋ):** ତୁଳସୀ ନଗର ନିବାସୀ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧୀର ରଞ୍ଜନ ମିଶ୍ର (୬୧)ଙ୍କର ପରଲୋକ ଘଟିଛି। କିଛି ଦିନ ଧରି ଅସୁସ୍ଥ ଥିବା ମିଶ୍ରଙ୍କର ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ଚାଲିଥିଲା। ଶୁକ୍ରବାର ତାଙ୍କ ଦେହ ଅଧିକ ଅସୁସ୍ଥ ହେବାରୁ ତାଙ୍କୁ ସେହି ଘରୋଇ ଡାକ୍ତରଖାନାରେ ଭର୍ତି କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ପରଲୋକ ସମୟରେ ପତ୍ନୀ ଜ୍ୟୋତ୍ସ୍ନା, ଦୁଇ ପୁଅ ପ୍ରତ୍ୟୁଷ ଓ ପ୍ରତୀକଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ବେକାରି ଦୂରକଲା ଗେଣ୍ଡୁଫୁଲ ଚାଷ

**୫ ବର୍ଷ ହେଲା ଫୁଲଚାଷରୁ ଚଳୁଛି ଘର**



**ଗଞ୍ଜାମ,୪।୧।(ସଂଚାର ବ୍ୟୁରୋ):** ଶୀତଋତୁକୁ ବିଶେଷକରି ଫୁଲ ମାନଙ୍କର ଋତୁ ବୋଲି କୁହାଯାଏ । କାରଣ ଏହି ଋତୁରେ ପ୍ରଚୁର ପରିମାଣର ଫୁଲ ମିଳିଥାଏ । ବିଶେଷକରି ଗେଣ୍ଡୁ, ଗୋଲାପ, ସେବତି, ସୂର୍ଯ୍ୟମୁଖୀ ଫୁଲର ଅଭାବ ନଥାଏ । ବର୍ତ୍ତମାନ ସମୟରେ ଚାକିରି ସମସ୍ୟା ଏକ ବଡ଼ ସମସ୍ୟା ହୋଇଥିବା ବେଳେ ଫୁଲଚାଷ କରି ରୋଜଗାର କରିବା ପାଇଁ ଯୁବପିଢ଼ି ବେଶ ପସନ୍ଦ କରୁଛନ୍ତି । ଉନ୍ନତ ପ୍ରଣାଳିରେ ଚାଷ କରି ଲାଭବାନ ହେଉଛନ୍ତି । ଗଞ୍ଜାମ ବ୍ଲକ ସାନରାମଚନ୍ଦ୍ର ପଞ୍ଚାୟତ ମିଞ୍ଜିଣିପାଟଣାର ଯୁବଚାଷୀ କେ. ଗଣେଶ ରେଡ୍ଡୀ ୫ ବର୍ଷ ହେଲା ଗେଣ୍ଡୁ ଚାଷ କରୁଛନ୍ତି । ଅନ୍ୟ ଚାଷ ଅପେକ୍ଷା ଏହି ଚାଷ ଭଲ ଲାଭ ଦେଉଥିବା ସେ କହିଛନ୍ତି । ଗଞ୍ଜାମ ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଜମିରେ ଫୁଲ ଚାଷ କରିଛନ୍ତି ଗଣେଶ । ଯାହା ରାସ୍ତାରେ ଯାଉଥିବା ବାଟୋଇଙ୍କୁ ଆକୃଷ୍ଟ କରୁଛି । କୋଲକାତାରୁ ଚାରା ଆଣି ଗଣେଶ ଗେଣ୍ଡୁଚାଷ ଆରମ୍ଭ କରିଥିଲେ । ଏହି ଚାଷରେ ପୋକ ଲାଗିବାର ଭୟ ନଥିବା ବେଳେ କମ୍ ପାଣିରେ ଗେଣ୍ଡୁଫୁଲ ଚାଷ ହୋଇପାରୁଛି। ବଜାର ଚାହିଦାକୁ ଦେଖି ଆଗାମୀ ଦିନରେ ଅଧିକ ଜମିରେ ଏହି ଚାଷ କରିବାକୁ ଲକ୍ଷ୍ୟ ରଖିଛନ୍ତି ଗଣେଶ। ଗଣେଶଙ୍କ ଜମିରୁ ବାହାରୁଥିବା ଗେଣ୍ଡୁଫୁଲ ବ୍ରହ୍ମପୁର, ଛତ୍ରପୁର, ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁକୁ ବିକ୍ରି ପାଇଁ ଯାଇଥାଏ । ବର୍ତ୍ତମାନ ଗେଣ୍ଡୁ ଫୁଲ କିଲୋ ପିଛା ବଜାର ଦର ୧୨୦ ରୁ ୧୪୦ ଟଙ୍କା ରହିଥିବା ବେଳେ ଗଣେଶ ଜମି ପାଖରେ ୧୦୦ ଟଙ୍କାରେ ବିକ୍ରି କରୁଛନ୍ତି। ବିଭିନ୍ନ ପର୍ବ ପର୍ବାଣୀ, ବାହାଘର ଓ ମନ୍ଦିର ପୂଜା ପାଇଁ ବର୍ଷକ ବାର ମାସ ଗେଣ୍ଡୁ ଫୁଲର ଚାହିଦା ରହିଛି । ମାର୍ଗଶିର ମାସରେ ଏହାର ଚାହିଦା ଟିକେ ଅଧିକା ରହିଥାଏ । ଗଣେଶଙ୍କ ପୁରା ପରିବାର ଏହି ଚାଷରେ ତାଙ୍କୁ ସହଯୋଗ କରନ୍ତି । ଫୁଲଚାଷରେ ପରିଶ୍ରମ କଲେ ଜଣାପଡ଼େ ନାହିଁ । କାରଣ ଫୁଲକ୍ଷେତର ପରିବେଶ ମନକୁ ଆନନ୍ଦ ଦେଇଥାଏ ।

## ସାଲେପୁରର ଯୁବକକୁ ବିଞ୍ଝାରପୁରରେ ପିଟି ପିଟି ହତ୍ୟା ଅଭିଯୋଗ ଘଟଣା

# ଜଣକୁ ଗିରଫ କରି ପୁଲିସ ଚୁପ୍



**ସାଲେପୁର,୪।୧।(ସଂଚାର ବ୍ୟୁରୋ):** ସାଲେପୁର ଥାନା ଅଞ୍ଚଳର ଯୁବକକୁ ବିଞ୍ଝାରପୁର ଥାନା ଅଞ୍ଚଳରେ ହତ୍ୟାକରିବା ଅଭିଯୋଗରେ ବିଞ୍ଝାରପୁର ପୁଲିସ ଖାଲି ଜଣେ ଅଭିଯୁକ୍ତକୁ ଗିରଫ କରି ଚୁପ ହୋଇ ବସିଥିବାରୁ ଅନ୍ୟ ଅଭିଯୁକ୍ତମାନେ ନିର୍ଭୟରେ ବୁଲିବା ସହ ହତ୍ୟା ଯୁବକଙ୍କ ପରିବାରକୁ ବିଭିନ୍ନ ପ୍ରକାର ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତ ଦେଉଳି ଗ୍ରାମର ମନୋଜ ଦାସଙ୍କ ପୁଅ ଅଶୋକ ଦାସକୁ ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ମଇଁଦା ଗ୍ରାମକୁ ନିଜ ଝିଅ ସହ ବିବାହ କରାଇଦେବାକୁ ଡାକିନେଇ ତାକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଥିବା ନେଇ ମୃତ ଯୁବକର ପିତା ମନୋଜ ଦାସ ବିଞ୍ଝାରପୁର ଥାନାରେ ଗତ ୧୫ଦିନ ତଳେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗକୁ ଗ୍ରହଣ କରି ଏକ ମାମଲା ରୁଜୁ କରିବା ସହ ଝିଅର ବାପା କଇନକୁ ଗିରଫ କରିଥିବାବେଳେ ଏହି ଘଟଣାକୁ ୧୫ଦିନରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିବାବେଳେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିନଥିବା ନେଇ ମୃତ ଯୁବକର ପିତା ଗଣମାଧମରେ ପ୍ରକାଶ କରିଛନ୍ତି। ପ୍ରକାଶ ଯେ ବିଞ୍ଝାରପୁର ଥାନା ଅଧିନ ମଇଁଦା ଗ୍ରାମର କଇନ ଦାସଙ୍କ ଝିଅ ସାଲେପୁର ଥାନା ଅଧିନ ଦେଉଳି ଗ୍ରାମର ଜନୈକ ଯୁବକକୁ ବିବାହ କରିଥିଲେ। କିଛି ଦିନ ପରେ ଅଶୋକ ସହ କଇନଙ୍କ ଝିଅ ମଧରେ ପ୍ରେମ ସମ୍ପର୍କରେ ସୃଷ୍ଟି ହେବାରୁ କଇନ ଝିଅର ଶାଶୁଘର ଏସବୁ ଜାଣିବାପରେ ବୋହୂକୁ ତା'ର ବାପଘର ବିଞ୍ଝାରପୁରକୁ ପଠାଇ ଦେଇଥିଲେ।

## କଟକ ଜିଲ୍ଲା ବିଜେପି ଉପସଭାପତି ଭାବେ ପ୍ରଫୁଲ୍ଲ ସ୍ୱାଇଁ ମନୋନୀତ



**ସାଲେପୁର,୪।୧।(ସଂଚାର ବ୍ୟୁରୋ):** ସାଲେପୁର ବିଜେପିର ଯୁବ ସଂଗଠକ ତଥା ବିଜେପିର ପୂର୍ବତନ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ପ୍ରଫୁଲ୍ଲ ସ୍ୱାଇଁ କଟକ ଜିଲ୍ଲା ଉପସଭାପତି ଭାବେ ମନୋନୀତ ହୋଇଥିବା ଜଣାଯାଇଛି। ତାଙ୍କୁ କଟକ ଜିଲ୍ଲା ଗ୍ରାମୀଣ ସଭାପତି ରାମନାରାୟଣ ମହାନ୍ତି ମନୋନୀତ କରିଛନ୍ତି। ଶ୍ରୀ ସ୍ୱାଇଁ ଦୀର୍ଘବର୍ଷ ଧରି ବିଜେପି ସଂଗଠନ ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ କାର୍ଯ୍ୟ କରି ଆସୁଛନ୍ତି। ସେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଏକାନ୍ତ ଅନୁଗତ ଭାବେ ସ୍ଥାନୀୟ ଅଞ୍ଚଳରେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କୁ ନୂତନ ଭାବେ କଟକ ଜିଲ୍ଲା ଗ୍ରାମୀଣ ବିଜେପି ଉପସଭାପତି ଭାବେ ମନୋନୀତ କରାଯାଇଥିବାରୁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ରାଷ୍ଟ୍ରୀୟ ଉପାଧକ୍ଷ ତଥା ସାଂସଦ ବୈଜୟନ୍ତ ବୈଜୟନ୍ତ ପଣ୍ଡା, ରାଜ୍ୟ ସଭାପତି ମନମୋହନ ସାମଲ ଓ କଟକ ଜିଲ୍ଲା ଗ୍ରାମୀଣ ସଭାପତି ରାମନାରାୟଣ ମହାନ୍ତିଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ ଆଗାମୀ ଦିନରେ କଟକ ଜିଲ୍ଲା ଓ ଟାଙ୍ଗୀ ସାଲେପୁର ନିର୍ବାଚନ ମଣ୍ଡଳୀରେ ବିଜେପି ସଂଗଠନକୁ ଅଧିକରୁ ଅଧିକ ସୁଦୃଢ଼ କରି ଲୋକମାନଙ୍କର ସେବା ପାଇଁ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି।

## କନ୍ଧମାଳ ମହୋତ୍ସବ, ରାଇକିଆରେ ମାସ୍କଟ ଓ ମଶାଲ ଶୋଭାଯାତ୍ରା



**ରାଇକିଆ,୪।୧(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ପ୍ରଶାସନ ତରଫରୁ ଆସନ୍ତା ୭ ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । କଳା ସଂସ୍କୃତିର ପ୍ରତୀକ କନ୍ଧମାଳ ମହୋତ୍ସବ ୨୦୨୬ ପାଇଁ ରବିବାର ରାଇକିଆରେ ପହଞ୍ଚିଛି ମାସ୍କଟ ଓ ମଶାଲ । ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳରେ ଏହାର ପ୍ରଚାର ଓ ପ୍ରସାର ଏବଂ ଗ୍ରାମାଞ୍ଚଳର ଲୋକଙ୍କୁ ଏଥିରେ ସାମିଲ୍ ପାଇଁ ପ୍ରତ୍ୟେକ ବ୍ଲକକୁ ମଶାଲ ପହଞ୍ଚିଛି । ଏହାକୁ ବ୍ଲକ୍ ପ୍ରଶାସନ ତରଫରୁ ଭବ୍ୟ ସ୍ୱାଗତ କରାଯିବ ସହ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । କାର୍ଯ୍ୟକ୍ରମରେ ବିଡ଼ିଓ ସବ୍ୟସାଚୀ ସାହୁ, ବ୍ଲକ ଅଧକ୍ଷା ରିନା ପ୍ରଧାନ, ତହସିଲଦାର ବରିୟାଲ ମୁର୍ମୁ, ଏମପି ପ୍ରତିନିଧି ସନ୍ତୋଷ ଲେଙ୍କା, ଭାଜପା ମଣ୍ଡଳ ସଭାପତି ସନ୍ତୋଷ ପାତ୍ର, ଗଜେନ୍ଦ୍ର ପ୍ରଧାନ, ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ, ଦଡିଙ୍ଗିଆ ସରପଞ୍ଚ ଅଶୋକ ପ୍ରଧାନ, ଡବ୍ଲୁଇଓ ଉର୍ମିଳା ପ୍ରଧାନ, ଓଏଲ୍ଏମ ବିପିଏମ୍ ଜୟଦେବ ପ୍ରଧାନଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ, କଲେଜ ଛାତ୍ର ଛାତ୍ରୀମାନେ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ ।

## ମେର୍ଦ୍ଦା ପ୍ରିମିୟର ଲିଗ୍ ସିଜିନ-୧୧ ଉଦ୍ଘାଟିତ



**ବୈଶିଙ୍ଗା,୪।୧(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ମେର୍ଦା ଠାରେ 'ଜୀଉ ଆଥଲେଟିକ କ୍ଲବ' ଆନୁକୂଲ୍ୟରେ ମେର୍ଦା ପ୍ରିମିୟର ଲିଗ ସିଜିନ -୧୧ର ଶୁଭାରମ୍ଭ ହୋଇଯାଇଛି। ଆୟୋଜକ ଜୀଉ ଆଥଲେଟିକ କ୍ଲବର ସଭାପତି ରାଜୀବ କୁମାର ଲେଙ୍କାଙ୍କ ଅଧକ୍ଷତାରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବେତନଟୀ ବନାଞ୍ଚଳ ଅଧିକାରୀ ଧ୍ରୁବେନ୍ଦ୍ରନାଥ ନାୟକ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ବନପାଳ ପ୍ରଶାନ୍ତ ସିଂସାମନ୍ତ, ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ର ଜୀବନ ଜୀବିକା ସଂଯୋଜକ ନିହାର ରଞ୍ଜନ ସାମଲ, ମେର୍ଦା ଲ୍ୟାମ୍ପ୍ସର ଏମଡି ହୃଦୟନାଥ ମହାନ୍ତ ପ୍ରମୁଖ ଯୋଗଦେଇ ଦୀର୍ଘ ଦଶବର୍ଷ ଧରି ଗ୍ରାମାଞ୍ଚଳରେ କ୍ରିକେଟକୁ ନେଇ ଏଭଳି ଆୟୋଜନ କରାଯାଇ ଆସୁଥିବାରୁ ଆୟୋଜକ କ୍ଲବର ସମସ୍ତ କାର୍ଯ୍ୟକର୍ତା ଓ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ। କ୍ଲବ ସଦସ୍ୟ ସୁନୀଲ ମହାନ୍ତିଙ୍କ ସଂଯୋଜନା ଓ ପରିଚାଳନାରେ ଉଦଘାଟନୀ ସମାରୋହର ଆୟୋଜନ କରାଯାଇଥିଲା। ପ୍ରଥମ ମ୍ୟାଚ ସୁପର ଶ୍ମାସର୍ ଏବଂ ଡେମନ ଫାଇଟ ମଧରେ ହୋଇଥିଲା। ସୁପର ଶ୍ମାସର ନିର୍ଧାରିତ ୧୨ ଓଭରରେ ୧୮୭ ରନ ସଂଗ୍ରହ କରିଥିଲା। ଜବାବ ରେ ଡେମନ ଫାଇଟ ୧୦. ୪ ଓଭର ରେ ୧୯୦ ରନ କରି ବିଜୟ ଲାଭ କରିଥିଲା। କାଳିଆ ପାତ୍ର ଏବଂ ମଳୟ ପାତ୍ର ମ୍ୟାଚ ପରିଚାଳନା କରିଥିଲେ।

## ବାଞ୍ଛିପାଲିରେ ସାବିତ୍ରୀ ବାଇ ଫୁଲେଙ୍କ ଜୟନ୍ତୀ ପାଳିତ

**ବଲାଙ୍ଗିର,୪।୧(ସଂଚାର ବ୍ୟୁରୋ):** ଲୋଇସିଂହା ବ୍ଲକ ଅନ୍ତର୍ଗତ, ଆମ୍ବେଦକର ନଗର ବାଞ୍ଛିପାଲି ଠାରେ ଶିକ୍ଷା ଜନନୀ କ୍ରାନ୍ତି ଜ୍ୟୋତି ମାତା ସାବିତ୍ରୀ ବାଇ ଫୁଲେଙ୍କ ୧୯୬ତମ ଜୟନ୍ତୀ ଏମ୍‌ବିଏମ୍‌ଏମ୍ ବଲାଙ୍ଗୀର ଉପସଭାପତି ସରୋଜ କୁମାର ମେଶ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଶ୍ରୀମତୀ ଭଗବତୀ କୁମ୍ଭାର(ବରିଷ୍ଠ ସାମାଜିକ କର୍ମୀ) ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଧିମାନ ସୁନୀଲ ନନ୍ଦ ସଭା ପରିଚାଳନା କରିଥିଲେ। ଜାନୁୟାରୀ ୧ ଶୌର୍ଯ୍ୟ ଦିବସ(ଭିମା କୋରେ ଗାଁଓ ୧୮୧୮) ଏବଂ ମାତା ସାବିତ୍ରୀ ବାଈ ଫୁଲେଙ୍କ ଜନ୍ମଦିନକୁ ଶିକ୍ଷକ ଦିବସ ଭାବରେ ସର୍ବଭାରତୀୟ ସ୍ତରରେ ପାଳନ କରାଯାଉଛି ବୋଲି, ସମସ୍ତ ବକ୍ତା ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ନବସେତୁ ମାସିକ ପତ୍ରିକାର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଚିତରଞ୍ଜନ ଗହିର, ସୁମନ୍ତ ମେହେର, ସୁନ୍ଦର କାଳସାଏ, ଦୌତାରୀ ନନ୍ଦ, ପ୍ରକାଶ ନନ୍ଦ, ଅଜିତ କୁମାର ନନ୍ଦ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଧିମାନ ଦୈତାରି ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନଜୀବୀ ଅରବିନ୍ଦ ଦାସ ଓରଫ ଗାନ୍ଧୀବାବୁଙ୍କ ପରଲୋକ

**ବାରିପଦା,୪।୧(ସଂଚାର ବ୍ୟୁରୋ):** ବାରିପଦା ର ଜଣେ ଜଣାଶୁଣା ପରିଚିତ ବ୍ୟକ୍ତି ଆଇନଜୀବୀ ଅରବିନ୍ଦ ଦାସ ଓରଫ ଗାନ୍ଧୀ ବାବୁଙ୍କ ଆଜି ଅପରାହ୍ନରେ ଅମ୍ବିକା ମନ୍ଦିର ସାହିରେ ଥିବା ନିଜ ବାସଭବନ ରେ ପରଲୋକ ଘଟିଅଛି। ସ୍ୱର୍ଗତ ଗାନ୍ଧୀବାବୁ ଜଣେ ଆଇନଜୀବୀ ସାଙ୍ଗକୁ ୨୦୦୫ -୨୦୦୯ ପର୍ଯ୍ୟନ୍ତ ମୟୂରଭଞ୍ଜ ଆଥଲେଟିକ ଏସୋସିଏସନ ର ସମ୍ପାଦକ ଥିଲେ। ଏଥି ସହିତ ବାରିପଦା ମହାବିଦ୍ୟାଳୟ ର ପ୍ରତିଷ୍ଠାତା ସଭାପତି ଏବଂ କଂଗ୍ରେସ ଦଳର ଏଆଇସିସି ସଦସ୍ୟ ଥିଲେ। ମୃତ୍ୟୁ ସମୟରେ ତାଙ୍କ ପରିବାରବର୍ଗ ତାଙ୍କ ପାଖରେ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବାରିପଦା ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନ କୁ ଯାଇ ତାଙ୍କ ଶେଷ ଦର୍ଶନ କରିଛନ୍ତି। ଆସନ୍ତା କାଲି ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ।

● କବିସୂର୍ଯ୍ୟ ସ୍ମୃତି କମିଟି ପକ୍ଷରୁ ନିଷ୍ପତ୍ତି,

## ଶ୍ରୀପଞ୍ଚମୀରେ ପାଳନ ହେବ ମହୋତ୍ସବ

**ଦିଗପହଣ୍ଡି,୪।୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ଏନଏସି ସମ୍ମିଳନୀ କକ୍ଷରେ ରବିବାର ମଧାହ୍ନ ରେ ଦିଗପହଣ୍ଡି ସ୍ଥିତ କବିସୂର୍ଯ୍ୟ ସ୍ମୃତି ପରିଷଦ ପକ୍ଷରୁ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ତଥା ଆଇନଜୀବି ଅଶେଷ ନାଥ ମିଶ୍ର ସଭାରେ ଅଧକ୍ଷତା କରିଥିଲେ । ଆସନ୍ତା ୨୩ ତାରିଖ ମାଘ ମାସ ଶୁକ୍ଳପକ୍ଷ ଶ୍ରୀ ପଞ୍ଚମୀ ତିଥିରେ ସ୍ମୃତି ପରିଷଦ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ଦିଗପହଣ୍ଡି ବଜାର ଗାନ୍ଧୀ ଛକ ଠାରେ କବିସୂର୍ଯ୍ୟଙ୍କ ଜୟନ୍ତୀ ମହୋତ୍ସବ କରାଯିବା ନିମନ୍ତେ ସଭାରେ ସର୍ବସମ୍ମତ ନିଷ୍ପତ୍ତି ଗୃହୀତ କରାଯାଇଥିଲା । ଦିଗପହଣ୍ଡି ବ୍ଲକ ଖମାରି ଗାଁ ପଞ୍ଚାୟତର କବିସୂର୍ଯ୍ୟଙ୍କ ଜନ୍ମପୀଠ ବିଜୟନଗରଗଡ଼ ଗ୍ରାମରୁ କବିସୂର୍ଯ୍ୟଙ୍କ ଜ୍ୟୋତି ବିଭିନ୍ନ ଗ୍ରାମାଞ୍ଚଳ ଓ ଦିଗପହଣ୍ଡି ସହର ପରିକ୍ରମା କରିବା ପରେ ମହୋତ୍ସବ ସ୍ଥଳରେ ପହଞ୍ଚିବା ପାଇଁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ସନ୍ଧ୍ୟାରେ ସଭା ସରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ପାଇଁ ପ୍ରସ୍ତାବ ଗୃହୀତ କରାଯାଇଥିଲା। ସଭାରେ ପରିଷଦର ସମ୍ପାଦକ ତଥା ଆଇନଜୀବି କୁରେଶୁ ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଗତବର୍ଷ ର କରାଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ ।

## ଜିଲ୍ଲାସ୍ତରୀୟ ଅମଲାଙ୍କ କ୍ୟାଡରର ହେବ ପୁନର୍ଗଠନ

**ନବରଙ୍ଗପୁର,୪।୧।(ସଂଚାର ବ୍ୟୁରୋ):** ଜିଲ୍ଲା ସ୍ତରରେ ବିଭିନ୍ନ ବିଭାଗ ଅଧୀନରେ କାର୍ଯ୍ୟରତ ଅମଲାଙ୍କ କ୍ୟାଡରର ହେବ ପୁନର୍ଗଠନ। ଏଥିପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ବିଭାଗୀୟ ମୁଖ୍ୟ, ଆରଡିସି ଏବଂ ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଏହି କ୍ୟାଡର ପୁନର୍ଗଠନ ପ୍ରକ୍ରିୟା ୨ ମାସ ମଧରେ ସାରିବାକୁ କୁହାଯାଇଛି। ଅପରପକ୍ଷେ ଯେଉଁ ବିଭାଗ ଏଯାବତ୍ କ୍ୟାଡର ପୁନର୍ଗଠନ କରିନାହାନ୍ତି, ସେହି ବିଭାଗର କର୍ମଚାରୀମାନେ ମଧ ପଦୋନ୍ନତି ପାଇଁ ବିବେଚିତ ହେବେ। ପୁନର୍ଗଠିତ କ୍ୟାଡର ନିୟମାବଳୀ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ପଦୋନ୍ନତି କମିଟି(ଡିପିସି) ର ସୁପାରିଶ ଆଧାରରେ ଜିଲ୍ଲା ସ୍ତରୀୟ ଅମଲା କ୍ୟାଡର ନିୟମାବଳୀ ୨୦୧୯ କୁ ଭିତ୍ତିକରି କର୍ମଚାରୀଙ୍କ ପଦୋନ୍ନତି ପ୍ରକ୍ରିୟା ସମ୍ପାଦିତ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ ଯେ, ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ଅମଲା ମାନଙ୍କର ପଦବୀ ପୁନର୍ଗଠନ ନିମନ୍ତେ ରାଜ୍ୟ ସରକାରଙ୍କ ପତ୍ର ସଂଖ୍ୟା ୮୮୯୮ ତାରିଖଃ- ୧୫-୦୩-୨୦୨୪ ପ୍ରକାରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପର ଠାରୁ ଦୀର୍ଘ ଦିନ ହେଲା ଅମଲାମାନଙ୍କ ପଦୋନ୍ନତି ସ୍ଥଗିତ ହୋଇ ରହିଥିଲା। ଯଦ୍ୱାରା କି ଅନେକ ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ଅମଲା ମାନଙ୍କର ପଦୋନ୍ନତି ସ୍ଥଗିତ ହୋଇ ରହିବା ଦ୍ୱାରା ଅନେକ ଅମଲା ବିନା ପଦୋନ୍ନତିରେ ଅବସର ମଧ ଗ୍ରହଣ କରିଥିଲେ। ଏହାଦ୍ୱାରା ଆର୍ଥିକ କ୍ଷତି ମଧ ଅମଲା ମାନଙ୍କୁ ସହିବାକୁ ପଡୁଥିଲା। ଏହି ବିଷୟରେ ଓଡ଼ିଶା ରାଜସ୍ୱ ଅମଲା ସଂଘର ନେତୃବୃନ୍ଦ ଅନେକ ଥର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜସ୍ୱ ମନ୍ତ୍ରୀ ଏହି ଦାବିକୁ ବିଚାରକୁ ନେଇ ନୂଆ କ୍ୟାଡର ପୁନର୍ଗଠନ ହେବା ପର୍ଯ୍ୟନ୍ତ ପୁରୁଣା କ୍ୟାଡର ଆଧାରରେ ଯୋଗ୍ୟ କର୍ମଚାରୀଙ୍କ ପଦୋନ୍ନତି ପାଇଁ ସାଧାରଣ ପ୍ରଶାସନ ବିଭାଗ ସହ ଆଲୋଚନା କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହି ବିଷୟକୁ ରାଜ୍ୟ ସରକାର ଗୁରୁତ୍ୱର ସହିତ ବିଚାର କରି ଗତ ୦୨-୧୨-୨୦୨୫ ତାରିଖ ରେ ମାନ୍ୟବର ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ, ଶ୍ରୀଯୁକ୍ତ ସୁରେଶ ପୂଜାରୀଙ୍କ ଅଧକ୍ଷତା ରେ ଏକ ବୈଠକର ଆୟୋଜନ କରିଥିଲେ।

## ନୂତନ ଥାନାଧିକାରୀଙ୍କୁ ସାକ୍ଷାତ କଲେ ପାଟଣା ପ୍ରେସ୍‌କ୍ଲବ ସଦସ୍ୟ

**କେନ୍ଦୁଝର,୪।୧(ସଂଚାର ବ୍ୟୁରୋ):** ପାଟଣା ଥାନାରେ ନୂତନ ଥାନାଧିକାରୀ ଭାବେ କିରଣ ପ୍ରସାଦ ସାହୁ କାର୍ଯ୍ୟରେ ଯୋଗ କରିଛନ୍ତି। ଏହି ଅବସରରେ ଆଜି ପାଟଣା ପ୍ରେସ୍‌କ୍ଲବର ସଭାପତି କିଶୋର ଚନ୍ଦ୍ର ମହାନ୍ତ ଓ ସମ୍ପାଦକ ବିଜୟ ରତ୍ନ ପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନୂତନ ଥାନାଧିକାରୀ କିରଣ ପ୍ରସାଦ ସାହୁଙ୍କୁ ପାଟଣା ଥାନାକୁ ଯାଇ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି। ଆଇନ ଶୃଙ୍ଖଳା ରକ୍ଷା, ବିଭିନ୍ନ ସାମାଜିକ, ଅସାମାଜିକ କାର୍ଯ୍ୟ କଳାପ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

## ଦିଗପହଣ୍ଡି ଦୁର୍ଘଟଣା ; ଆହତଙ୍କୁ ଭେଟିଲେ ପରିବହନ ମନ୍ତ୍ରୀ

**ରେଡ୍‌କ୍ରସ ପାଣ୍ଠିରୁ ସହାୟତା ଘୋଷଣା**

**ଦିଗପହଣ୍ଡି,୪।୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି — ଚିକିଟି ମୁଖ୍ୟରାସ୍ତାର ଝାଟିପିଟିଆ ଗ୍ରାମ ନିକଟରେ ରବିବାର ସକାଳ ପ୍ରାୟ ୯ ଟାରେ ଯାତ୍ରୀବାହୀ ମିନିବସ ନଂ(ଓ ଆର ୦୭ ଜେ — ୩୩୩୮) ସହ ଶୁଖୁଆ ବୋଝେଇ ପିକ୍ ଅପ୍ ଭ୍ୟାନ ନଂ. ଓଡ଼ି୧୭ ଏଏଫ୍ -୮୨୦୭) ମୁହାଁ ମୁହିଁ ଧକ୍କା ହେବାରୁ ୩୧ ଜଣ ଆହତ ହୋଇଥିଲେ। ଆହତ ମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ୮ ଡାକ୍ତର ନିଯୁକ୍ତ ଥିବା ସତ୍ତ୍ୱେ କେବଳ ଦନ୍ତ ଚିକିତ୍ସକ ଡ଼ା.ଅଜିତ କୁମାର ରଥ ଉପସ୍ଥିତ ଥିବାରୁ ଦିଗପହଣ୍ଡି ଏନଏସି ଉପାଧକ୍ଷା ପ୍ରତିନିଧି କେ. କୁନା ପ୍ରମୁଖ ବହୁ ସଂଖ୍ୟକ ସାମାଜିକ କର୍ମୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହୋ ହଲ୍ଲା କରିଥିଲେ । ଆହତ ମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ୭ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା କୁ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ଖଣି,ଇସ୍ପାତ,ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର, ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତି ଭାସନ, ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର ବଡ଼ ଡାକ୍ତରଖାନାରେ ପହଞ୍ଚି ଚିକିତ୍ସାଧୀନ ଆହତମାନଙ୍କୁ ଭେଟି ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଜିଲାପାଳ ଗୁରୁତର ଆହତ ମାନଙ୍କୁ ୩୦ ହଜାର ଏବଂ ଅନ୍ୟ ଆହତ ମାନଙ୍କୁ ୨୦ ହଜାର ଟଙ୍କା ରେଡକ୍ରସ ପାଣ୍ଠିରୁ ଅନୁକମ୍ପା ମୂଳକ ଚିକିତ୍ସା ସହାୟତା ଦିଆଯିବ ବୋଲି ଘୋଷଣା କରିଥିବା ଜଣାପଡିଛି ।

SANCHAR
ସଂଚାର
ସୋମବାର ୫ ଜାନୁଆରୀ ୨୦୨୬
ସ୍ୱାସ୍ଥ୍ୟ

# କିଡନୀକୁ ନେଇ ଚିନ୍ତିତ ରହୁଛନ୍ତି କି



କିଡନୀ ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଯାହା ଆମ ରକ୍ତକୁ ଶୁଦ୍ଧ କରିବା ସହ ଶରୀରରୁ ଅପରିଷ୍କାର ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। କିନ୍ତୁ ଦୂଷିତ ଖାଦ୍ୟ ପାନୀୟର ସେବନ କରି ଆମେ ଆମ କିଡନୀକୁ ଖରାପ କରିଥାଉ। ତେବେ ଏହାକୁ କାର୍ଯ୍ୟକ୍ଷମ ଏବଂ ସୁସ୍ଥ ରଖିବା ପାଇଁ କଣ କରିବା ଆସନ୍ତୁ ଜାଣିବା। ଆପଣ ଯଦି ନିଜ କିଡନୀକୁ ସଫା ରଖିବାର ଚାହୁଁଛନ୍ତି ତେବେ ପ୍ରଚୁର ପାଣି ପିଅନ୍ତୁ। ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ଆପଣଙ୍କ ବିଷାକ୍ତ ପଦାର୍ଥ ପରିସ୍ରା ମାଧ୍ୟମରେ ବାହାରି ଯାଇଥାଏ। ଏହା କିଡନୀରେ ପଥର ହେବା ଆଶଙ୍କାକୁ ମଧ୍ୟ ବହୁତ ହ୍ରାସ କରିଥାଏ।

ଲୁଣ ଏବଂ ଚିନିକୁ ନିୟନ୍ତ୍ରଣ କରନ୍ତୁ: ଖାଦ୍ୟରେ ଲୁଣ ମିଶାଇ ଖାଇବା ଦ୍ୱାରା ଏହା କିଡନୀ ପାଇଁ ବିପଦ ସୃଷ୍ଟି କରିଥାଏ। ଅତ୍ୟଧିକ ଲୁଣ ରକ୍ତଚାପ ବୃଦ୍ଧି କରେ ଯାହା ସିଧାସଳଖ କିଡନୀର ଶିରାକୁ ପ୍ରଭାବିତ କରେ। ସେହିପରି ଅତ୍ୟଧିକ ଚିନି ସେବନ କରିବା ଦ୍ୱାରା ମଧୁମେହ ହେବାର ଆଶଙ୍କା ଦେଖାଦେଇଥାଏ ଯାହାକୁ କିଡନୀ କ୍ଷତିର ସବୁଠାରୁ ବଡ କାରଣ ବୋଲି ବିବେଚନା କରାଯାଏ। ସରଳ ଏବଂ କମ୍ ମସଲାଯୁକ୍ତ ଖାଦ୍ୟ କିଡନୀ ପାଇଁ ଭଲ ହୋଇଥାଏ।

ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ: ଲୋକମାନେ ପ୍ରାୟତଃ ସାମାନ୍ୟ ଯନ୍ତ୍ରଣା ପାଇଁ ନିଜେ ଔଷଧ ଖାଇବା ଆରମ୍ଭ କରିଦିଅନ୍ତି। ଏହି ଅଭ୍ୟାସ କିଡନୀ ପାଇଁ ବହୁତ କ୍ଷତିକାରକ ହୋଇଥାଏ। ଡାକ୍ତରଙ୍କ ପରାମର୍ଶ ବିନା ବାରମ୍ବାର ଔଷଧ ଖାଇବା ଦ୍ୱାରା କିଡନୀ ଧୀରେ ଧୀରେ କାମ କରିବା ବନ୍ଦ କରିଦେଇଥାଏ।

ସକ୍ରିୟ ଜୀବନଶୈଳୀ ଆପଣାନ୍ତୁ: ଦିନରେ ଅତି କମରେ ଅଧ ଘଣ୍ଟା ଚାଲିବା କିମ୍ବା ଯୋଗ କରିବା କିଡନୀ ପାଇଁ ବହୁତ ଲାଭଦାୟକ ହୋଇଥାଏ। ଯାହାଦ୍ୱାରା ଶରୀରର ଓଜନ ସନ୍ତୁଳିତ ରହିଥାଏ।ଫଳରେ କିଡନୀକୁ ସେମାନଙ୍କର କାର୍ଯ୍ୟ କରିବା ସହଜ ହୋଇଥାଏ। ଏହା ସହିତ ଆପଣଙ୍କ କିଡନୀକୁ ସର୍ବଦା ଭଲ ରଖିବା ପାଇଁ ଆପଣ ବର୍ଷକୁ ଅତି କମରେ ଥରେ କେଏଫଟି ବା (କିଡନୀ ଫଙ୍କସନ୍ ଟେଷ୍ଟ) କରନ୍ତୁ।



# ୨ ଘଣ୍ଟା ଫିଲ୍ମଠାରୁ ବେଶୀ କ୍ଷତିକାରକ ୩୦ ସେକେଣ୍ଡର ରିଲ୍ସ

ପିଲାଠୁ ଆରମ୍ଭ କରି ବୁଢାଯାଏ ପ୍ରାୟ ସମସ୍ତେ ଫୋନ୍‌ରେ ସର୍ଟସ୍ ଭିଡିଓ ଦେଖିବାକୁ ପସନ୍ଦ କରୁଛନ୍ତି। ସତ କଥା ହେଲା ୧୫ ସେକେଣ୍ଡର ଛୋଟ ଭିଡିଓ ପିଲାଙ୍କ ମସ୍ତିଷ୍କ ଉପରେ ୨ ଘଣ୍ଟାର ଫିଲ୍ମଠାରୁ ଅଧିକ ପ୍ରଭାବ ପକାଇଥାଏ। ଚାଲନ୍ତୁ ଜାଣିବା କ୍ଲିନିକାଲ୍ ସାଇକୋଲୋଜିଷ୍ଟ ଡାକ୍ତର ସୁମିତ୍ ଗ୍ରୋଭର୍‌ଙ୍କଠାରୁ ଏ ବିଷୟରେ। ଛୋଟ ଭିଡିଓ ବା ସର୍ଟସ୍‌କୁ ଖାସ୍ ଏମିତି ତିଆରି କରାଯାଇଥାଏ, ଯାହା ତୁରନ୍ତ ପିଲାଙ୍କ ଧ୍ୟାନ ଆକର୍ଷଣ କରିଥାଏ। ତୁରନ୍ତ ବଦଳୁଥିବା ଦୃଶ୍ୟ, ତୀବ୍ର ଆବାଜ୍ ସାଙ୍ଗକୁ ପ୍ରତି ମୁହୂର୍ତ୍ତରେ କିଛି ନୂଆ ଦେଖିବାକୁ ମିଳିଥାଏ। ପିଲାମାନଙ୍କ ମସ୍ତିଷ୍କ ବିକଶିତ ସ୍ଥିତିରେ ରହିଥାଏ, ଯାହା ଧ୍ୟାନକେନ୍ଦ୍ରିତ ଓ ନିଜକୁ ନିୟନ୍ତ୍ରଣରେ ରଖିବା ଶିଖୁଥାଏ। ଏହି ସ୍ଥିତିରେ ଏଭଳି ତୀବ୍ର ଆବାଜ୍ ସାଙ୍ଗକୁ ଉତ୍ତେଜନା ପିଲାଙ୍କ ମସ୍ତିଷ୍କ ଉପରେ ଅତ୍ୟଧିକ ଚାପ ପକାଇଥାଏ। ପ୍ରତ୍ୟେକ ଛୋଟ କ୍ଲିପ୍ ସେମାନଙ୍କୁ ବିନା କୌଣସି ପରିଶ୍ରମରେ ତୁରନ୍ତ ଉତ୍ସାହ ଓ ମଜା ଦେଇଥାଏ। ତେଣୁ ଏହା ସେମାନଙ୍କ ମନରେ ବିନା ପରିଶ୍ରମରେ ତୁରନ୍ତ ପୁରସ୍କାର ପାଇବାର ଆଶା ଓ ଅଭ୍ୟାସରେ ପଡିଯାଇଥାଏ। ୧୫ ସେକେଣ୍ଡର ଭିଡିଓ କେବଳ ଧ୍ୟାନ ହଟାଉଥିବା ବେଳେ ୨ ଘଣ୍ଟାର ଫିଲ୍ମ ପୁରା କାହାଣୀ ବୟାନ କରିଥାଏ। ଫିଲ୍ମ ପିଲାମାନଙ୍କୁ ଧୈର୍ଯ୍ୟର ସହ ବସିବା ଓ ଦୀର୍ଘ ସମୟ ଯାଏ ଧ୍ୟାନକେନ୍ଦ୍ରିତ କରିବା ଶିଖାଇଥାଏ। ଫିଲ୍ମ ପିଲାଙ୍କୁ କାହାଣୀ ସହ ଯୋଡ଼ିବା ଓ ଭାବନାତ୍ମକ ବିକାଶ କରାଇବାରେ ବାଟ ଦେଇଥାଏ। କିନ୍ତୁ ଛୋଟ ଛୋଟ ସର୍ଟସ୍‌ରେ କୌଣସି କାହାଣୀର ଗଭୀର ଅର୍ଥ ରହି ନଥାଏ। ସର୍ଟସ୍ ଭିଡିଓ ବାସ୍ତବ ଦୁନିଆରେ ବିଭିନ୍ନ କାମକୁ ପ୍ରଭାବିତ କରିଥାଏ। ଏହା ପିଲାମାନଙ୍କୁ କେବଳ ତୁରନ୍ତ ମନୋରଞ୍ଜନ ଅଭ୍ୟାସ ପକାଇଥାଏ, ବରଂ ବହି ପଢିବା, ହୋମୱାର୍କ କରିବା କିମ୍ବା ପରିବାର ସହ କଥାବାର୍ତ୍ତା କରିବା ଆଦିଠାରେ ଦୂରେଇ ରଖିଥାଏ ।



# ଶୀତଦିନେ ଫେସ୍ ଡ୍ରାଏ ହେଉଛି କି?



ଶୀତଦିନେ ତ୍ୱଚାର ଯତ୍ନ ନେବା ବହୁତ ଜରୁରୀ ହୋଇଥାଏ କାରଣ ଏହି ଋତୁରେ ତ୍ୱଚା ଅଧିକ ଶୁଷ୍କ ହେବା ସହ ଏହାର ଚମକ ହ୍ରାସ ପାଇଥାଏ। ଶୀତ ଦିନରେ ସବୁଠୁ ବଡ ସମସ୍ୟା ହେଉଛି ଡ୍ରାଏ ସ୍କିନ। ଯଦି ଆପଣ ଥଣ୍ଡାରେ ହେଉଥିବା ତ୍ୱଚା ସମ୍ବନ୍ଧିତ ସମସ୍ୟା ଯଥା ରୁକ୍ଷ ତ୍ୱଚା ଭଳି ସମସ୍ୟାକୁ ଭାବି ଭାବି ଚିନ୍ତିତ ହେଉଛନ୍ତି ତେବେ ଆପଣଙ୍କୁ ଏହା ପାଇଁ ଚିନ୍ତିତ ହେବା ଆବଶ୍ୟକ ନାହିଁ। କାରଣ ଆଜି ଆମେ ଆପଣଙ୍କର ଏହି ସମସ୍ୟାକୁ ଦୂର କରିବାକୁ ଯାଉଛୁ। ଏଥିପାଇଁ ଆପଣଙ୍କୁ କେବଳ କିଛି ଘରୋଇ ଜିନିଷର ବ୍ୟବହାର କରିବାକୁ ପଡିବ। କିଛି ଘରୋଇ ଜିନିଷରେ ତିଆରି ଫେସ୍ ପ୍ୟାକ୍ ବ୍ୟବହାର କରି ଆପଣ ନିଜ ତ୍ୱଚାକୁ ନରମ ଏବଂ ଚମକଦାର କରିପାରିବେ। ତେବେ ଆସନ୍ତୁ ଜାଣିବା ସେହି ଫେସ୍ ପ୍ୟାକ୍ ବିଷୟରେ ଯାହା ଶୀତଦିନେ ଆପଣଙ୍କ ତ୍ୱଚାକୁ ମଶ୍ଚରାଇଜ୍ କରିବା ପାଇଁ କାମ କରିବ।

ମହୁ ଏବଂ ହଳଦୀ: ଉଭୟ ମହୁ ଏବଂ ହଳଦୀ ହେଉଛି ବହୁତ ଉପକାରୀ ଜିନିଷ। ଏଥିପାଇଁ ମହୁରେ କିଛି ହଳଦୀ ମିଶାନ୍ତୁ। ସେଥିପାଇଁ ଆପଣଙ୍କୁ ଏହି ମିଶ୍ରଣକୁ ୧୫ ରୁ ୨୦ ମିନିଟ୍ ପାଇଁ ଆପଣଙ୍କ ମୁହଁରେ ଲଗାଇବାକୁ ପଡିବ ଏବଂ ତା'ପରେ ମୁହଁ ଧୋଇବାକୁ ପଡିବ। ଏହି ଫେସ୍ ପ୍ୟାକ୍ ସାହାଯ୍ୟରେ ଆପଣଙ୍କ ଚେହେରାରୁ ଦାଗ ଦୂର ହେବା ସହ ଚମକ ମଧ୍ୟ ଫେରି ଆସିବ। ଯଦି ଆପଣ ଏହି ସବୁ ସ୍କିନ୍ ସମସ୍ୟାରୁ ରକ୍ଷା ପାଇବା ପାଇଁ ଚେଷ୍ଟା କରୁଛନ୍ତି, ତାହେଲେ ଏହି ୩ଟି ଫେସ୍ ପ୍ୟାକ୍ ବ୍ୟବହାର କରିପାରିବେ। ଯାହା ଆପଣଙ୍କ ସ୍କିନ୍ ପାଇଁ ବେଶ୍ ଲାଭଦାୟକ ହେବ।

ଆଳୁ ରସରେ ଫେସ୍ ପ୍ୟାକ୍: ଆଳୁରେ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ ଯାହା ସ୍କିନ୍‌କୁ ଭଲ ରଖିବାରେ ସାହାଯ୍ୟ କରିଥାଏ। ମୁହଁରେ ଆଳୁ ରସ ଲଗାଇବା ଦ୍ୱାରା ତ୍ୱଚାର ଅନେକ ସମସ୍ୟା ଦୂର ହୋଇଥାଏ ଏବଂ ସ୍କିନ୍‌କୁ ଚମକାଇଥାଏ। ତେବେ ଆପଣ ଆଳୁକୁ ଫେସ୍ ପ୍ୟାକ୍ ଭାବରେ ବ୍ୟବହାର କରିପାରିବେ। ଏଥିପାଇଁ ୧ ଆଳୁକୁ ଗ୍ରେଟ୍ କରିଦିଅନ୍ତୁ। ଏହାପରେ ଆଳୁରେ କିଛି ଲେମ୍ବୁ ରସ, କ୍ଷୀର ଏବଂ ବେସନ ମିଶାନ୍ତୁ। ଏହି ପେଷ୍ଟକୁ ୨୦ ମିନିଟ୍ ପାଇଁ ମୁହଁରେ ଲଗାନ୍ତୁ ଏବଂ ପରେ ଧୋଇ ଦିଅନ୍ତୁ।

କ୍ଷୀର ଏବଂ ବେସନ : ସ୍କିନ୍‌ର ଚମକ ବଢାଇବା ପାଇଁ, ଆପଣ ଗୋଟିଏ ଚାମଚ ବେସନକୁ ଦୁଇ ଚାମଚ କ୍ଷୀରରେ ମିଶାଇ ଆପଣଙ୍କ ମୁହଁରେ ଲଗାଇ ପାରିବେ। କ୍ଷୀର ଏବଂ ବେସନର ମିଶ୍ରଣ ଆପଣଙ୍କ ସ୍କିନ୍‌ର ହଜିଯାଇଥିବା ଚମକକୁ ଫେରାଇ ଆଣିବାରେ ପ୍ରଭାବଶାଳୀ ହୋଇପାରେ। ଏହାକୁ ଲଗାଇବା ପାରେ ମାତ୍ର ୨୦ ମିନିଟ୍ ପରେ ମୁହଁ ଧୋଇ ଦିଅନ୍ତୁ। ଏପରି କିଛି ଦିନ କରନ୍ତୁ ଦେଖିବେ ଆପରଙ୍କ ସ୍କିନ୍ ର ଅନେକ ପ୍ରକାରର ସମସ୍ୟା ଦୂର ହୋଇଯିବ।

# ଚା' ସହିତ ବିସ୍କୁଟ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ



ଭାରତରେ ଅନେକ ଚା' ପ୍ରେମୀ ଅଛନ୍ତି। ଆଉ ଚା' ସହ ଟିକେ ବିସ୍କୁଟ ହେଇଗଲେ ଲୋକଙ୍କ ଜଳଖିଆ ହୋଇଯାଏ। ଅଧିକାଂଶ ଲୋକ ଚା'ରେ ବିସ୍କୁଟ ବୁଡ଼ାଇ ଖାଇବାକୁ ବହୁତ ପସନ୍ଦ କରନ୍ତି। ସେ ସନ୍ଧ୍ୟାର ଚା' ହେଉ କିମ୍ବା ସକାଳର ଜଳଖିଆ ହେଉ, କିଛି ଲୋକ ଏହାକୁ ଖାଇବାକୁ ବହୁତ ପସନ୍ଦ କରନ୍ତି। କିନ୍ତୁ କ'ଣ ଆପଣ ଜାଣନ୍ତି ଏକାଠି ଚା' ବିସ୍କୁଟ ଖାଇବା ଆମ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ହୋଇପାରେ?

ଯଦି ଆପଣ ମଧ ଚା ଏବଂ ବିସ୍କୁଟ ଏକାଠି ଖାଇବାକୁ ପସନ୍ଦ କରନ୍ତି ତେବେ ଏହି ଖବର ଆପଣଙ୍କ ପାଇଁ। ବିସ୍କୁଟରେ ପ୍ରଚୁର ପରିମାଣରେ ରିଫାଇନ୍ଡ ମଇଦା, ଖରାପ ଫ୍ୟାଟ ଏବଂ ଚିନି ରହିବା ସହ ଚା'ରେ ମଧ କଫିନ୍ ଏବଂ ଚିନି ଥାଏ। ତେଣୁ ଯଦି ଆପଣ ଏହାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଖାଆନ୍ତି ତେବେ ଏହାଦ୍ୱାରା ଆପଣ ମୋଟା ହୋଇପାରନ୍ତି। ଆଜି ଆମେ ଆପଣଙ୍କୁ ଚା ଓ ବିସ୍କୁଟର କ୍ଷତିକାରକ ଗୁଣ ବିଷୟରେ ଜଣାଇବୁ। ଏସିଡିଟି ଓ ବ୍ଲୋଟିଂ: ଚା ଓ ବିସ୍କୁଟର ମିଶ୍ରଣ ପେଟ ପାଇଁ ମଧ ଭଲ ନୁହେଁ। ଏହାକୁ ଖାଇବା ଦ୍ୱାରା ଗ୍ୟାସ୍, ଏସିଡିଟି ଏବଂ ବ୍ଲୋଟିଂ ହୋଇଥାଏ। କାରଣ ଏଥିରେ ଥିବା ରିଫାଇନ୍ଡ ମଇଦା, ଚିନି ଓ ଫ୍ୟାଟ ଶୀଘ୍ର ହଜମ ହଜମ ହୁଏ ନାହିଁ ଏବଂ ଏହା ହଜମ ପ୍ରକ୍ରିୟା ଉପରେ ପ୍ରଭାବ ପକାଇଥାଏ।

ସୁଗାର ଲେବଲ ବୃଦ୍ଧି କରେ: ଚା'ରେ କଫିନ୍ ଏବଂ ଚିନି ଥାଏ। ଏଥି ସହିତ ବିସ୍କୁଟରେ ପ୍ରଚୁର ପରିମାଣରେ ରିଫାଇନ୍ଡ ମଇଦା, ଖରାପ ଫ୍ୟାଟ ଏବଂ ଚିନି ରହିଥାଏ। ଏହାକୁ ଖାଇବା ଦ୍ୱାରା ହଠାତ୍ ସୁଗାର ଲେବଲ ବଢ଼ିଯାଏ। ସେଥିପାଇଁ ଡାଇବେଟିସ୍ ଓ ଥାଏରୟଡ ରୋଗୀ ଚା' ବିସ୍କୁଟ ଖାଇବା ଆଦୌ ଉଚିତ ନୁହେଁ।

ମୋଟାପଣ: ଚା-ବିସ୍କୁଟ ଖାଇବା ଦ୍ୱାରା ମଧ ଓଜନ ବଢ଼ିବା ଭଳି ସମସ୍ୟା ଦେଖାଦେଇଥାଏ। ଏହା ଶରୀରକୁ ଅଧିକ ପୋଷକ ତତ୍ତ୍ୱ ଦେଇନଥାଏ କିନ୍ତୁ ଚର୍ବି ଜମା କରିଥାଏ। ଏହା ମେଟାବୋଲିଜିମ୍ କୁ ମଧ ସ୍ଲୋ କରିଦେଇଥାଏ, ଯାହା ଓଜନ ବୃଦ୍ଧି କରିଥାଏ। ଚା' ଏବଂ ବିସ୍କୁଟ ଉଭୟରେ ସୁଗାର ରହିବା କାରଣରୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ କରିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ ଯଦି ଆପଣ ଚା ସହିତ କିଛି ଖାଇବାକୁ ଚାହୁଁଛନ୍ତି, ତେବେ ମଖାନା ହେଉଛି ସର୍ବୋତ୍ତମ ବିକଳ୍ପ। ଏହା ବ୍ୟତୀତ ଆପଣ ଭଜା ବୁଟ, ଚିନାବାଦାମ କିମ୍ବା ଘରେ ପ୍ରସ୍ତୁତ କୌଣସି ସ୍ୱାସ୍ଥ୍ୟକର ଜଳଖିଆ ଖାଇପାରିବେ।

